# କଂଗ୍ରେସର ଜାତୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ : ଦେଶରେ ଅରାଜକତାକୁ ବରଦାସ୍ତ କରାଯିବ ନାହିଁ - ଲଲାଟେନ୍ଦୁ ମହାପାତ୍ର

ଗଞ୍ଜାମ,୨୦/୧୨ (ନି.ପ୍ର): ଯୁବ ପ୍ରତିଭାମାନଙ୍କୁ ଦେଶର ସୁରକ୍ଷା ପାଇଁ ଜାତୀୟ ସ୍ରୋତରେ ସାମିଲ କରିବା ପାଇଁ ଏଆଇସିସିର ନିର୍ଦ୍ଦେଶ କ୍ରମେ ବ୍ରହ୍ମପୁର ଜୋନ ସ୍ତରୀୟ ଜାତୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ବୋଲି ପୂର୍ବତନ ବିଧାୟକ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି ଲଲାଟେନ୍ଦୁ ମହାପାତ୍ର ପ୍ରକାଶ କରିଛନ୍ତି । ଶ୍ରୀ ମହାପାତ୍ର ବର୍ତମାନ ଦେଶରେ ସାମ୍ବିଧାନିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭୁଷୁଡ଼ି ଯାଇଛି ଏବଂ ଦେଶରେ ଏକଛତ୍ରବାଦ ଶାସନ ଚାଲିଛି। ଦେଶର ସୁରକ୍ଷା ପାଇଁ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଦେଶସାରା ଜୋରଦାର ଲଢ଼େଇର ଆବଶ୍ୟକତା ରହିଛି ବୋଲି କହିଥିଲେ । ବ୍ରହ୍ମପୁର କଂଗ୍ରେସ ଭବନର ବାପୁଜୀ ଆଶ୍ରମ ପରିସରରେ ଏହି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟତଃ ଭୋଟ ଚୋରି ଓ ବେକାରୀ ସମସ୍ୟାର ସମାଧାନ ଉପରେ ଉପସ୍ଥିତ ଥିବା ଯୁବ ପ୍ରତିଭାମାନେ ତର୍କ ବିତର୍କ କରିଥିଲେ । ବିଚାରକ ଭାବେ ଦକ୍ଷିଣାଂଚଳ ଜୋନ ସଂଯୋଜକ ଭୁକଲି ସେଠୀ ଏବଂ ବରିଷ୍ଠ ସାମ୍ବାଦିକ ରବି ରଥ ଯୋଗ ଦେଇଥିଲେ। ଏହି ଅବସରରେ କେନ୍ଦ୍ର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିବା ଗଞ୍ଜାମ, କନ୍ଧମାଳ ଜିଲ୍ଲାର ୧୨ ଜଣ ଶିକ୍ଷିତ ଯୁବ ପ୍ରତିଭା ଅଂଶଗ୍ରହଣ କରିଥିଲେ। ଦକ୍ଷିଣାଂଚଳ ଜୋନ୍ ନିମନ୍ତେ କଂଗ୍ରେସ ମୁଖପାତ୍ର ପାଇଁ ଦକ୍ଷ, ପ୍ରତିଭା ସମ୍ପନ୍ନ ଯୁବପିଢ଼ିଙ୍କୁ ଚୟନ ପାଇଁ ସାରା ଦେଶରେ ଏହି କାର୍ଯ୍ୟକ୍ରମ ଜାରି ରହିଛି ବୋଲି ଦକ୍ଷିଣାଂଚଳ ଜୋନ୍ ସଂଯୋଜକ ତଥା ବିଚାରକ ଭୁକାଲି ସେଠୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗୋପାଳପୁରର ପୂର୍ବତନ ବିଧାୟକ ଡ଼ା. ତ୍ରିନାଥ ବେହେରା, ବିକ୍ରମ ପୁରୋହିତ, ଆଦିତ୍ୟ କୁମାର ସ୍ୱାଇଁ, ଯୋଗେଶ, ହୀନା କୁମାରୀ ଲିମା (ଗଜପତି), ତତ୍‌ସତ୍ ସୁବୁଦ୍ଧି, ରାମ ନାରାୟଣ ବିଶ୍ୱାସରାୟ, ମୃତ୍ୟୁଞ୍ଜୟ ସାହୁ, କୃଷ୍ଣପ୍ରିୟା ପ୍ରଧାନ (କନ୍ଧମାଳ), ଦତାତ୍ରୟ ବେହେରା, ଯଜ୍ଞ ପ୍ରସାଦ ବେହେରା, ଧରଣୀଧର ବେହେରା, ସିଦ୍ଧାର୍ଥ ଗୌତମ ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇ ଆଗାମୀ ଦିନରେ କଂଗ୍ରେସ ସଂଗଠନକୁ କ୍ରିୟାଶୀଳ କରିବା ପାଇଁ ପ୍ରକାଶ କରିଥିଲେ ।

# ମରଣଯନ୍ତା ପାଲଟିଛି ଚମ୍ପୁଆ-ରିମୁଳି ଏନଏଚ-୨୦

ଚମ୍ପୁଆ,୨୦/୧୨ (ନି.ପ୍ର): ଚମ୍ପୁଆ-ରିମୁଳି ୨୦ ନମ୍ବର ଜାତୀୟ ରାଜପଥ ଏବେ ମରଣ ଯନ୍ତା ପାଲଟିଛି। ଖାଲଖମା ଭରା ରାସ୍ତା ପାଇଁ ଏଠି ଜୀବନ ଶସ୍ତା ହେବାର ପରିଲକ୍ଷିତ ହେଉଛି । ଜାତୀୟ ରାଜପଥ ରିମୁଳି ଠାରୁ ଚମ୍ପୁଆ ଏନଏଚ ୨୦ରେ ସାମିଲ ହେବା ପରେ ରାସ୍ତାର କିଛି ବିକାଶ ହେବା ତ ଦୂରର କଥା ଓଲଟା ଅହରହ ଦୈନିକ ହଜାର ହଜାର ସଂଖ୍ୟାରେ ଲୁହା ପଥର ବୋଝେଇ ଟ୍ରକ ଚାଲିବା ଫଳରେ ଅସ୍ତବ୍ୟସ୍ତ ହୋଇପଡିଛି ଜନ ଜୀବନ । ଏହି ବ୍ୟସ୍ତ ବହୁଳ ରାସ୍ତା ୧୯୯୭-୯୮ ମସିହାରେ ପାଣିକୋଇଲି ଠାରୁ ରାଂଚି ଏନଏଚ ୨୦ ଘୋଷଣା ହେବା ପରେ ରିମୁଳି ଠାରୁ ଚମ୍ପୁଆ ପନ୍ଦର କିଲୋମିଟର ରାସ୍ତା ଏଥିରେ ସାମିଲ ହେଲା। ମାତ୍ର ଘୋଷଣା କରି ବିଭାଗ ଏହାର ନିର୍ମାଣ କାର୍ଯ୍ୟକୁ ଗୁରୁତ୍ୱ ଦେଉ ନଥିବାରୁ ଯଥା ପୂର୍ବଂ ତଥା ପରଂ ସ୍ଥିତିରେ ରହିଛି ରିମୁଳି -ଚମ୍ପୁଆ ରାସ୍ତା। ପୂର୍ବରୁ ପୂର୍ତ ବିଭାଗ ଅଧିନରେ ଯେପରି ଥିଲା ଏବେ ଜାତୀୟ ରାଜପଥ ମାନ୍ୟତା ପାଇବା ପରେ ମଧ୍ୟ ସେହିପରି ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି । ରାସ୍ତା ସାରା ଖାଲଖମାରେ ପରିପୂର୍ଣ୍ଣ ହୋଇ ମରଣଯନ୍ତା ପାଲଟି ସାରିଥିବା ବେଳେ ଏହି ବିପର୍ଯ୍ୟସ୍ତ ରାସ୍ତା ପାଇଁ ଦୈନିକ ଦୁର୍ଘଟଣା ଘଟୁଛି। ଦୁର୍ଘଟଣାରେ କିଏ ମୃତ୍ୟୁବରଣ କରୁଛି ତ କିଏ ଆହତ ହୋଇ ପଙ୍ଗୁ ପାଲଟି ଯିବାର ପରିଲକ୍ଷିତ ହୋଇଛି । ସତେ ଯେମିତି ମଣିଷ ଜୀବନ ଶସ୍ତା ହୋଇ ଯାଇଛି, ତଥାପି ଜାତୀୟ ରାଜପଥ ବିଭାଗର ଚେତା ପଶୁନାହିଁ। ଜାତୀୟ ରାଜପଥରେ ସାମିଲ ହେବା ପରେ ଏହି ରାସ୍ତାରେ ଦୈନିକ ହଜାର ହଜାର ଭାରିଯାନ ଖଣିଜ ପଦାର୍ଥ ପରିବହନ କରୁଥିବା ବେଳେ ଅଧିକରୁ ଅଧିକ ରାସ୍ତାର ଅବସ୍ଥା ଶୋଚନୀୟ ହେବାରେ ଲାଗିଛି । ଚମ୍ପୁଆ ଉପଖଣ୍ଡର ଏହି ରାସ୍ତା ଲାଇଫ ଲାଇନ ଭାବେ ପରିଚିତ । ଗତବର୍ଷ ଉକ୍ତ ରାସ୍ତା ମରାମତି କରାଯାଇଥିଲେ ହେଁ ରାସ୍ତାର ଉଭୟ ପାର୍ଶ୍ୱରେ ମୋରମ ବଦଳରେ ମାଟି ପକା ଯାଇଥିବାରୁ ରାସ୍ତାର ଅବସ୍ଥା ଆହୁରି ଖରାପ ହୋଇଯାଇଛି । କାରଣ ବର୍ମ ଲାଇନ ବ୍ୟବହାର ଉପଯୋଗୀ ହୋଇନାହିଁ । ଅନ୍ୟପଟେ ଭାରିଯାନ ଚଳାଚଳ ପାଇଁ ରାସ୍ତା ଯାମ ଏକ ନିତି ଦିନିଆ ଘଟଣାରେ ପରିଣତ ହେଉଛି। ରାସ୍ତା ଯାମ ପାଇଁ ଆମ୍ବୁଲାନ୍ସ ସେ୍ୱା ମଧ୍ୟ ପ୍ରଭାବିତ ହେଉଛି । ବେଳେବେଳ ଦୁର୍ଘଟଣା ସହିତ ରାସ୍ତା ଯାମ ସମସ୍ୟା ପାଇଁ ଚମ୍ପୁଆ ସମେତ ଏହି ରାସ୍ତାରେ ନିର୍ଭର କରୁଥିବା ମୟୁରଭଞ୍ଜ, ଝାଡଖଣ୍ଡ ଲୋକଙ୍କ ଜୀବନଯାତ୍ରା ଦୁର୍ବିସହ ହୋଇପଡୁଛି। ବାରମ୍ବାର ରାସ୍ତାର ପ୍ରଶସ୍ତିକରଣ ଦାବୀ ହେଉଥିଲେ ମଧ୍ୟ ଜାତୀୟ ରାଜପଥ କର୍ତୃପକ୍ଷଙ୍କ ନିଦ ଭାଙ୍ଗୁନଥିବା ଦେଖିବାକୁ ମିଳୁଛି । ତୁରନ୍ତ ଏ ଦିଗରେ ଜାତୀୟ ରାଜପଥ ବିଭାଗ ସ୍ୱତନ୍ତ୍ର ଦୃଷ୍ଟିଦେଇ ରାସ୍ତା ନିର୍ମାଣକୁ ତ୍ୱରାନ୍ୱିତ କରିବାକୁ ସାଧାରଣରେ ଦାବୀ ହେଉଛି ।

# ୪୨ତମ ରାଜ୍ୟସ୍ତରୀୟ ସତ୍ୟସାଇ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ : ପଞ୍ଚୁପାଣ୍ଡବକୁ ହରାଇ ଇଲେଭେନଷ୍ଟାର ଯାଜପୁର ଟାଉନ ବିଜୟୀ

ଧର୍ମଶାଳା,୨୦/୧୨ (ନି.ପ୍ର): ଯାଜପୁର ବ୍ଲକ ଝାଲପଡା ପଂଚାୟତ କାକୁଡିକୁଦ-ନୀଳକଣ୍ଠପୁର ସତ୍ୟସାଇ ଖେଳ ପଡିଆରେ ୪୨ ତମ ରାଜ୍ୟ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଘାଟିତ ହୋଇଯାଇଛି । ସତ୍ୟ ସାଇ କ୍ରିକେଟ ଆସୋସିଏସନର ସଭାପତି ପ୍ରିୟନାଥ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ମୁକ୍ତାଦେବୀ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡ. ଅଶୋକ କୁମାର ରାଉତ, ଝାଲପଡା ସରପଂଚ ଭାରତୀ ମଲ୍ଲିକ ଓ ସତ୍ୟ ସାଇ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଖେଳ ଶିକ୍ଷକ ପତିତ ପାବନ ସାମଲ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଖେଳକୁ ଉଦଘାଟନ କରିଥିଲେ । ଉଦ୍‌ଘାଟନୀ ମ୍ୟାଚ ଇଲେଭେନ ଷ୍ଟାର ଯାଜପୁର ଟାଉନ ଓ ଆଂଚଳିକ ଯୁବ ପରିଷଦ ପଂଚୁପାଣ୍ଡବ ମଧ୍ୟରେ ମ୍ୟାଚ ଖେଳା ଯାଇଥିଲା । ପଂଚୁପାଣ୍ଡବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୩୯ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ପ୍ରଜ୍ଞା ପରିଡା ୪୬ ବଲରେ ୬୮ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ବୋଲର ଦିବ୍ୟଜ୍ୟୋତି ଦାସ ୪ ଓଭର ବୋଲିଂ କରି ୨୦ ରନ ଦେଇ ୩ଟି ଉଇକେଟ ଅକ୍ତିଆର କରିଥିଲେ । ୧୪୦ ରନର ବିଜୟ ଲକ୍ଷ୍ୟ ନେଇ ଯାଜପୁର ଟାଉନ ୧୯.୪ ଓଭରରେ ୩ ଉଇକେଟ ହରାଇ ବିଜୟ ଲାଭ କରିଥିଲା । ଦଳ ପକ୍ଷରୁ ସୁହାସିଶ ଜେନା ସର୍ବାଧିକ ୪୬ ବଲରେ ୫୨ ଓ ସରୋଜ ବେହେରା ୪୦ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ବୋଲର ମିଟୁ ମଲ୍ଲିକ ୪ ଓଭର ବୋଲିଂ କରି ୨୨ ରନ ଦେଇ ଏକମାତ୍ର ଉଇକେଟ ନେଇଥିଲେ । ଖେଳ ପରିଚାଳନାରେ ଶରତ ଚନ୍ଦ୍ର ଜେନା ଓ ସୌମ୍ୟ ରଂଜନ ଦାସ ସହଯୋଗ କରିଥିଲେ । ସ୍କୋରର ଭାବେ ସାଇ ପ୍ରବୀର ଓ ବବି ନାରାୟଣ ସେଠୀ ଓ ଭାଷ୍ୟକାର ଭାବେ ସୁମନ ସାହୁ ଓ ଇମ୍ରାନ ଖାଁ ସହଯୋଗ କରିଥିଲେ ।

ଆଜି ମ୍ୟାଚରେ ରଘୁନାଥ ଜେନା, ମାଧବାନନ୍ଦ ଜେନା, ହେମନ୍ତ ସାହୁ, ରଂଜିତ ନାୟକ, ଦିଲ୍ଲୀପ ଜେନା, ଉତ୍କଳ ଜେନା, ନିରଞ୍ଜନ ଜେନା, ସୁନିଲ ଜେନା, କବି ଚନ୍ଦ୍ର ସାହୁ, ପ୍ରଭାକର ସାହୁ, ଶୁକଦେବ ବିଶ୍ୱାଳ ଓ ସତ୍ୟସାଇ ସେବା ସମିତିର ସମସ୍ତ ସଭ୍ୟ ସହଯୋଗ କରିଥିଲେ । ଶନିବାର ବାର ଦିନ ମା'ବାଟ ମଙ୍ଗଳା କ୍ରିକେଟ ଟିମ୍ ଗୋଲକୁଣ୍ଡ ଓ ଆୟୋଜକ ସତ୍ୟ ସାଇ କ୍ରିକେଟ ଟିମ୍ କାକୁଡିକୁଦ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି ।

# ଆର୍ଥିକ ସଚେତନତା ଓ ବିନିଯୋଗମୂଳକ ମନୋବିଜ୍ଞାନ ଉପରେ ଅଭିମୁଖୀକରଣ କାର୍ଯ୍ୟକ୍ରମ

ନୂଆପଡ଼ା,୨୦/୧୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପିଏମ ଉଷା ଯୋଜନା ଅଧୀନରେ ଆର୍ଥିକ ସଚେତନତା ଓ ବିନିଯୋଗମୂଳକ ମନୋବିଜ୍ଞାନ ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ ଅଭିମୁଖୀକରଣ କାର୍ଯ୍ୟକ୍ରମ ଆଜି ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମଟି ମହାବିଦ୍ୟାଳୟର ଅର୍ଥନୀତି ଓ ବାଣିଜ୍ୟ ବିଭାଗ ଦ୍ୱାରା ଆନ୍ତରିକ ଗୁଣମାନ ନିଷ୍ଚିତି କୋଷର ସହଯୋଗରେ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଅଧକ୍ଷତା କରି ଛାତ୍ରଛାତ୍ରୀ ମାନଙ୍କୁ 'ଆର୍ଥିକ ସାକ୍ଷରତା' - ଆଧୁନିକ ଜୀବନର ଏକ ଅତ୍ୟାବଶ୍ୟକ ଦକ୍ଷତା ଭାବେ ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ଯୁକ୍ତ ଦୁଇ ଅଧକ୍ଷ ଡ଼. ରଣବୀର ସିଂହ ଦୀର୍ଘମିଆଦି ଆର୍ଥିକ ଯୋଜନା ଓ ସଂଯମିତ ବିନିଯୋଗ ଆଚରଣର ଗୁରୁତ୍ୱ ଉପରେ ମତ ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଂଯୋଜକ ଗୁଣବନ୍ତ ସାହୁ କହିଥିଲେ ଯେ ଏହି ଅଭିମୁଖୀକରଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଛାତ୍ରଛାତ୍ରୀମାନଙ୍କୁ କେବଳ ଆର୍ଥିକ ତଥ୍ୟ ଦେବା ନୁହେଁ, ବରଂ ସଠିକ୍ ଆର୍ଥିକ ନିଷ୍ପତି ନେବା ପାଇଁ ମନସିକ ଭାବେ ପ୍ରସ୍ତୁତ କରିବା। କ୍ୟାପଟେନ ଡ଼. ବିଷ୍ଣୁ ଦେବ ସିଂହ ମଲ୍ଲିକ ଏପରି କାର୍ଯ୍ୟକ୍ରମ ଶିକ୍ଷା ଓ ପ୍ରୟୋଗ ମଧ୍ୟରେ ସେତୁ ଭାବେ କାମ କରେ ବୋଲି ଉଲ୍ଲେଖ କରିଥିଲେ। ମୁଖ୍ୟ ବକ୍ତା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ପ୍ରବନ୍ଧକ ଦିନେଶ କୁମାର ମିଶ୍ର ଏବଂ ସହଯୋଗୀ ଅଂଚଳ ପରିଚାଳକ ଅଜିତ କୁମାର ପଟ୍ଟନାୟକ, ପରିଚାଳିକା ପୌଲମୀ ଗୁପ୍ତା, ସୁଜିତ କୁମାର ସାହୁ, ମିଯୋଗ ପାତ୍ର ପ୍ରମୁଖ ଆର୍ଥିକ ସଚେତନତା ଓ ବିନିଯୋଗ ମନୋବିଜ୍ଞାନର ମୂଳ ଧାରଣା ଉପରେ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ବିନିଯୋଗର ସଫଳତା କେବଳ ବଜାର ଚଳାଚଳ ଉପରେ ନିର୍ଭର କରେ ନାହିଁ, ବରଂ ନିବେଶକଙ୍କ ମନୋଭାବ, ଭୟ, ଲୋଭ ଓ ଅତିଆତ୍ମବିଶ୍ୱାସ ଭଳି ମନୋବୃତିଗତ ତତ୍ୱ ଦ୍ୱାରା ମଧ୍ୟ ପ୍ରଭାବିତ ହୁଏ। ଏହି ପ୍ରସଙ୍ଗରେ ସେ ଯୁବପିଢ଼ିଙ୍କୁ ଆରମ୍ଭରୁ ସଂଚୟ ଅଭ୍ୟାସ, ଝୁଲାଣି ବିତରଣ ଓ ଦୀର୍ଘମିଆଦି ଆର୍ଥିକ ଲକ୍ଷ୍ୟ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀମାନେ ନିଜ ଆର୍ଥିକ ଭବିଷ୍ୟତ, କ୍ୟାରିଅର ଯୋଜନା ଓ ସୁରକ୍ଷିତ ବିନିଯୋଗ ସମ୍ପର୍କରେ ସନ୍ତୋଷଜନକ ଧାରଣା ନେଇଥିଲେ। ଏହି ସଚେତନତାମୂଳକ କାର୍ଯ୍ୟକ୍ରମରେ ପୂର୍ବତନ ଅଧକ୍ଷ ପ୍ରାଧ୍ୟାପକ ଡଃ. ତରୁଣ କୁମାର ପ୍ରଧାନ, ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ସୁନୀଲ କୁମାର ପାଢୀ, ଅଧ୍ୟାପିକା ଡଃ. ଗୀତାଶ୍ରୀ ପ୍ରିୟମ୍ବଦା, ଅଧ୍ୟାପକ ଚିତ ରଞ୍ଜନ ଜେନା, ଅଧ୍ୟାପକ ଡଃ. ରାଜ କୁମାର ରତେ, ଅଧ୍ୟାପିକା ରାଜେଶ୍ୱରୀ କରୁଁଆ, ଅଧ୍ୟାପକ ମୌସମ ପ୍ରଧାନ, ଅଧ୍ୟାପକ ମୃତ୍ୟୁଞ୍ଜୟ ମେହେର, ଅଧ୍ୟାପକ ହରିହର ବେଶରା, ଅଧ୍ୟାପକ ରୂପବନ୍ତ ଭୋଇ, ଅଧ୍ୟାପକ ଶୁଭେନ୍ଦୁ ନିଆଲ, ଅଧ୍ୟାପକ ଡଃ. ଶୁଭ୍ରାଂସିସ ବାରିକ, ଅଧ୍ୟାପିକା ପ୍ରଣତି ପଣ୍ଡା, ଅଧ୍ୟାପିକା ଶିଲା ତ୍ରିବେଦୀ, ଅଧ୍ୟାପକ ଚୈତନ୍ୟ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ । ଶେଷରେ ପିଏମ ଉଷାର ନୋଡାଲ ଅଫିସର ହରନାମ ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମାଲବୋଝେଇ ଟ୍ରେନ ଲାଇନରୁ ଖସିପଡ଼ି ଦୁର୍ଘଟଣା ଗ୍ରସ୍ତ

କେନ୍ଦୁଝର,୨୦/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ସୀମାନ୍ତ ଖଣି ଅଞ୍ଚଳ ବଲାଣି ଖାଦାନ ରେଲ ଷ୍ଟେସନ ର ରୁଙ୍ଗଟା ପ୍ରାଇଭେଟ୍ ସାଇଡିଂରେ ଶୁକ୍ରବାର ଦିନ ସକାଳୁ ଏକ ମାଲବୋଝେଇ ଟ୍ରେନ ଲାଇନରୁ ଖସିପଡ଼ି ଦୁର୍ଘଟଣା ଗ୍ରସ୍ତ ହୋଇଛି । ଟ୍ରେନଟି ବିନା ଇଞ୍ଜିନ ସାହାଯ୍ୟରେ ଗଡିଯିବାରୁ ଚକ ଲାଇନ ବାହାରକୁ ଚାଲିଯାଇଥିଲା ଫଳରେ ଟ୍ରେନର ବ୍ରେକଭେନ୍ ସହ ଦୁଇଟ୍ରେନ୍ ବଗି ଲାଇନଚ୍ୟୁତ ହୋଇଥିଲା ।ସୂଚନା ଯୋଗ୍ୟ ଯେ ଚକ୍ରଧରପୁର ଡିଭିଜନରେ ଥିବା ବଲାଣି ଖଦାନର ରୁଙ୍ଗଟା ପ୍ରାଇଭେଟ୍ ସାଇଡିଂରେ କିଛିଦିନ ପୂର୍ବେ ଟ୍ରେନଟି ଲୌହଗୁଣ୍ଡ କଞ୍ଚାମାଲ ବୋଝେଇ ହୋଇ ଛିଡ଼ା ହୋଇଥିଲା । ଶୁକ୍ରବାର ଦିନ ସକାଳ ସମୟରେ ଏକ ଇଞ୍ଜିନ ଲଗାଇ ଟାଣିବାପାଇଁ ପ୍ରସ୍ତୁତ ହେଉଥିବା ବେଳେ ବିନା ଇଞ୍ଜିନରେ କିଛିବାଟ ପଛକୁ ଚାଲିଯାଇ ଏକ କାନ୍ଥଧାରରେ ଲାଗି ଅଟକି ରହିଯାଇଛି, ଫଳରେ ଏକ ବଡ଼ ଅଘଟଣ ଦାଉରୁ ରକ୍ଷା ପାଇଯାଇଛି, ତେବେ ଏପରି ଅଘଟଣ କିପରି ଘଟିଲା ତାହା ଏଯାଏଁ ଅସ୍ପଷ୍ଟ ରହିଛି ।

## ହରିଚନ୍ଦନପୁର ବ୍ଲକ ମୁଖ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ

କେନ୍ଦୁଝର,୨୦/୧୨ (ନି.ପ୍ର): ହରିଚନ୍ଦନପୁର ବ୍ଲକ ମୁଖ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତେଲକୋଇ ବିଧାୟକ ଡ଼ ଫକିର ଚରଣ ନାଏକ ଯୋଗଦେଇଥିଲେ। ଏହି ମିଶ୍ରଣ ପର୍ବରେ ବୁଢ଼ା ଖମଣ ଓ ମନୋହରପୁର ପଂଚାୟତର ଅନ୍ୟ ଦଳର କର୍ମୀମାନେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକଳାପରେ ମୁଗ୍ଧ ହୋଇ ବହୁସଂଖ୍ୟାରେ ଯୋଗ ଦେଇଥିଲେ। ଏହି ମିଶ୍ରଣ ପର୍ବ ପରେବିଜେପି ଦଳ ଆହୁରି ମଜବୁତ୍ ହେବ ବୋଲି ବିଧାୟକ ଡ଼ ଫକିର ଚରଣ ନାୟକ ପ୍ରକାଶ କରିଛନ୍ତି ।

# ଫେକ୍ ଆପ୍ଲିକେସନରେ ୧ ଲକ୍ଷ ୭ ହଜାର ଟଙ୍କା ଲୁଟ୍

ଜୟପୁର,୨୦/୧୨ (ନି.ପ୍ର): ପୁଲିସ ପକ୍ଷରୁ ସାଇବର ସଚେତନତା କରାଯାଉଥିଲେ ମଧ୍ୟ ଲୋକମାନେ ଟଙ୍କା ଲୋଭରେ ବିଭିନ୍ନ ଆଇଡି ଓ ଆପ ଗୁଡିକ ଲୋଡ କରି ଠକାମିର ଶିକାର ହେଉଛନ୍ତି । ଏହିପରି ଏକ ସାଇବର କ୍ରାଇମ ଠକେଇର ଶିକାର ହୋଇଛନ୍ତି ଜୟପୁର ଗଡିଆ ଧୋବାସାହି ଅଂଚଳର ଯୁବକ। ଏବଂ ଅନ୍ୟଜଣେ ଜୟପୁର ସହରର ଯୁବକ। ଫେକ ଆପ୍ଲିକେସନ ଫାଇଲ ପଠାଇ ୨ ଜଣଙ୍କ ଠାରୁ ୧ ଲକ୍ଷ ୭ ହଜାର ୧୩୯ ଟଙ୍କା ସାଇବର ଲୁଟ ହୋଇଥିବା ନେଇ ସାଇବର ଥାନା ଓ ଟାଉନ ଥାନାରେ ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ଜୟପୁର ଗଡିଆ ଧୋବା ସାହି ଅଂଚଳର ଦେବାଶିଷ ନାୟକ ଲେଖି ଜଣାଇଛନ୍ତି ଯେ, ଗତ ୧୬ ତାରିଖ ଦିନ ସନ୍ଧ୍ୟା ସାଢେ ୬ଟା ସମୟରେ ତାଙ୍କ ମୋବାଇଲକୁ ୮୬୩୭୨୪୦୮୨୪ ନମ୍ବରରେ ଏକ ମେସେଜ ଆସିଥିଲା। ମେସେଜ ପୂର୍ବରୁ ତାଙ୍କୁ ତାଙ୍କ ଯେତେ ଏକାଉଣ୍ଟ ଅଛି ସମସ୍ତ ବ୍ୟାଙ୍କରୁ ଫୋନ ମଧ୍ୟ ଆସିଥିଲା। ଶେଷରେ ଏକ ମେସେଜ ଆସିଲା ଏବଂ ସେ ମେସେଜରେ ଏକ ଆପ୍ଲିକେସନ ଲୋଡ କରିବାକୁ କହିଥିଲେ। ପରେ ବ୍ୟକ୍ତି କଣକ ଆପ୍ଲିକେସନ ଲୋଡ କରିଥିଲେ। ଆପ୍ଲିକେସନ ଲୋଡ କରି ୧୭ ତାରିଖ ଦିନ ଆକାଉଂଟ ଚେକ୍ କରିବା ସମୟରେ ତାଙ୍କ ଆକାଉଂଟରୁ ୯୯୯୬୦/-ଟଙ୍କା କଟିଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ୧୯୩୦ ଟୋଲଫ୍ରି ନମ୍ବରରେ ଫୋନ କରି ଜଣାଇବା ପରେ ବ୍ୟାଙ୍କ ଆକାଉଂଟକୁ ବନ୍ଦ କରି ପୁଲିସ ସନ୍ଧାନ ଜାରି ରଖିଛି। ସେହିପରି ଅନ୍ୟଜଣେ ଜୟପୁର ଅଂଚଳର ଭିକି ପାତ୍ରଙ୍କ ଆକାଉଂଟରୁ ୭,୧୩୯/-ଟଙ୍କା କଟିଥିବା ନେଇ ଟାଉନଥାନାରେ ଅଭିଯୋଗ ହୋଇଛି। ପୁଲିସର କହିବାନୁଯାୟୀ, ଗତ ନଭେମ୍ବର ୩୦ ତାରିଖରେ ଭିକିଙ୍କ ମୋବାଇଲକୁ ଫୋନ କଲ ଅସିଥିଲା। ଆପଣଙ୍କ ଏକାଉଣ୍ଟ ଭଲରେ ବ୍ୟବହାର କରୁଥିବା ଯୋଗୁଁ ଆପଣଙ୍କୁ ବ୍ୟାଙ୍କ ତରଫରୁ ୪୦ ହଜାର ଟଙ୍କା ସାଙ୍କସନ ହୋଇଛି ବୋଲି କହିଥିଲେ। ପ୍ରଥମେ ଆପଣ ପ୍ରୋସେସିଂ ଫି ବାବଦରେ ୭, ୧୩୯ ଟଙ୍କା ପଠାନ୍ତୁ ବୋଲି କହିଥିଲେ। କିଛି ଦିନ ପୂର୍ବରୁ ଏକ ଫୋନ ଆସିଥିଲା ଏବଂ ଆକାଉଂଟର ସ୍କ୍ରିନ ସଟ ଛାଡିବା ପାଇଁ କହିଥିଲେ । ସେ ସ୍କ୍ରିନ ସଟ ଦେବାପରେ ତାଙ୍କ ଆକାଉଂଟରୁ ପ୍ରଥମ କିସ୍ତି ହିସାବରେ ୭,୧୩୯/-ଟଙ୍କା କଟିଥିଲା। ଏବଂ ଆସନ୍ତା ୨୦୨୭ ମସିହା ପର୍ଯ୍ୟନ୍ତ କଟିବ ବୋଲି ମେସେଜ ମଧ୍ୟ ଆସିଥିଲା। କିନ୍ତୁ କିଛିଟଙ୍କା ନପାଇ କାହିଁକି ଏତେ ଟଙ୍କା କଟିଲା ବୋଲି ଭିକି ସାଇବର ଥାନା କୋରାପୁଟକୁ ଯାଇଥିଲେ। ସେଠାରେ ୧ ଲକ୍ଷରୁ କମ୍ ହେଲେ ଟାଉନ ଥାନାରେ ମାମଲା ରୁଜୁ କରିବାକୁ କହିବା ପରେ ଭିକି ଟାଉନ ଥାନାରେ ଏକ ମାମଲା ରୁଜୁ କରିଥିଲେ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏନେଇ ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତ କହିଛନ୍ତି ଲୋକମାନଙ୍କୁ ସଚେତନ କରାଗଲେ ମଧ୍ୟ ସେମାନେ ସୁଧୁରୁ ନାହାନ୍ତି। ଟଙ୍କା ଲୋଭରେ ସେମାନେ ଆପ ଲୋଡ କରୁଛନ୍ତି ଏବଂ କଷ୍ଟମର କେୟାରରୁ ଯେଉଁ ଫେକ ଫୋନ ଆସୁଛି ତାହାକୁ ରିସିଭ କରି ଡାଟା ଦେଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟଙ୍କା କଟିବାର ୨୪ ଘଂଟା ମଧ୍ୟରେ ୧୯୩୦ ନମ୍ବରରେ ଫୋନ କରି ଆକାଉଂଟକୁ ବନ୍ଦ କରିବାକୁ ପଡିବ ବୋଲି କହିଥିଲେ।

# କଦମପଡା ଶିଶୁ ମନ୍ଦିରରେ "ପ୍ରତିଭା ସମ୍ମାନ" ସମାରୋହ

ବଲାଙ୍ଗିର,୨୦/୧୨ (ନି.ପ୍ର): ବଲାଙ୍ଗୀରସ୍ଥ କଦମପଡା ଶିଶୁ ବିଦ୍ୟା ଜ୍ଞାନ ମନ୍ଦିରରେ 'ପ୍ରତିଭା ସମ୍ମାନ' ସମାରୋହ ପାଳନ କରାଯାଇଛି । ଏଥିରେ ମୁଖ୍ୟବକ୍ତା ରୂପେ ବିଶିଷ୍ଟ ବ୍ୟବସାୟୀ କିଶୋର କୁମାର ରଥ ଓ ମୁଖ୍ୟ ଅତିଥି ରୂପେ ସାମରିକ ବିଭାଗର ଅବସରପ୍ରାପ୍ତ ସୈନିକ ଦିଲୀପ କୁମାର ପୁରୋହିତ ଓ ସମ୍ମାନୀତ ଅତିଥି ରୂପେ ଅବସରପ୍ରାପ୍ତ ଅଧ୍ୟାପକ ଡ. ତରୁଣ କୁମାର ମିଶ୍ର ଯୋଗ ଦେଇଥିଲେ । ସମବେତ ସଙ୍ଗୀତ ଛାତ୍ରୀ ଅନୁଷ୍କା ରାଣୀ ପାତ୍ର, ମୋନିକା ମହାପାତ୍ର, ମେହେକ ମଲ୍ଲିକ ଓ ଶ୍ରୀମୟୀ ପଣ୍ଡା ଗାନ କରିଥିଲେ । ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସନାତନ ମିଶ୍ର କରିଥିବା ବେଳେ ସଂଯୋଜନା ଛାତ୍ରୀ ପ୍ରିୟାଂଶୀ ସାହୁ, ସ୍ମରଣୀକା ଦାଶ ଓ ଗୁରୁମା ମମତା ଭୋଇ କରିଥିଲେ । ମୁଖ୍ୟବକ୍ତା ନିଜ ବକ୍ତବ୍ୟ ଦେଇ କହିଲେ ଯେ, ନିଜର ପ୍ରତିଭାକୁ ନିଜେ ଚିହ୍ନ । ମୁଖଅତିଥି କହିଲେ ଯେ, ଶିଶୁ ନିଜକୁ ଚିହ୍ନି ପାରିଲେ ହିଁ ଦେଶ ଆଗକୁ ବଢ଼ିବ । ବିଶିଷ୍ଟ ଅତିଥି ନିଜ ବକ୍ତବ୍ୟରେ କହିଲେ ଯେ, ନିଜ କର୍ମପଥରେ ଠିକ୍ ଥିଲେ ସଫଳତା ଆପେ ଆପେ ଆସିବ । ସମସ୍ତ ପୁରସ୍କାରର ଉଦଘୋଷଣା ଗୁରୁଜୀ କିଶୋର ମଟାରୀ କରିଥିଲେ । ବିଭିନ୍ନ ପୁରସ୍କାର ମଧ୍ୟରେ ବାର୍ଷିକ କ୍ରୀଡ଼ା, ବାର୍ଷିକ ଉତ୍ସବର ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା । ମଂଚାସୀନ ଅତିଥିଙ୍କ ସହ ମାତୃଭାରତୀର ସଦସ୍ୟାମାନେ ମଧ୍ୟ ପୁରସ୍କାର ପ୍ରଦାନ କରିଥିଲେ । ଛାତ୍ରମାନଙ୍କ ମଧ୍ୟରେ ୩୦୦୦ ମିଟର ଦୌଡରେ ସିନ୍ଧୁ ବାଗ, ସ୍ୱପ୍ନିଳ ସାବତ, ରୋହନ୍ ସାହୁ ବିଜେତା ହୋଇଥିଲେ । ବିଦ୍ୟାଳୟର ମାତୃଭାରତୀର ସଦସ୍ୟାମାନଙ୍କ ମଧ୍ୟରେ ଝୋଟି ଚିତା ପ୍ରତିଯୋଗିତାରେ କୁନ୍ତି ଦାଶ, ପଲ୍ଲବୀ ବେହେରା, ସ୍ୱର୍ଣ୍ଣସ୍ମିତା ନନ୍ଦ ବିଜେତା ହେବା ଆକର୍ଷଣୀୟ ରହିଥିଲା । ରାଜ୍ୟପାଳଙ୍କ ଦ୍ୱାରା ପ୍ରଦତ ପୁରସ୍କୃତ ସ୍କାଉଟ ଓ ଗାଇଡର ୬ ଜଣ ଛାତ୍ରୀଙ୍କୁ ସମ୍ମାନୀତ କରାଯାଇଥିଲା । ଏହିପରି ମୋଟ୍ ୨୪୩ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପରେ ବିଦ୍ୟାଳୟର ସଭାପତି ଆର୍ଶୀବଚନ ପ୍ରଦାନ କରିଥିଲେ ତଥା ଶେଷରେ ସମସ୍ତଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ ଅର୍ପଣ ବିଦ୍ୟାଳୟର ସଂପାଦକ ତରଣୀସେନ ପଟେଲ ପ୍ରଦାନ କରିଥିଲେ । ଗୁରୁଜୀ ସାଧୁରାମ ନାଏକ ଓ ଗୁରୁମା କଲ୍ୟାଣୀ ପଣ୍ଡାଙ୍କ ସଂଚାଳନରେ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପୂର୍ଣ୍ଣ ହୋଇଥିଲା ।

# ୱେଷ୍ଟର୍ଣ୍ଣ ଓଡ଼ିଶା ସ୍କୁଲରେ ରୌପ୍ୟ ଜୟନ୍ତୀ ମହାସମାରୋହରେ ପାଳିତ

ନୂଆପଡ଼ା,୨୦/୧୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ୱେଷ୍ଟର୍ଣ୍ଣ ଓଡ଼ିଶା ରେସିଡେନ୍ସିଆଲ ପବ୍ଲିକ ସ୍କୁଲର ରୌପ୍ୟ ଜୟନ୍ତୀ ମହାସମାରୋହ ଆଜି ପାଳିତ ହୋଇଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ପ୍ରତିଷ୍ଠାତା ଜିତେନ୍ଦ୍ର ନାଥ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ, ମୁଖ୍ୟବକ୍ତା ଭାବରେ ଡିଏଭି କଲେଜ ଟିଟିଲାଗଡର ପ୍ରାକ୍ତନ ଅଧକ୍ଷ ଡଃ. ଶିବ ପ୍ରସାଦ ବେହେରା, ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ରାମେଶ୍ୱର ଅଗ୍ରୱାଲ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଅଧକ୍ଷା ତଥା ସେକ୍ରେଟାରୀ ସ୍ନିଗ୍ଧା ଘୋଷ ଏବଂ ବିଦ୍ୟାଳୟର ପରିଚାଳକ ଉତ୍ସବ ଘୋଷ ପ୍ରମୁଖ ମଂଚାସିନ ଥିଲେ। ଦ୍ୱିତୀୟ ଅଧିବେଶନରେ ବିଦ୍ୟାଳୟର ଅଧକ୍ଷା ତଥା ସେକ୍ରେଟାରୀ ସ୍ନିଗ୍ଧା ଘୋଷ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ପଂଚାୟତ ସମିତି ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ମୁଖ୍ୟବକ୍ତା ଭାବେ ବିଜୁ ପଟ୍ଟନାୟକ କଲେଜ ବୋଡ଼େନର ପ୍ରାଧ୍ୟାପକ ଡ: ସାମୁଏଲ ଦାନି ଯୋଗଦାନ କରିଥିଲେ । ବିଦ୍ୟାଳୟର ଉପାଧକ୍ଷ ଶୁଭ୍ରାଂଶୁ ଶେଖର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥି ମାନେ ନିଜ ନିଜ ବକ୍ତବ୍ୟରେ ଅଂଚଳ, ରାଜ୍ୟ ତଥା ଦେଶର ବିକାଶରେ ଶିକ୍ଷାର ଭୂମିକା, ଛାତ୍ରଛାତ୍ରୀ ମାନଙ୍କର ଶିକ୍ଷା ସହିତ ଚାରିତ୍ରିକ ବିକାଶ ଉପରେ ଆଲୋକପାତ କରିଥିଲେ ।

# ସ୍ୱର୍ଗଦ୍ୱାର ଶ୍ମଶାନରେ ଶବକୁ ମହାଅପମାନ : ଦୁର୍ନୀତିର ଦୁର୍ଗନ୍ଧ ଜଳଜଳ, ଭିଆଇପିଙ୍କ ଶବ ପାଇଁ ପିଣ୍ଡି ସଂରକ୍ଷିତ

ପୁରୀ,୨୦/୧୨ (ନି.ପ୍ର): ତୁଣ୍ଡରେ ଶେଷ ନାମ ଜଗନ୍ନାଥ । ଶେଷ ଦର୍ଶନ ପତିତପାବନ । ଶେଷ ଠିକଣା ସ୍ୱର୍ଗଦ୍ୱାର । ଶେଷ ଯାନ ଛଖଣ୍ଡି ବାଉଁଶ । ହିନ୍ଦୁ ମାନଙ୍କର ବିଶ୍ୱାସ ରହିଛି ସ୍ୱର୍ଗଦ୍ୱାରରେ ଶବ ଦାହ କଲେ ଆତ୍ମା ସ୍ୱର୍ଗକୁ ଯାଇଥାଏ । ସ୍ୱର୍ଗର ଇନ୍ଦ୍ରଦେବ ମର୍ତ୍ତ୍ୟକୁ ଆସି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ସମୁଦ୍ରକୂଳ ସେହି ବାଟେ ସ୍ୱର୍ଗକୁ ଯାଇଥିବା କଥିତ ଅଛି । ପୁରୁଣା ସ୍ୱର୍ଗଦ୍ୱାର ଖୋଲା ଆକାଶ ତଳେ ଶବଦାହ କରାଯାଉଥିଲା । ଏବେ ଛାତତଳେ ଶବଦାହ କରାଯାଉଛି। ୨୪ ଘଂଟା ଭିତରେ ସ୍ୱର୍ଗଦ୍ୱାରରେ ୧୫୦ରୁ ୨୦୦ ଶବଦାହ କରାଯାଉଛି । ଭିଆଇପିଙ୍କ ଶବ ପାଇଁ ସ୍ୱତନ୍ତ୍ର ପିଣ୍ଡି ସଂରକ୍ଷିତ ରହିଛି । ଅନ୍ୟ ଶବ ଗୁଡିକ ମେଡିକାଲରେ ବେଡ ନମିଳିଲେ ରୋଗୀ ଯେପରି ତଳେ ଶୁଏ ସେହିପରି ପ୍ରତିଦିନ ଅଧିକାଂଶ ଶବ ତଳେ ପଡିରହୁଛି । ଶ୍ରୀମନ୍ଦିରରେ ନୀତି ବିଳମ୍ବ ପରି ସେଠାରେ ମଧ୍ୟ ଶବଦାହ ଟୋକନ କରିବାର ଦୁଇ ଘଂଟା ପରେ ସାମଗ୍ରୀ ନେବା ପାଇଁ ଡାକବାଜି ଯନ୍ତ୍ରରେ ଡକାଯାଉଛି । ଆଧ୍ୟାତ୍ମିକ କ୍ଷେତ୍ର ଶ୍ରୀକ୍ଷେତ୍ରର ସ୍ୱର୍ଗଦ୍ୱାରକୁ ଦକ୍ଷିଣ ଭାରତୀୟ ଢାଂଚାରେ ନିର୍ମାଣ କରାଯାଇଛି । ଯାହା ବୁଦ୍ଧିଜୀବୀଙ୍କୁ ବ୍ୟଥିତ କରିଛି । ଶବଦାହ ପାଇଁ ୨୮ଟି ପିଣ୍ଡି ରହିଛି । ଶବ ବାହକ, କାଠ ପରିବହନ ବାହକ ଏକଚାଟିଆ କାରବାର ଚଳାଇଥିବା ଶୁଣାଯାଉଛି । ଯାହାର ଶବସଂସ୍କାର ନିଜେ କରୁଛନ୍ତି ସେମାନଙ୍କୁ ଜାଣିଶୁଣି ଗଣ୍ଠିଆ, ବଙ୍କା, ମୋଟା, ପୋଲା ଓ ଚେରୁଆ ଝାଉଁକାଠ ଦିଆଯାଉଥିବା ଅଭିଯୋଗ ହେଉଛି । ଦିଆଯାଉଥିବା ସାମଗ୍ରୀ ମଧ୍ୟରେ ଯେତିକି ମୂଲ୍ୟ ସ୍ୱର୍ଗଦ୍ୱାରରେ ପଡୁଛି ତାହାର ବଜାର ଦର କମ ରହୁଛି । ଦୁଇଟି ଲୁହାକଂଟାକୁ ବଜାର ଦର ୧ ଟଙ୍କା ହୋଇଥିବା ବେଳେ ସ୍ୱର୍ଗଦ୍ୱାରରେ ତାହାର ମୂଲ୍ୟ ୩ ଟଙ୍କା ରହିଛି । ସ୍ୱର୍ଗଦ୍ୱାର ଶ୍ମଶାନ ମହାଦୁର୍ନୀତିର ମହାଖଲା ପାଲଟିଥିବା ଆଲୋଚନା ହେଉଛି । ମୁଖାଗ୍ନି ସାମଗ୍ରୀରେ ଦିଆଯାଉଥିବା ଶୁଦ୍ଧ ଘିଅ ୩ ଶହ ଗ୍ରାମକୁ ୨୧୦ ଟଙ୍କା ଥିବାବେଳେ କେଜି ୭ଶହ ଟଙ୍କା ପଡୁଛି । ଶବ ସହ ଆସିଥିବା ସମ୍ପର୍କୀୟ ମାନେ କାଉଂଟରରୁ ଯଦି କିଣିକରି ଏକ କିଲୋ ଘିଅ ନେଉଛନ୍ତି ତେବେ ସେମାନଙ୍କୁ ୧୨ଶହ ଟଙ୍କା ପଡୁଛି। ଯାହାର କମ୍ପ୍ୟୁଟର ରସିଦ ଦିଆଯାଉନାହିଁ । ଏ ସମ୍ପର୍କରେ ଆମ ଆଦମୀ ପାର୍ଟିର (ଆପ)ର ପୁରୀ ଜିଲ୍ଲା ସଭାପତି ସଞ୍ଜିବ ମହାନ୍ତି କହିଛନ୍ତି, ସ୍ୱର୍ଗଦ୍ୱାର ଘିଅ ଦୁର୍ନୀତି ସମ୍ପର୍କରେ ପୂର୍ବରୁ ଖୋଲାସା କରିଥିଲୁ । କିନ୍ତୁ ଜିଲ୍ଲା ପ୍ରଶାସନ ଓ ନଗର ଉନ୍ନୟନ ବିଭାଗ ଘିଅ ମୋହମନ୍ତ ସମ୍ପର୍କରେ କୌଣସି ସୁରାକ ଦେଉନାହାନ୍ତି । ଶବ ଦାହ ପିଣ୍ଡି ପାଖରେ ରଖାଯିବା ପରେ ନିଆଁରେ ପାଣି ପଡୁନାହିଁ କି ସଫା କରାଯାଉନଥିବାରୁ ବ୍ୟତିବ୍ୟସ୍ତ ହେଉଛନ୍ତି ଶବଦାହ ସମ୍ପର୍କୀୟ ମାନେ । ପୋଡିବା ପାଇଁ ଶବ ସଂସ୍କାରକ ମାନେ ଅଧିକ ଅର୍ଥ ଦାବି କରି ବହୁଥର ପାଟିତୁଣ୍ଡ ଓ କଥାକଟି ହେଉଥିବା ଅଭିଯୋଗ ହେଉଛି । କାଉଂଟରରେ ବସୁଥିବା କର୍ମଚାରୀ ମାନେ ନିଜକୁ କ୍ଲାସ ୱାନ ଅଫିସର ଭାବି ଶବ ସମ୍ପର୍କୀୟଙ୍କୁ ରୁକ୍ଷ ବ୍ୟବହାର କରୁଥିବା ଅଭିଯୋଗ ହେଉଛି । ସ୍ୱର୍ଗଦ୍ୱାରକୁ ଅଧିକ ଶବ ଆସୁଥିବାରୁ ଶବ ରଖିବା ପିଣ୍ଡି ଓ ଶବଦାହ ପିଣ୍ଡି ବଢାଇବା ପାଇଁ ଆଲୋଚନା ହେଉଛି । ସ୍ୱର୍ଗଦ୍ୱାର ସମ୍ମୁଖ ରାସ୍ତା ଅଣଓସାରିଆ ହୋଇଥିବାରୁ ସ୍ୱର୍ଗରଥ ଓ ଆମ୍ବୁଲାନ୍ସ ଗାଡି ରଖିବା ପାଇଁ ସୁବିଧା ବ୍ୟବସ୍ଥା ନାହିଁ । ସ୍ୱର୍ଗଦ୍ୱାର ପୂର୍ବ ଓ ପଶ୍ଚିମ ପଟ ଆଉ ୧ଶହ ମିଟର ବଢାଇବାକୁ ଶବ ସଂସ୍କାରବାଦୀ ବ୍ୟକ୍ତି ସାଧାରଣରେ ଆଲୋଚନା କରୁଛନ୍ତି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୧ ନଭେମ୍ବର ୨୦୨୫
email :
rabibarachayan2015@gmail.com



# ବୁଦ୍ଧ କାହାଣୀ





ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**

## ୧୯ ବୁଦ୍ଧଙ୍କ ପ୍ରଥମ ଉପଦେଶ : ଧର୍ମଚକ୍ରପ୍ରବର୍ତ୍ତନ ସୂତ୍ର

ବୁଦ୍ଧଙ୍କ ପ୍ରଥମ ଧର୍ମୋପଦେଶକୁ 'ଧର୍ମଚକ୍ରପ୍ରବର୍ତ୍ତନ ସୂତ୍ର' କୁହାଯାଏ, ଯାହାର ଅର୍ଥ ହେଉଛି ଜ୍ଞାନର ପ୍ରତିଷ୍ଠା ଓ ସତ୍ୟଚକ୍ରର ପ୍ରବର୍ତ୍ତନ। ଏହି ଉପଦେଶ ଜୁଲାଇ ପୂର୍ଣ୍ଣିମା ଦିନ ପ୍ରଦାନ କରାଯାଇଥିଲା, ଯାହାକୁ 'ଅସାଲ୍ହା' କୁହାଯାଏ।

ଏହି ଧର୍ମୋପଦେଶ ବାରଣାସୀ ନିକଟବର୍ତ୍ତୀ ଇସିପାଟନା (ଅଧୁନା ସାରନାଥ ନାମରେ ପରିଚିତ)ର ହରିଣ ଉଦ୍ୟାନରେ ପଞ୍ଚତପସ୍ୱୀଙ୍କୁ ଦିଆଯାଇଥିଲା। ଏହି ଉପଦେଶକୁ ଶୁଣିବା ନିମନ୍ତେ ଅନେକ ଦେବତା ଏବଂ ବ୍ରହ୍ମା ଉପସ୍ଥିତ ଥିଲେ।

ବୁଦ୍ଧ ଦୁଇଟି ମୁଖ୍ୟ ଜିନିଷ ପରିତ୍ୟାଗ କରିବାକୁ ପରାମର୍ଶ ଦେଇ ଧର୍ମୋପଦେଶ ଆରମ୍ଭ କରିଥିଲେ। ଏଗୁଡ଼ିକ ହେଲା ଇନ୍ଦ୍ରିୟଗତ ସୁଖର ଉପଭୋଗ ଏବଂ ଶାରୀରିକ ଯନ୍ତ୍ରଣା (ଆତ୍ମଭୋଗ ଓ ଆତ୍ମନିର୍ଯ୍ୟାତନା)।

ସେ ଅତ୍ୟଧିକ ଇନ୍ଦ୍ରିୟଗତ ସୁଖ ବିରୋଧରେ ପରାମର୍ଶ ଦେଇଥିଲେ; କାରଣ ସେଗୁଡ଼ିକ ନୀଚ, ସାଂସାରିକ, ଅମାନବୀୟ ଏବଂ ଆଧ୍ୟାତ୍ମିକ ବିକାଶ ପାଇଁ ସହାୟକ ନୁହେଁ। ଅନ୍ୟଭାଷାରେ କହିଲେ ଶରୀରକୁ ଯନ୍ତ୍ରଣା ଦେବା କଷ୍ଟଦାୟକ, ନିକୃଷ୍ଟ ଏବଂ ଆଧ୍ୟାତ୍ମିକ ବିକାଶର ପରିପନ୍ଥୀ। ସେ ସେମାନଙ୍କୁ 'ମଜ୍ଝିମା ପଟିପଦା' ନାମକ ମଧ୍ୟମପଥ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ; ଯାହା ଜ୍ଞାନ, ଉଚ୍ଚପ୍ରଜ୍ଞା, ଶାନ୍ତି, ଆତ୍ମଜ୍ଞାନ ଏବଂ ନିର୍ବାଣ ପ୍ରାପ୍ତିକୁ ସ୍ପଷ୍ଟ ରୂପେ ଦେଖିବାରେ ସହାୟକ ଅଟେ।

ତପ୍ତରେ ବୁଦ୍ଧ ତାଙ୍କ ପ୍ରଥମ ଉପଦେଶରେ ଚତୁଃଆର୍ଯ୍ୟ ସତ୍ୟ ଶିକ୍ଷା ଦେଇଥିଲେ। ଏହି ଆର୍ଯ୍ୟସତ୍ୟଗୁଡ଼ିକ ହେଲା - ଦୁଃଖ, ଦୁଃଖର କାରଣ, ଦୁଃଖର ଶେଷ ଏବଂ ଏହାର ଶେଷ ହେବାର ପଥ। ଏହି ଜଗତର ସବୁକିଛି ଦୁଃଖରେ ପରିପୂର୍ଣ୍ଣ ଏବଂ ଦୁଃଖର କାରଣ ହେଉଛି ଆକାଂକ୍ଷା, ଦୁଃଖର ଶେଷ ହେଉଛି ନିର୍ବାଣ ଏବଂ ଦୁଃଖର ଶେଷ ହେବାର ପଥ ହେଉଛି ଆର୍ଯ୍ୟ ଅଷ୍ଟାଙ୍ଗିକ ମାର୍ଗ।

ବୁଦ୍ଧ କହିଥିଲେ ଯେ ଏହି ଚତୁଃଆର୍ଯ୍ୟ ସତ୍ୟକୁ ବୁଝିବା ପରେ ହିଁ ସେ ଜ୍ଞାନପ୍ରାପ୍ତ ହୋଇଥିଲେ। ଆର୍ଯ୍ୟ ଅଷ୍ଟାଙ୍ଗିକ ମାର୍ଗର ଆଠଟି ଅଂଶ ବା କାରଣ ଅଛି: ସମ୍ୟକ୍ ବୁଝାମଣା, ସମ୍ୟକ୍ ଚିନ୍ତାଧାରା, ସମ୍ୟକ୍ ବାଣୀ, ସମ୍ୟକ୍ କାର୍ଯ୍ୟ, ସମ୍ୟକ୍ ଜୀବିକା, ସମ୍ୟକ୍ ପ୍ରୟାସ, ସମ୍ୟକ୍ ମନ (ସ୍ମୃତି) ଓ ସମ୍ୟକ୍ ଏକାଗ୍ରତା।

୧. ସମ୍ୟକ୍ ବୁଝାମଣା ଅର୍ଥ ହେଉଛି ଚାରୋଟି ଆର୍ଯ୍ୟସତ୍ୟକୁ ଜାଣିବା ଓ ବୁଝିବା।

୨. ସମ୍ୟକ୍ ଚିନ୍ତାଧାରାର ଅର୍ଥ ହେଉଛି ତିନି ପ୍ରକାରର ଚିନ୍ତାକୁ ସ୍ମରଣ କରିବା।

(କ) ତ୍ୟାଗର ଚିନ୍ତାଧାରା ବା କାମନାପୂର୍ଣ୍ଣ ଇଚ୍ଛା ନଥିବା ଚିନ୍ତାଧାରା।

(ଖ) ଅନ୍ୟମାନଙ୍କ ପ୍ରତି ସଦିଚ୍ଛାର ଚିନ୍ତାଧାରା ଯାହା ଦୁର୍ଭାବନାର ବିରୋଧୀ।

(ଗ) ଅହିତକାରୀ ଚିନ୍ତାଧାରା ଯାହା ନିଷ୍ଠୁରତାର ବିରୋଧୀ।

୩. ସମ୍ୟକ୍ ବାଣୀ ହେଉଛି ମିଛ କହିବା କିମ୍ବା ସତ୍ୟ ନ କହିବା ଭଳି ମିଛ କଥାରୁ ନିବୃତ୍ତ ରହିବା : ଅନ୍ୟ ଲୋକଙ୍କ ବିଷୟରେ ନିନ୍ଦା କରିବା କିମ୍ବା ଖରାପ କହିବା : କଠୋର ଶବ୍ଦ ଏବଂ ଗପସପ ଭଳି ତୁଚ୍ଛ କଥାବାର୍ତ୍ତା।



୪. ସମ୍ୟକ୍ କାର୍ଯ୍ୟ ହତ୍ୟା, ଚୋରି ଏବଂ ଯୌନ ଦୁରାଚାରରୁ ନିବୃତ୍ତ ରହିବା ସହିତ ଜଡ଼ିତ।

୫. ସମ୍ୟକ୍ ଜୀବିକା ପାଞ୍ଚ ପ୍ରକାରର ବାଣିଜ୍ୟ ସହିତ ଜଡ଼ିତ ଯାହାକୁ ଏକ ମହାନ ଜୀବନଯାପନ ନିମନ୍ତେ କ୍ରମାନୁସାରେ ଏଡ଼ାଇ ଦିଆଯିବା ଉଚିତ। ସେମାନେ ଅସ୍ତ୍ରଶସ୍ତ୍ର, ଜୀବଜନ୍ତୁ, ମାଂସ (ହତ୍ୟା ପାଇଁ ଜୀବଜନ୍ତୁଙ୍କ ପ୍ରଜନନ), ନିଶାଯୁକ୍ତ ପାନୀୟ ଏବଂ ବିଷ ବ୍ୟବସାୟ କରୁଛନ୍ତି।

୬. ସମ୍ୟକ୍ ପ୍ରୟାସର ଚାରୋଟି ଅଙ୍ଗ ଅଛି :

(କ) ଜାଗ୍ରତ ହୋଇଥିବା ମନ୍ଦ ଚିନ୍ତାଧାରାକୁ ବନ୍ଦ କରିବାକୁ ଉଦ୍ୟମ କରିବା

(ଖ) ମନ୍ଦ ଚିନ୍ତାଧାରା ସୃଷ୍ଟି ହେବାକୁ ରୋକିବା

(ଗ) ଉତ୍ତମ ଚିନ୍ତାଧାରାକୁ ବିକଶିତ ହେବା ନିମନ୍ତେ ଚେଷ୍ଟା କରିବା

(ଘ) ଜାଗ୍ରତ ହୋଇଥିବା ଉତ୍ତମ ଚିନ୍ତାଧାରାକୁ ଜାରି ରଖିବାକୁ ଚେଷ୍ଟା କରିବା

୭. ସମ୍ୟକ୍ ମନ(ସ୍ମୃତି/ମନନଶୀଳତା)ର ମଧ୍ୟ ଚାରିଟି ଗୁଣ ରହିଛି। ଏହା ହେଉଛି ଶରୀର ପ୍ରତି ମନନଶୀଳତା, ସଂବେଦନାର ମନନଶୀଳତା, ମନରେ ଜାଗ୍ରତ ଚିନ୍ତାଧାରା ପ୍ରତି ମନନଶୀଳତା ଏବଂ ଧମ୍ମ (ଧର୍ମ)ର ମନନଶୀଳତା।

୮. ସମ୍ୟକ୍ ଏକାଗ୍ରତା ହେଉଛି ମନର ଏକମୁଖୀନତା ଯାହା ଗୋଟିଏ ବସ୍ତୁ ଉପରେ କେନ୍ଦ୍ରିତ ହୋଇ ରହିଥାଏ, ଯାହା ଗୋଟିଏ ବସ୍ତୁରୁ ଆଉ ଗୋଟିଏ ବସ୍ତୁ ଉପରେ ଲମ୍ଫପ୍ରଦାନ କରୁଥିବା ବିଚଳିତ ମନକୁ ରୋକିଥାଏ।

ଆଠଟି କାରକକୁ ନିମ୍ନଲିଖିତ ତିନୋଟି ଛୋଟ ଛୋଟ ଭାଗରେ ବିଭକ୍ତ କରାଯାଇପାରେ:

ଶୀଳ (ନୈତିକତା):
ସମ୍ୟକ୍ ବାଣୀ - ସମ୍ୟକ୍ କାର୍ଯ୍ୟ - ସମ୍ୟକ୍ ଜୀବିକା

ସମାଧି (ଏକାଗ୍ରତା) :
ସମ୍ୟକ୍ ପ୍ରୟାସ - ସମ୍ୟକ୍ ମନ - ସମ୍ୟକ୍ ଏକାଗ୍ରତା

ପନ୍ନା (ଜ୍ଞାନ) :
ସମ୍ୟକ୍ ବୁଝାମଣା - ସମ୍ୟକ୍ ଚିନ୍ତାଧାରା

ମାନସିକ ଶୁଦ୍ଧତା ପଥରେ ଶୀଳ, ସମାଧି ଓ ପନ୍ନା ହେଉଛି ତିନୋଟି ପର୍ଯ୍ୟାୟ, ଯାହାର ଲକ୍ଷ୍ୟ ହେଉଛି ନିର୍ବାଣ। ଏହି ପର୍ଯ୍ୟାୟଗୁଡ଼ିକୁ ଏକ ସୁନ୍ଦର ଶ୍ଳୋକରେ ବର୍ଣ୍ଣନା କରାଯାଇଛି :

ମନ୍ଦରୁ ନିବୃତ୍ତ ରହିବା।
ଯାହା ଭଲ ତାହା କରିବା।
ନିଜ ମନକୁ ଶୁଦ୍ଧ କରିବା ପାଇଁ :
ଏସବୁ ଉପଦେଶ ସବୁ ବୁଦ୍ଧଙ୍କ ନିମନ୍ତେ।

(କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

# ମନଗହନର କଥା...



ଯେଉଁଦିନ କୌଣସି ଏକ ପତ୍ରିକାରୁ କବିତାଟିଏ ପଢିବା ପରେ ପ୍ରଖ୍ୟାତ କବି ରମାକାନ୍ତ ରଥଙ୍କର ଚିଠି ଖଣ୍ଡିଏ ପାଇଥିଲି, ସେଦିନ ନିଜକୁ ବିଶ୍ୱାସ କରିପାରିଲିନି । କବି ରମାକାନ୍ତ ରଥଙ୍କୁ ସତରେ ଛୁଇଁଛି ମୋ କବିତା ! କବିତାଟିର କେଉଁ ଧାଡିଗୁଡିକ ତାଙ୍କୁ କାହିଁକି ଭଲ ଲାଗିଥିଲା ତା' ବି ଲେଖାଥିଲା ଚିଠିରେ । ସେଦିନ ଯାହା ମୁଁ ଖୁସି ହୋଇଥିଲି ସାହିତ୍ୟରେ ଶ୍ରେଷ୍ଠ ପୁରସ୍କାର ପାଇଥିବା ସ୍ରଷ୍ଟା ଜଣକ ଏତେ ବେଶି ଖୁସି ହୋଇଥିବେ କି ନଥିବେ ଜାଣେନି । ଚିଠିଟିକୁ କେତେଥର ପଢିଛି ମୋର ମନେନାହିଁ । ଯାହାଙ୍କର କବିତାକୁ କେଉଁ କଅଁଳ ବୟସରୁ ଗୁଣୁଗୁଣୁ ହେଉଥିଲି, କେତେଥର ଚିଠି ଖଣ୍ଡିଏ ଲେଖି ସଂଭ୍ରମରେ ଚିରି ପକଉଥିଲି ଇଏ ତାହେଲେ ସେଇ କବି ! ଗୋଟେ ଚହଚହ ଖୁସିରେ ଉଛୁଳୁଥିବା ବେଳେ ଏତେବଡ ସ୍ରଷ୍ଟା ଜଣଙ୍କୁ ପ୍ରତ୍ୟୁତ୍ତର ଲେଖିବାର ସାହସ ଟିକେ ଖୋଜି ପାଇଲିନି ମୋ ଭିତରେ । ମୋତେ ପୁଣି ଆଶ୍ଚର୍ଯ୍ୟ କରିଦେଇ କିଛିଦିନ ପରେ ମୋର ଆଉ ଏକ କବିତା ପଢି ସଂକ୍ଷେପରେ ସେ ଯାହା ଲେଖିଥିଲେ ମୁଁ ନିଜକୁ ଯେତିକି ବିଶ୍ୱାସ କଲି ତା'ଠୁ ବେଶୀ ଅବିଶ୍ୱାସ । ଏଥର କିନ୍ତୁ ସୌଜନ୍ୟ ରକ୍ଷା କରି ଖୁବ୍ ଡରିମରି ଚିଠିଟିଏ ଲେଖିଲି, "ସତରେ ଯଦି ଆପଣଙ୍କୁ ମୋ କବିତା ଭଲ ଲାଗିଥାଏ ସୁଖୀ ହେବି ।" ତାଙ୍କର ନମ୍ର ପ୍ରତ୍ୟୁତ୍ତର ଥିଲା ଏଇମିତି- "କବିତାଟି ସତରେ ମୋତେ ଭଲ ଲାଗିଥିଲା ବୋଲି ସେକଥା ତମକୁ ଜଣାଇଥିଲି । ମୁଁ ତୁମକୁ ତାରିଫ୍ କଲାବେଳେ ଆନ୍ତରିକ ଭାବେ କରୁନାହିଁ ବୋଲି କାହିଁକି ଭାବୁଛ ? ସବୁ କବିତାକୁ ଭଲ କହିବାକୁ ତମେ ମୋତେ ବାଧ କରିନାହଁ ।" ବାସ୍ ଏତକ ମୋର ଆତ୍ମବିଶ୍ୱାସ ବଢେଇବା ପାଇଁ ଯଥେଷ୍ଟ ଥିଲା ।




**- ସାବିତ୍ରୀ କବି**

♥ ରାଣୀତାଲ, ଭଦ୍ରକ
(ମୋ) ୯୩୩୭୫୧୭୮୭୨

## ଗୀତି କବିତା

### ଶେଫାଳି ଗୋ ତୁମେ

**ତାରାପ୍ରସାଦ ଜେନା**



ଶେଫାଳି ଗୋ ତୁମେ ଆଞ୍ଜୁଳାଏ ହସ
ଅପରୂପା ଭାଗ୍ୟବତୀ,
ନିରେଖିବା ମୋର ଅଧା ରହିଗଲା
ଘୁଞ୍ଚିଗଲା ଜହ୍ନରାତି ।

ରଜନୀରେ ଆସ ଧଳାଫୁଲ ହୋଇ
ନାରଙ୍ଗୀର କୋଟିକମ
ଅପସରା କିବା ଫୁଲଶାଢ଼ି ପିନ୍ଧି
କଳପନା ଅନୁପମ,
ଆଖି ଫେରେଇଲେ ରହି ମୁଁ ପାରୁନି
ବଶୀଭୂତ ମଧୁପ୍ରୀତି
.....ଶେଫାଳି ଗୋ ତୁମେ...

ସାଥି ହୋଇ ଆମେ ରହିବାକି କୁହ
ଆଳପନା କେତେ କରି
ତୁମ ବିନା କିଛି ଭଲ ଲାଗୁନାହିଁ
ନିତି ପ୍ରତି ହୁଏ ଝୁରି,
ନିଦ୍ରା ଅଳସରେ ଭଦ୍ରା ବିଳାସରେ
ତୁମେ ମୋର ଚିତ୍ରଗୀତି
.....ଶେଫାଳି ଗୋ ତୁମେ...

♥ ରାଜ ରଣପୁର, ଜିଲ୍ଲା-ନୟାଗଡ଼,
ପିନ୍-୭୫୨୦୨୬, ଓଡ଼ିଶା
(ମୋ) ୯୩୪୮୦୫୪୩୦୦

## କବିତା.....

### ଜଙ୍ଗଲ

**ସୁଶୀଲ କୁମାର ପାଣିଗ୍ରାହୀ**



ଜଙ୍ଗଲ
ବାଟ ଦିଏନି
କାହାକୁ ବି
ବୁଝିଛି ବାଟ ହିଁ
ତା ସୌନ୍ଦର୍ଯ୍ୟ ଓ ଅନ୍ତଃସ୍ୱରର ବଇରୀ ।

ଜଙ୍ଗଲ
ନିଜ ଗୀତ ଓ ସଂଳାପ ଛଡା
କିଛି ବି ପସନ୍ଦ କରେନି
ମଣିଷର ପାଦ ଶବ୍ଦକୁ ତ
ଅନୁମତି ଦିଏ ନାହିଁ।

କଟାଗଛର ଗଣ୍ଡିରେ
ବର୍ଷାର ଛମ୍ ଛମ୍ ବୁନ୍ଦା
କାହାର କାନ୍ଦିବା ଭଳି ଶୁଭୁଛି
ଯେବେ ବଡ ବଡ ଟ୍ରକ
ତା ଛାତି ଉପରକୁ ମାଡି ଆସନ୍ତି
ସେ ଆର୍ତ୍ତଚିତ୍କାର କରିଉଠେ

ସେ ଚିତ୍କାରକୁ ଚାପିଦିଏ
ତା ଚାରିପଟେ ଥିବା
କରତକଳର ବିକଟାଳ ହସ

ବଡ ଦୁଃଖି ସେ
ମିଠା ମନଭୁଲା ବଂଶୀସ୍ୱର ବି
ତାକୁ ଦେଇପାରେନି ଖୁସି
ବାଉଁଶ ଫୁଲକୁ ଝୁରି ହୁଏ କେତେ

ସ୍ୱପ୍ନରେ ହେଣ୍ତାଳକୁ ଖୋଜେ
ଚାର ମହୁଲ ଶାଳ ମଞ୍ଜି ଧରି
କଅଁଳିଆ ହସରେ ପୁଲକିତ କରୁଥିବା
ଝିଅମାନଙ୍କ ଆସିବା ବାଟକୁ ଚାହିଁ ରହିଥାଏ
ଆହା..
ଆଗର ତା ଆତ୍ମାର ସୁମଧୁର ମର୍ମର ସହ
ପକ୍ଷୀଗୀତର ଯୁଗଳବନ୍ଦୀ
କାହିଁ ?

ଏବେ ତାହାର ଦୀର୍ଘଶ୍ୱାସ
ତାକୁ ହିଁ କରେ ବିଦ୍ଧ
ମୁଗ୍ଧ ଜୀବନ ସ୍ମୃତି ହେଇ
ଆସିଲେ ବି ସ୍ୱାଗତ କରିପାରେନି
ଇଚ୍ଛା ହୁଏନି ପାଳିବାକୁ
କେବେଠୁ ବନ୍ଦ ହେଇଯାଇଥିବା
ବର୍ଷାଋତୁର ମେଘପର୍ବ କି
ନବ ପଲ୍ଲବନର ମହାଉତ୍ସବ।

♥ କଲ୍ୟାଣୀ ରେସିଡ଼େନ୍ସି
ଫ୍ଲାଟ-୨୦୩, ଜଲାନ ଗଳି
ସମ୍ବଲପୁର-୨
(ମୋ) ୮୧୪୪୨୨୮୨୦୨

### ବୃଥା ଜୀବନ୍ୟାସ

**ସୌରଭ ପାଣିଗ୍ରାହୀ**



ମୁଁ ତ ସେଇ ଛୋଟ ଝରଣାର ଧାରେ,
ମିଠା ଓ ସ୍ୱଚ୍ଛ ନୀର
ସମୁଦ୍ରର କ୍ରୋଡରେ
ବିଲୀନ ହୋଇସାରିଛି,
ମୋର ଅପ୍ରାପ୍ୟ ଅସ୍ତିତ୍ୱକୁ
ପାଗଳପ୍ରାୟ କାଇଁ ଅଣ୍ଡାଳୁଛ ?

ପ୍ରେମମୟୀ ଋତୁରେ
ମୁଁ ତ ସେଇ
ଲିଭିସାରିଥିବା ଇନ୍ଦ୍ରଧନୁ,
ତମସାଚ୍ଛନ୍ନ ଆକାଶର ବକ୍ଷସ୍ଥଳେ
ମୋତେ କାଇଁ
ଆଙ୍କିବାକୁ ଚେଷ୍ଟା କରୁଛ ?

ମୁଁ ତ ସେଇ ଗଭୀର ନିଦ୍ରାର
ହଠାତ୍ ଭାଙ୍ଗିଯାଇଥିବା
ମଧୁର ସ୍ୱପ୍ନଟିଏ,
ମୋତେ ପୂର୍ଣ୍ଣକରିବା ଉଦ୍ଦେଶ୍ୟେ
ଏହି ବାସ୍ତବ- ବସ୍ତୁବାଦୀ ଜଗତରେ
ତୁମର ସମଗ୍ର ରଜନୀ କିମ୍ପାଇଁ ସମର୍ପିତ ?

ମୁଁ ତ ସେଇ ପାତାଳଗାମିନୀ
ମା' ସତୀଙ୍କର ଦେହରେ
ଲାଗିଯାଇଥିବା ଅଲିଭା କଳାଦାଗ,
ମୋତେ କାଇଁ ଉଦୟରତ ବାଳସୂର୍ଯ୍ୟଙ୍କ
କପାଳେ କଜଳ ପରି
ଲଗାଇବା ଯୋଗେ ତୁମେ ପ୍ରତିବଦ୍ଧଶୀଳ ?

ଗୋଟେ ଲୁପ୍ତ, କ୍ଷୟିତ, ଭଗ୍ନ, ପତିତ
ସତ୍ତାଟିଏର ଜୀବନ୍ୟାସ କାହିଁକି ?
ନିଶ୍ୱାସ-ପ୍ରଶ୍ୱାସ ଚାଲୁଥିଲେ
ବହୁମୂଲ୍ୟ ଏ ଅଦୃଶ୍ୟ ପବନ
ମୃତ ଶରୀର ପାଇଁ
ତା'ର କ'ଣ ବା ଆଉ ପ୍ରଯୋଜନ ?

♥ ବାଲିଯୋରୀ, ବରଗଡ
(ମୋ) ୯୭୭୮୦୭୭୫୫୧



### ଧାନ୍ ଆରୁ ଧାନ୍

**ଗଜାନନ ମିଶ୍ର**

ଟୋକନ୍ କାଣା କରମି ?
ଟଁକା ଦିଅ ଟଁକା,
ଛୁଆର ଇସ୍କୁଲ ଫିସ ବାଁଧମି,
ମାଏଜିର ଶାଢୀଚୁଡି ଘିନମି,
ବୁଆର ବିପି ସୁଗର ଉଷୋ ଆନମି।

ନଗଦ ଟଁକା ଦିଅ ଆରୁ ନିଅ
ଧାନ୍, ନୁକୋ ଧାନ୍, ସୁଁଦର ଧାନ୍
ଖାଁଟି ଧାନ୍। ଟଁକା ଦେଲେ
ତେଲନୁନ୍ ଆନମି, ସିଉଟର
ସାଲ୍ ଘିନମି, ଲୁନ୍ ସୁଝମି।

ଜେନତି ନଉଛ ନିଅ ଧାନ୍,
ତରାଜୁ ବଟକରା ରଖିଛେଁ
କେଜେ ଦୁଇକେଜି ବସ୍ତେ
ଦୁଇବସ୍ତା ଜେତକି ନଉଛ ନିଅ,
ଟୋକନ୍ ନେଇଁ ଟଁକା ଦିଅ।

ନିଅ ଧାନ୍, ଅବଗା ଧାନ୍
କାଦୋ ମାଏଟ ହେଇକରି
ଜଗେଇଛେଁ ଆରୁ
ବଁଛେଇ କରି ରଖିଛେଁ
ଚୋର, ମୁଷା, ହାତିଠାନୁ,
ଶିତେ କାକରେ ଜଗିଛେଁ
ଖେତେ ଖଲେ ରୁଡେ ରାଏତ୍
ରାଏତ୍ ଅସନିଦ୍ରା, ରଖିଛେଁ
ଆଶ୍, ପାଏମି ଟଁକା ନଗଦ ଟଁକା।

♥ ତପୋବନ, ଟିଟିଲାଗଡ,
ବଲାଙ୍ଗିର
ମୋ: ୯୪୩୭୩୬୬୬୪୪

### ଅବଶ୍ୟ

**ସିତାଂଶୁ ଲେଙ୍କା**



ସେଠି କାହାର ସାଧନାହିଁ
ଯିଏ ଝାଡ଼ିଝୁଡ଼ି ଠିଆ ହୋଇଛି ଧୂଳି
ଯିଏ ଚିରାପଟାରେ ବି ଦିଶେ
ସୁନ୍ଦର ପରିଚ୍ଛନ୍ନ

ସେମାନେ ଯେତେ ବଦଳେଇବେ
ବଦଳାନ୍ତୁ ବେଶ
ଖରାର ରଙ୍ଗ ଯେମିତି ଥିବ ସେମିତି

ଆଜି ହୁଏତ ଖବର ପଢ଼ିବ
ଯାହା ବିଶ୍ୱାସ ବାହାରେ
ହୁଏତ ବେକଭାଙ୍ଗି ଶହଶହ ଲୋକ
ଠିଆ ହେଇଯିବେ ଧାଡ଼ିରେ
କେତେ ମିଛ ଆଲୁଅ ବୁଣାଯିବ
ହାହାକାର ପାଖରେ

ସେମାନେ ବୋହିନେଇ ଯିବେ
ଶୁଷ୍କ ଆର୍ତ୍ତନାଦ
ଗୋଟେ ଗୋଟେ ଆଟେଜ୍‌ରେ,
ଏମିତିକି କପାଳର ଦୁର୍ଦ୍ଦିନ ଝାଳସବୁକୁ
ପୋଛି ପକେଇ ମିଛରେ ।

ଚମତ୍କାର ଫଳ କ'ଣ ଫଳେ ଅଦିନରେ
ତମେ କଣ ଭାବୁଚ
ଗୋଟେ ପରେ ଗୋଟେ
ପାପ ସଂଗମ ଚାଖୁଥିବା ଲୋକର
ଜୟ ସବୁବେଳେ
ଥୟଧର ସେମାନେ ଅବଶ୍ୟ ମରିବେ
ଏଇ ସତ୍ୟ ପାଖରେ ।

♥ ମେଘ ଡମ୍ବରୁ, କୁରୁଡ଼ା
ବାଲେଶ୍ୱର- ୫୬

### ॥ କିଶୋରୀ ଶୀତର ଗାଁ ॥

**ପୂର୍ଣ୍ଣ ଦାସ**



ଶୀତ ଛିଟିଛିଟ ନୀଳ ପ୍ରଜାପତି
ଫୁଲରୁ ଫୁଲକୁ ଉଡ଼େ,
ଶୀତ ଛନଛନ ନାଉଡଙ୍କ ପରି
ପିଢ଼ାରୁ ପିଢ଼ାକୁ ମାଡ଼େ ।

ଶୀତ ତ କିଶୋରୀ ହଳଦୀବସନ୍ତ
ଉଡ଼ି ଉଡ଼ି ଖୋଜେ ସାଥୀ,
ଶୀତ ଲେଉଟାଣି କୁହୁଡ଼ିର ତମ୍ବୁ
ଭୋଗିବାକୁ ଜହ୍ନରାତି ।

ଶୀତ ହୁତୁହୁତୁ ଧୂନି ଜାଳିଲାଣି
ଗାଆଁଦାଣ୍ଡ ବରମୂଳେ ,
ଶୀତ ଜାରିଲାଣି ବିରହ ଦରଜ
ନବବଧୂ ଛାତି ତଳେ ।

ଶୀତ ପାରିଲାଣି କାନ୍ଥରେ କାନ୍ଥରେ
ମାଣବସା ଝୋଟିଚିତା,
ଚୁଆ ଚନ୍ଦନର ମହକରେ ଶୀତ
ଗାଉଛି ଜୀବନ-ଗୀତା ।

ଶୀତ ବୁଣିଲାଣି ଘାସ ପତରରେ
କାକରର ହୀରାମୋତି,
ପ୍ରିୟା, ସ୍ମୃତି ତୋର, କରେ ଜରଜର
ଛାତିରେ ମୋ ଶୀତରାତି ।

♥ କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର - ୭୫୫୦୧୩
(ମୋ)୯୩୩୭୫ ୪୮୮୯୩

# ଗୋଟେ ମାତ୍ର ଉଚ୍ଚକୋଟିର ସୃଷ୍ଟି ଅନେକ ପୁରସ୍କାରକୁ ପଛରେ ପକାଇଥାଏ : ସଂଜିତ କୁମାର ବଳ

**ସଂଜିତ କୁମାର ବଳ ଓଡିଆ କବିତା ଜଗତରେ ଗୋଟେ ସ୍ୱର୍ଦ୍ଧିତ ଉଚ୍ଚାରଣ । ତାଙ୍କ କବିତାମାନଙ୍କରେ ବାସ୍ତବତା ସହ ଅଛି ଯେଉଁ ଛଳଛଳ ଭାବ, ସମ୍ମୋହନୀ ଶବ୍‌ଦ ଏବଂ ମୋହମୟ ଉପସ୍ଥାପନା ତାହା ତାଙ୍କୁ ଅନ୍ୟମାନଙ୍କ ଠାରୁ ନିଆରା କରି ଦେଖାଏ । କବିତାର ଭବିଷ୍ୟତକୁ ନେଇ ସେ ବେଶ୍ ଆଶାବାଦୀ । "ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ ନଥିଲେ ତଥାକଥିତ ସାହିତ୍ୟିକମାନେ କଣ ପୁରସ୍କାର ପଛରେ ପଡିଥାନ୍ତେ" ବୋଲି କହୁଥିବା ଏହି କବିଙ୍କ ସହ ଏଥରର ଆଳାପ...**

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ ଅକ୍ଷରେ ସଂଜିତ କୁମାର ବଳ



ନାମ -ସଂଜିତ କୁମାର ବଳ
ଜନ୍ମ ତାରିଖ - ୨୧ ଏପ୍ରିଲ ୧୯୬୭
ବାପାଙ୍କ ନାମ :-ସର୍ବେଶ୍ୱର ବଳ
ମାଙ୍କ ନାମ: -ଲିଲିଲତା ବଳ
ସ୍ଥାୟୀ ଠିକଣା :- ସା -ମୃଷାଙ୍ଗ ପୋଷ୍ଟ -କୋହ୍ଲ, ତିହିଡ଼ି ଜିଲ୍ଲା -ଭଦ୍ରକ ଓଡ଼ିଶା, ପିନ -୭୫୬୧୩୦
ମୋ-୯୪୩୯୦୫୧୮୮୦

ପ୍ରକାଶିତ କବିତା ସଂକଳନ :-
୧-କବିତାରେ କଥାବାର୍ତ୍ତା (୧୯୯୭)
୨-ସଜନୀ ଲୋ (୨୦୦୦)
୩-ଶୁଣିବୁ ଆ (୨୦୦୨)
୪-ଖରା ପିଠିରେ ଛାଇ (୨୦୧୧)
୫-ଅଧୀର ଅକ୍ଷର (୨୦୧୪)
୬-କିଛିବି କହିନି (୨୦୧୬)
୭-ପତ୍ନୀ (୨୦୧୭)
୮-ଦୁଃଖର ନାଁ ନାଇଁ (୨୦୧୯)
୯-ଆହା (୨୦୨୧)
୧୦- ଆଲୁଅର ଛାଇନିଦ (୨୦୨୪)



ସମ୍ବର୍ଦ୍ଧିତ ହେବାର ମଧୁର ମୁହୂର୍ତ୍ତ...



ପ୍ରାଣପ୍ରିୟା ପତ୍ନୀଙ୍କ ସହ କବି ସଂଜିତ କୁମାର ବଳ...

■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ଅନେକ ପ୍ରଶ୍ନ ଆଜିଯାଏ କେବଳ ପ୍ରଶ୍ନ ହୋଇ ରହିଛି ମୋ ଭିତରେ । କବିତା କାହିଁକି ଠିକ୍ ସେମିତି ଏକ ପ୍ରଶ୍ନ । କାରଣ ପୃଥିବୀରେ ଏତେ ସୁଖ ଥାଉଥାଉ ଅନ୍ୟ କାହା ଦୁଃଖରେ ବିଷାଦିତ ହେବା, ଗଛବୃଛଙ୍କ ସହ ନୀରବ ଆଳାପ, ନଦୀ, ଝରଣା, ପାହାଡ଼ ସହ ଅନ୍ତରଙ୍ଗ ହୋଇ ବାରମ୍ବାର ଅନ୍ୟମନସ୍କ ହେବା, ଏମିତିକି ମନ୍ଦିରଚୂଡ଼ାରେ ପାରାଙ୍କ ଘୁମୁରା ବୁଝିବାକୁ ନିଜ ସହ ଅନ୍ତରଙ୍ଗ ହେବା ବୋଧେ ଥିଲା ମୋ ନିୟତି । ସେଥିପାଇଁ କଲମ ଆଉ ମୁଁ ପରସ୍ପରକୁ ଏତେ ଭଲପାଇ ବସିଲୁ । ମୁଁ ନଥିବା ବେଳେ, କଲମ ନଥିବା ବେଳେ ପରସ୍ପରର ଛାଇ ଯୋଉ କଥା ହୁଅନ୍ତି ନୀରବରେ, ମୋର ମନେହୁଏ ସେସବୁ କବିତା ପାଲଟିଯାଏ ପରବର୍ତ୍ତୀ ସମୟରେ । ମୋ ଭଲପାଇବା ମୋତେ ବଞ୍ଚାଇ ରଖିବାକୁ ଯୋଉଦିନ ଯନ୍ତଣା ପାଲଟି ଯାଇଥିଲା ସେହିଦିନ ଠୁଁ ହୋଇଥିଲା ମୋ କବିତାର ଆଦ୍ୟ ସ୍ଫୁରଣ ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ମୋ ସାରସ୍ୱତ ପ୍ରେରଣା ହେଉଛନ୍ତି ମୋ ବାପା । ସେ ବି କବିତା ଲେଖନ୍ତି । ସାହିତ୍ୟ ପ୍ରତି ତାଙ୍କର ଗଭୀର ଅନୁରକ୍ତି ପାଇଁ ମୁଁ ପଢ଼ିବାକୁ ସୁଯୋଗ ପାଇଥିଲି ସେ ଆଣିଥିବା ଅନେକ ପ୍ରତିଷ୍ଠିତ ପତ୍ରିକା । ଯାହା ମୋ ଭିତରେ ସାହିତ୍ୟ ପାଇଁ ଗୋଟେ ସୁନ୍ଦର ଜାଗା ତିଆରି କରିଥିଲା ।

ତେବେ ସାହିତ୍ୟର ଆଦ୍ୟଗୁରୁ ଭାବେ ମୁଁ ବରିଷ୍ଠ କବି ସୁଧାଂଶୁ ଶେଖର ବେହେରାଙ୍କ ନାଁ ନେବି, କାରଣ ଶବ୍ଦଙ୍କୁ ଶବ୍ଦରେ ମଡ଼େଇ ଭାବକୁ ନୂଆ ରୂପ ଦେବାର କଳା କୌଶଳ ମୁଁ ତାଙ୍କଠୁଁ ଶିଖିଥିଲି ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥି ମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କହିଁକି ?

■■ ଭଦ୍ରକ କଲେଜରେ ପଢୁଥାଏ । କଲେଜ ମୁଖପତ୍ର 'ପଲ୍ଲୀ ଭାରତୀ' ପାଇଁ କବିତାଟିଏ ଦେବାକୁ ଇଚ୍ଛା ହେଲା । କିନ୍ତୁ କଣ ଲେଖିବି ଭାବି ବିବ୍ରତ ହେଉଥାଏ । ଠିକ ସେହି ସମୟରେ ମୁଁ ଭୋଗୁଥିବା ବିରହ ମୋ ସପକ୍ଷରେ ଠିଆ ହୋଇଥିଲା । ତାପରେ ପଦକୁ ପଦ ପକାଇ କବିତାଟେ ଲେଖିଥିଲି । ଅନେକ କଟାକଟି ପରେ କବିତା ମନକୁ ପାଇଥିଲା ଓ ପତ୍ରିକା ପାଇଁ ଦେଇଥିଲି । ଓଃ ମୋର କି ଆନନ୍ଦ ଛପା ହୋଇଥିବା କବିତା ଦେଖିବା ପରେ ! ସେ ଖୁସି କଣ ମିଳିଥାନ୍ତା ଯଦି ମୁଁ ପ୍ରେମରେ ପଡ଼ି ନଥାନ୍ତି ! ଭାବିଥିଲି ସେଦିନ ।

ଆଜିଯାଏ ମୋର ୧୦ଟି କବିତା ସଂକଳନ ପ୍ରକାଶିତ । ସବୁ ସଂକଳନ ମୋର ପ୍ରିୟ । ତେବେ 'ପତ୍ନୀ' ସଂକଳନ ଟିକେ ଅଧିକ ପ୍ରିୟ । ସାଂସାରିକ ଜୀବନରେ ମୋତେ ମିଳିଥିବା ସୁଖକର ଅନୁଭୂତିରେ ପତ୍ନୀର ଅଧିକ ସହଭାଗିତା ଥିବା ମୋର ମନେହୁଏ । ମୋ ଦୁଃଖ ଯନ୍ତଣା, ଶୋକ ସନ୍ତାପ, ଅଭାବବୋଧ ପାଖରେ ତା ଶବ୍ଦସବୁ ଠିଆ ହୁଅନ୍ତି, ମୋ ଶୂନ୍ୟତାର ଛାଇକୁ ଚିତ୍ରିତ କରିବା ଇଚ୍ଛାରେ । ଦାମ୍ପତ୍ୟ ଜୀବନରେ ଏମିତିକା ଅନେକ ଅନୁଭବକୁ ସଂକଳନର ସବୁ କବିତାରେ ପ୍ରତିଫଳିତ କରିଥିବା ମୋର ମନେହୁଏ ।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?

■■ ଜୀବନର ଅନେକ କ୍ଷେତ୍ରରେ ମୁଁ ବିଫଳ । ପ୍ରେମ ହେଉ ଅଥବା ଚାକିରୀ । ଯଦିଓ ସେହି ବିଫଳତା ମୋତେ ଆଶାବାଦୀ କରିଥିବା ମୋର ମନେହୁଏ । ଓଡ଼ିଆ ସାହିତ୍ୟକୁ ନେଇ ମୁଁ ଆଶାବାଦୀ ନହେଲେ କେମିତି ଲେଖିପାରନ୍ତି କବିତା ! କବିତା ଓ ସାଧାରଣ ମଣିଷଙ୍କ ଭିତରେ ଗୋଟେ ଅଦୃଶ୍ୟ ଓ ନିବିଡ଼ ଡୋର ରହିଛି ପିଲାବେଳୁ ମା'ର ନାନାବାୟା ଠାରୁ । ସାହିତ୍ୟ ଉଚ୍ଚକୋଟିର ହେଲେ ସେ ଡୋର ନିଶ୍ଚିତ ରୂପେ ସୁଦୃଢ ହୋଇ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ମୋର ଦୃଢ଼ ବିଶ୍ୱାସ ।



ପରିବାର ସହ କବି ସଂଜିତ, ଦିନେ ପୁରୀ ସମୁଦ୍ର କୂଳରେ...

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ମାତୃଭାଷା ସଙ୍କଟରେ ବୋଲି ଯାହା କୁହାଯାଉଛି ମୁଁ ସେଥିରେ ବିଶ୍ୱାସ କରେନା । ଯଦି ସଙ୍କଟରେ ତେବେ ଏହାର ନିରାକରଣର ମାର୍ଗ ହେଉଛି ସାହିତ୍ୟ । ସାହିତ୍ୟ ଋଦ୍ଧିମନ୍ତ ହେଲେ ଭାଷା ସମୃଦ୍ଧ ହେବ । ପ୍ରତିବେଶୀ ସାହିତ୍ୟ ଠୁଁ ଦି ପାଦ ଆଗରେ ରହିପାରିଲେ ଆମ ସାହିତ୍ୟ ଚର୍ଚ୍ଚିତ ହେବ ବୋଲି ମୁଁ ଭାବେ ।

■ ଭଲ କବିତାର ସଂଜ୍ଞା କଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତାର ପରିବର୍ତ୍ତନ ସମ୍ଭବ କି ?

■■ ଭଲ କବିତାରେ ପାଠକକୁ ଆପଣାର କରିବାର ଯଥେଷ୍ଟ ଶକ୍ତି ଥାଏ ।

ଭଲ କବିତାର ମୁହଁ ଦର୍ପଣ ପରି । ଯୋଉଥିରେ ଜଣେ ନିଜ ମୁହଁ ଦେଖି ଚମତ୍କୃତ ହୋଇଥାଏ । ଭଲ କବିତା ବି ତିନି ଛକିରେ ତୀର ଚିହ୍ନ ଯାହା ସଠିକ୍ ରାସ୍ତା ସୂଚିତ କରେ ।

ସାହିତ୍ୟ କାହା ମାନସିକତାର ପରିବର୍ତ୍ତନ କରୁ ନଥିଲେ ଗୀତସବୁ ପକ୍ଷୀ ଆଉ ପକ୍ଷୀମାନେ କଣ ଗୀତ ହୋଇପାରନ୍ତେ !

■ ଓଡିଆ ଭାଷା, ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?

■■ ଗତ କିଛି ବର୍ଷ ମଧ୍ୟରେ ଓଡ଼ିଆ ସାହିତ୍ୟର ଉଭୟ ଆଙ୍ଗିକ ଏବଂ ଆତ୍ମିକ ପରିବର୍ତ୍ତନ ଘଟିଛି । ଏହାର ମୁଖ୍ୟ କାରଣ ସାହିତ୍ୟକୁ ନେଇ ଚାଲିଥିବା ପରୀକ୍ଷା ନିରୀକ୍ଷା । ଭବିଷ୍ୟତରେ ସାହିତ୍ୟ ଆହୁରି ଚମକ ସୃଷ୍ଟି କରିବ ବୋଲି ମୁଁ ଆଶାବାଦୀ । କାରଣ ଭବିଷ୍ୟତରେ ଯୋଉ ପିଢ଼ିଙ୍କ କାନ୍ଧରେ ସାହିତ୍ୟର ଭାର ରହିବ ସେଇ କାନ୍ଧ ନୂତନ ଜ୍ଞାନ କୌଶଳରେ ବେଶ୍ ଶକ୍ତିଶାଳୀ ହୋଇଥିବ ବୋଲି ମୋର ବିଶ୍ୱାସ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ ନଥିଲେ ତଥାକଥିତ ସାହିତ୍ୟିକମାନେ କଣ ପୁରସ୍କାର ପଛରେ ପଡିଥାନ୍ତେ ! ଗୋଟେ ମାତ୍ର ଉଚ୍ଚକୋଟିର ସୃଷ୍ଟି ଅନେକ ପୁରସ୍କାରକୁ ପଛରେ ପକାଇଥାଏ । ଏହା ସତ୍ୟ ଜାଣି ବି ଦୁର୍ବଳ ସୃଷ୍ଟି ମାଧ୍ୟମରେ ମାତୃଭାଷାକୁ ସଂକଟରେ ପକାଇବାକୁ କିଛି ସାହିତ୍ୟିକଙ୍କର କି ଅଦ୍ଭୁତ ମାନସିକତା, ବୁଝିହୁଏନା । ସାହିତ୍ୟ ମାଧ୍ୟମରେ ମୋ ବାର୍ତ୍ତାରେ ଏତିକି କହିପାରେ: ନଈ ପାରି ହେବାପାଇଁ ଜରୁରୀ ନୁହେଁ ନଈପହଁରା ଅଭ୍ୟାସ, ଚଢିବା ଆଗରୁ ଜାଣିବା ନିହାତି ଆବଶ୍ୟକ ନୁହେଁ ପାହାଡ଼ କେତେ ଉଚ୍ଚ ! କେବଳ ଜାଣିବା ଜରୁରୀ ସେଇ କୌଶଳ ଟିକକ, ଯେମିତି ଗୋଟେ ଜାଗାରେ ଠିଆ ହୋଇବି ଆଖି ସାମ୍ନାରେ ଲମ୍ବିଥିବା ରାସ୍ତାର ଶେଷ ଦୃଶ୍ୟକୁ ଦେଖିହେବ ।

♥♥



କବିଙ୍କ ଘରର ନାରୀ ଶକ୍ତି....



କବିଙ୍କ ଭବିଷ୍ୟତ ପିଢି....

## ଧାରାବାହିକ ଉପନ୍ୟାସ

# ଭିନ୍ନ ଏକ ବିଦେଶିନୀ

**ଡ.ରତିକାନ୍ତ ବେହେରା**



**ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରଙ୍କୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଚାରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।**

**ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଭାଗ-୩

ତା'ର କେବଳ ମାତ୍ର ଆକର୍ଷଣ ନୀଳାଚଳଧାମ ପୁରୀ। ଅନ୍ତତଃ ମୃତ୍ୟୁ ପୂର୍ବରୁ ଜଗତର ନାଥ ଜଗନ୍ନାଥଙ୍କୁ ରଥ ଉପରୁ ଥରେ ମାତ୍ର ଆଖି ପୂରେଇ ଦେଖିବ। ବାସ୍, ତା'ପରେ ଆଖି ବୁଜିଦେବ ପରମ ଶାନ୍ତିରେ।

ଏତେ ସବୁ କଥା ସେ ଆନନ୍ଦକୁ କହି ପାରିଲା ନାହିଁ। ପ୍ରଶ୍ନଟି ପଚାରି ଉତ୍ତରକୁ ଅପେକ୍ଷା କରିଛି ଆନନ୍ଦ । ଏଣୁ କହିଲା- "ନାଇଁ ଆନନ୍ଦ, ଏବେ ନୁହେଁ, ଆଉ କେତେବେଳେ ଯଦି ସଂଭବ ହୁଏ, ସେତେବେଳେ ଏହାକୁ ମନଭରି ଦେଖିବି, ଆଉ ତା'ର ଶାନ୍ତିସ୍ତୂପରୁ କାଣିଚାଏ ଶାନ୍ତିକୁ ମନଭରି ନେଇଯିବି। ଏବେ ସଂଧ୍ୟା ହୋଇଯିବ, ତୁମେ ତ କହୁଥିଲ ଗାଡ଼ିବାଲା ବ୍ୟସ୍ତ ଅଛି ?"

ଗାଡ଼ି ଭିତରକୁ ଫେରି ଆସିଲା ଜେନି । ପଛେପଛେ ଆନନ୍ଦ ବି। ଏଥର ଗାଡ଼ି ଛୁଟି ଚାଲିଲା ପୁରୀ ଅଭିମୁଖେ। ମୁଗ୍ଧ ହୋଇ ଦେଖୁଥିଲା ଜେନି ରାସ୍ତାର ଦୁଇ ପାର୍ଶ୍ୱକୁ। ଦ୍ରୁତ ଗତିରେ ପଛକୁ ରହିଯାଉଥିଲେ ଗଛ, ବୃକ୍ଷ, ଗାଡ଼ି, ମଟର, ଘରଦ୍ୱାର, ପାଦଚଲା ଲୋକ ଓ ସାଇକେଲ ଆରୋହୀ । ଫାଙ୍କା ଆଖିରେ ଦେଖୁଥିଲା ସେ ଏସବୁ ମାମୁଲି ଦୃଶ୍ୟକୁ। ସବୁ ଯେମିତି ଭିନ୍ନ ପ୍ରକାର ଦିଶୁଥିଲା ତାକୁ। ଭିନ୍ନ ଏକ ଅନୁଭବ, ଭିନ୍ନ ଏକ ଦୃଶ୍ୟ। ଖୁସି ଖୁସି ଭାବଟିଏ ଧୀରେ ଉତୁରି ଆସୁଥିଲା ମନକୁ । ସଂଚରିତ ହୋଇ ଯାଉଥିଲା ସମଗ୍ର ସତ୍ତାକୁ। ତା' ଅନୁଭବକୁ ଏ କଥା ଆସୁଥିଲା ଯେ, ଲଣ୍ଡନରେ ଐଶ୍ୱର୍ଯ୍ୟ, ଧନ, ସଂପତ୍ତି, ରାସ୍ତାଘାଟ ଚାକଚକ୍ୟରେ ଜୀବନ ନାହିଁ। ପ୍ରକୃତ ଜୀବନ ଅଛି ଏ ପ୍ରାକୃତିକ ଜୀବନ ଧାରାରେ । ଅଣଓସାରିଆ ପିଚୁ ସଡ଼କରେ, ନଡ଼ିଆଗଛ ଘେରା ଛୋଟଛୋଟ ଚାଳଘରେ ଓ ପାର୍ଶ୍ୱରେ ଥିବା ପାଳଗଦାରେ। ଗାଡ଼ି ଭିତରୁ କାଚ ଖସେଇ ଦେଇ ପ୍ରାଣ ଭରି ଦେଖୁଥିଲା ଜେନି ଏ ଦୃଶ୍ୟକୁ। ମନେମନେ ଉଲ୍ଲସିତ ହେଉଥିଲା ମଧ୍ୟ । ଏସବୁ ଦୃଶ୍ୟ ଏକ ଭିନ୍ନ ଅନୁଭବ ଆଣୁଥିଲା ତା' ଭିତରେ। ନିଜ ଭିତରେ ଦୀର୍ଘଦିନ ଧରି ଜମାଟ ବାନ୍ଧିଥିବା ବିଷର୍ଣ୍ଣତା ଧୀରେଧୀରେ କେଉଁ କୋଣରେ ଛପି ଯିବାକୁ ଚେଷ୍ଟା କରୁଥିଲା । ଦେହ କ୍ଳେଶକୁ କ୍ରମେ ବିସ୍ମରି ଯାଉଥିଲା ଜେନି। ଏ ସବୁ ଦୃଶ୍ୟରାଜି ତାକୁ ବିଭୋର କରିଦେଉଥିଲା।

"ଆଗରେ ସାକ୍ଷୀଗୋପାଳ" ।- ଆନନ୍ଦ କହିଲା।

ବାହାରୁ ଦୃଷ୍ଟି ଫେରେଇ ଜେନି ଚାହିଁଲା ଉତ୍ସୁକତାରେ ଆନନ୍ଦର ମୁହଁକୁ। "ଏଇଠି ମଣିଷ ପାଇଁ ସାକ୍ଷୀ ଦେବାକୁ ସ୍ୱର୍ଗରୁ ଦେବତା ଓହ୍ଳେଇ ଆସିଥିଲେ ମର୍ତ୍ତ୍ୟକୁ। ସେଇଥିପାଇଁ ଏହା ସାକ୍ଷୀଗୋପାଳ। ଭାରତ ବର୍ଷର ଅନ୍ୟତମ ବିଖ୍ୟାତ କୃଷ୍ଣ ମନ୍ଦିର।"

ଆନନ୍ଦର କଥାଟିକୁ ସଂପୂର୍ଣ୍ଣ ବୁଝି ପାରିଲା ନାହିଁ ଜେନି। ଦୃଷ୍ଟି ଫେରେଇନେଲା ବାହାରକୁ। ବଜାର ଇଲାକା ବୋଲି ଗାଡ଼ିର ଗତି କ୍ରମଶଃ ଧିମେଇ ଆସିଥିଲା। ଗାଡ଼ି ରୋକିବାର ନିର୍ଦ୍ଦେଶକୁ ହୁଏତ ପ୍ରତୀକ୍ଷା କରୁଥିଲା ଡ୍ରାଇଭର୍ । ପାର୍ଶ୍ୱବର୍ତ୍ତୀ କୌଣସି ଏକ ପଇଡ଼ ଦୋକାନକୁ ଅଙ୍ଗୁଳି ନିର୍ଦ୍ଦେଶ କଲା ଜେନି।

ଡ୍ରାଇଭର୍ ଗାଡ଼ି ରୋକିଲା, ଆନନ୍ଦ ଜେନିକୁ ଭିତରେ ବସିବାକୁ କହି ପଇଡ଼ ଦୋକାନ ଆଡ଼କୁ ମୁହେଁଇଲା, କିନ୍ତୁ ଜେନି ବୁଝିପାରିଲା ନାହିଁ ଆନନ୍ଦର କଥାକୁ। କିନ୍ତୁ କାହିଁକି, ପଇଡ଼ ଦୋକାନ ପାଖକୁ ସେ ବି ତ ଯାଇ ପାରିବ ! ନିଜ ପସନ୍ଦର ପଇଡ଼ଟେ ପିଇ ପାରିବ ! ଅଧିକ କୌଣସି ବାକ୍ୟ ବିନମୟ ନ କରି ଜେନି ବି ଓହ୍ଳେଇ ଗଲା ଦୋକାନ ସମ୍ମୁଖକୁ।

ପଇଡ଼ ପିଉଥିବା ଅବସ୍ଥାରେ ଜେନି ଲକ୍ଷ୍ୟ କରୁଥିଲା ତା' ପରିପାର୍ଶ୍ୱକୁ। ସଂଧ୍ୟାବେଳିଆ ରାସ୍ତାକଡ଼ ବଜାର। ଓଡ଼ିଶାକୁ କେବେ ଦେଖି ନଥିବା ଜେନି ସାକ୍ଷୀଗୋପାଳର ସଂଧ୍ୟାବେଳିଆ ରାସ୍ତାକଡ଼ ବଜାର ଦେଖି ସ୍ୱଭାବତଃ କୌତୁହଳୀ ହୋଇ ପଡ଼ିଲା । ମଝିରେ ମଝିରେ ଦୈହିକ କ୍ଳେଶ ଓ ମାନସିକ ଯନ୍ତ୍ରଣା ଲାଗି ରହିଥିବା ସତ୍ତ୍ୱେ ନିଷ୍ପଲକ ନୟନରେ ଦେଖୁଥିଲା ସେ ରାସ୍ତାକଡ଼ ବିପଣୀମାଳାକୁ ଏବଂ ଏହାକୁ କେନ୍ଦ୍ରକରି ହାଉଜାଉ ହେଉଥିବା ଲୋକମାନଙ୍କୁ । ରାସ୍ତାକଡ଼ରେ ବସି ପସରା ମେଲିଦେଇଥିବା ପରିବା ବିକାଳିକୁ। ଶୁଖୁଆ ବିକୁଥିବା ସ୍ତ୍ରୀ ଲୋକଟିକୁ। ଆହୁରି ସେ ବେଶି ଆଶ୍ଚର୍ଯ୍ୟ ହେଉଥିଲା ଏଠି ଏତେ ଲୋକ ଉଦ୍ଦେଶ୍ୟ ବିହୀନ ଭାବେ ଏଣେ ତେଣେ ବୁଲୁଥିବାର ଦେଖି।

ନିଜର କୌତୁହଳ ସମ୍ବରଣ କରି ନପାରି ଆନନ୍ଦ ଠାରୁ ଏହାର କାରଣ ଜାଣିବାକୁ ଚାହିଁଲା ଜେନି। ଆନନ୍ଦ ବୁଝେଇ ଦେଇଥିଲା ଗୋଟି ଗୋଟି କରି। ଶୁଖୁଆ ବିକୁଥିବା, ଚଣା ବାଦାମ ବିକୁଥିବା, ପରିବା ବିକୁଥିବା ଦୋକାନୀମାନଙ୍କ କାରବାର କଥା, ଜୀବନ ଓ ଜୀବିକା କଥା। ଆଉ ଏଣେତେଣେ ହାଉଜାଉ ହେଉଥିବା ନିକମା ଲୋକମାନଙ୍କ କଥା, ଯେଉଁମାନେ ମାଇଣ୍ଡ୍ ଫ୍ରେସ୍ କରିବା ପାଇଁ ହିଁ କେବଳ ବଜାର ଓ ରାସ୍ତାଘାଟକୁ ଓହ୍ଳେଇ ଆସନ୍ତି ସଂଧ୍ୟାବେଳେ। ବାସ୍ତବରେ ସେମାନଙ୍କର କୌଣସି ଉଦ୍ଦେଶ୍ୟ ବା କାମ ନଥାଏ। ଖାଲି ବୁଲିବା ହିଁ ଏମାନଙ୍କ କାମ।

ଏସବୁ ଶୁଣି ଶୁଣି ଓ ଦେଖି ଦେଖି ଆହୁରି କୌତୁହଳୀ ହୋଇ ପଡୁଥିଲା ଜେନି। ସଂପ୍ରତି ଏଠି ଏ ସଂଧ୍ୟାବେଳଟା ଗୋଟେ ବଡ଼ ମେଳାର ଭ୍ରମ ସୃଷ୍ଟି କରୁଥିଲା। ତାକୁ ଲାଗୁଥିଲା ଜଗନ୍ନାଥ ଦେଶର ଏ ଲୋକମାନେ ବାସ୍ତବରେ ଜୀବନ ଭଳି ଜୀବନ ହିଁ ବଞ୍ଚୁଥାନ୍ତି। ଡେଭିଡ୍ ଆସିଥିଲେ ଦେଖିଥାନ୍ତା ପ୍ରାଣ-ପ୍ରାଚୁର୍ଯ୍ୟରେ ଭରପୂର ଏ ଦେଶର ଲୋକମାନଙ୍କ ଜୀବନଧାରାକୁ। ସେଠାରେ ତା'ର ସଂଧ୍ୟା କଟୁଥିବ ଲୁସି ସହିତ କେଉଁ ବିୟର୍ ବାର୍‌ରେ କିମ୍ବା ହୋଟେଲରେ।

ଗହଳିପୂର୍ଣ୍ଣ ବଜାର ମଝିରେ ଛିଡ଼ା ହୋଇ ଅଳ୍ପ ଅଳ୍ପ କରି ପଇଡ଼ର ପାଣି ସମୂହକୁ ନିଃଶେଷ କରିବା ଭିତରେ ପୁଣିଥରେ ମାନସିକ ବିଭ୍ରମତାର ଶିକାର ହୋଇ ପଡ଼ିଲା ଜେନି। ଡେଭିଡ୍ ରିଏଲି ଏ ଡେଭିଲ୍। ତା'ର ଏ ଦୁଃସ୍ଥିତି ପାଇଁ ସେ ହିଁ କେବଳ ଦାୟୀ।

ପଇଡ଼ର ସବୁତକ ପାଣି ସରିଯାଇଥିଲେ ବି ସେମିତି ନିଷ୍ପଲ ଓ ନିଷ୍ପଲକ ଭାବେ ଛିଡ଼ାହୋଇଥିଲା ଜେନି। ଫୋପାଡ଼ିଦେବ ଏଇଟିକୁ, ଯେମିତି ଡେଭିଡ୍ ତାକୁ ଫୋପାଡ଼ି ଦେଇଛି। ଉଭୟ ରାଗ ଏବଂ ଦୁଃଖ ତା' ସମଗ୍ର ସତ୍ତାକୁ କବଳିତ କରି ପକେଇଲା। ଆନନ୍ଦ କ୍ଷଣକ ଭିତରେ ପରିସ୍ଥିତି ବୁଝିନେଲା ଏବଂ ଜେନି ହାତରୁ ପଇଡ଼ ଖୋଳଟିକୁ ଆୟତ୍ତ କରି ଦୋକାନ ପାର୍ଶ୍ୱରେ ଗଦା ହୋଇଥିବା ତୁଚ୍ଛା ଖୋଳଗଦା ଭିତରକୁ ନିକ୍ଷେପ କରିଦେଲା।

ରାଜାରାଣୀ ମନ୍ଦିର ଦର୍ଶନଠାରୁ ଏ ପର୍ଯ୍ୟନ୍ତ ସ୍ୱାଭାବିକ ଦିଶୁଥିବା ଜେନି ପୁଣିଥରେ ବିଷାଦରେ ବୁଡ଼ିଗଲା। ମେଘମୁକ୍ତ ଆକାଶରେ ଘୋଟିଗଲା କଳାହାଣ୍ଡିଆ ମେଘ। ଏବେ ବଜାର ସାରା ହାଉଜାଉ ହେଉଥିବା ଲୋକମାନେ ତାକୁ କିଂଭୂତ କମାକାର ମନେହେଲେ। ସେ ଆଉ କାଳ ବିଳମ୍ବ ନ କରି ବୁଲିପଡ଼ି ପଶ୍ଚାତ ଭାଗରେ ଛିଡ଼ା ହୋଇଥିବା କାର ପାଖକୁ ଲେଉଟି ଯିବାକୁ ଉଦ୍ୟତ ହେଲାବେଳକୁ ତାଙ୍କ ନଜରରେ ପଡ଼ିଲା ଅଦୂରରେ ତା'ରି ଆଡ଼କୁ ମୁହେଁଇ କଥା ହେଉଥିବା ଦୁଇଜଣ ଯୁବକ ତାକୁ ଅଶ୍ଳୀଳ ଇଂଗିତ କରୁଛନ୍ତି। ସେମାନଙ୍କର ଏମିତି ଇଂଗିତ ଆଦୌ ଭଲ ଲାଗିଲା ନାହିଁ ଜେନିକୁ। ସେ ଦୁହିଁଙ୍କର ପ୍ରକୃତ ହାବଭାବ ବୁଝିବା ପାଇଁ ସେ ଅଟକି ଯାଆନ୍ତେ, "ସଂଧ୍ୟା ହୋଇ ଆସୁଛି ମାଡାମ୍। ଆମକୁ ତୁରନ୍ତ ଯିବାକୁ ହେବ ବୋଲି ଆନନ୍ଦ ଏକ ପ୍ରକାର ନିର୍ଦ୍ଦେଶ କଲା।"

ଜେନି ବୁଝିଲା ପରିପାର୍ଶ୍ୱର କୌଣସି ଆକ୍ଷେପ ପ୍ରତି ସେ ଏତେବେଶି ସ୍ପର୍ଶକାତର ହେବା ଅନୁଚିତ, ଯାହା ତାଙ୍କର ଅସୁସ୍ଥ ଶରୀରକୁ ଅଧିକ କିଛି କ୍ଷତି ପହଞ୍ଚାଇ ପାରେ ! କେବଳ ଘୃଣା ସୂଚକ ଅସ୍ପଷ୍ଟ ଶବ୍ଦଟିଏ ତା' ପାଟିରୁ ଧୀରେ ଉଚ୍ଚାରିତ ହେଲା, "ହେଃ"।

ଗାଡ଼ି ଭିତରକୁ ଏକ ପ୍ରକାର ଧସେଇ ପଶିଗଲା ଜେନି। ତା' ଭାବନା ଭିତରେ ଗୁଡ଼ିଏ ଅସଂଗତି ଜଡ଼ିତ ପ୍ରଶ୍ନ ଧସେଇ ପଶି ଆସୁଥିଲେ। କାହିଁକି ଜନ୍ମ ହୁଅନ୍ତି ଏମାନେ- ଯୁବତୀଙ୍କୁ ଅଶ୍ଳୀଳ ଇଂଗିତ କରୁଥିବା ଯୁବକ ଓ ଡେଭିଡ୍ ପରି ମଣିଷମାନେ ? ଈଶ୍ୱର ଏମାନଙ୍କୁ ସୃଷ୍ଟି ନକଲେ କେଡ଼େ ସୁନ୍ଦର ହୋଇଯାଆନ୍ତା ଏ ପୃଥିବୀଟା ! ପୁଣି କାହିଁକି ଈଶ୍ୱର ସୃଷ୍ଟି କରିଥାନ୍ତି ସନ୍ତ୍ରାସବାଦୀ ମାନଙ୍କୁ, ଯେଉଁମାନେ ଏ ପୃଥିବୀକୁ ଅସହ୍ୟ ନରକରେ ଭରି ଦେଇଛନ୍ତି ? ଏମିତି ଗୁଡ଼ିଏ ଅଛିଣ୍ଡା ପ୍ରଶ୍ନରେ ଗୁଡ଼େଇ ତୁଡ଼େଇ ହେଉଥିଲା ଜେନି।

ଡେଭିଡ୍‌ର ସ୍ମୃତିକୁ ମନର କେଉଁ ଏକ ଅପନ୍ତରାକୁ ଫୋପାଡ଼ି ଦେବାକୁ ଚେଷ୍ଟା କରି ବି ଜେନି ବାରମ୍ବାର ବିଫଳ ହେଉଥିଲା। ଦୁଇଜଣ ଯାକ ଏଥର ଗାଡ଼ି ଭିତରେ ବସିବା ପରେ ଡ୍ରାଇଭର୍ ଗାଡ଼ି ଷ୍ଟାର୍ଟ କଲା।

ଜେନି ଭିତରେ ମୁହୁର୍ମୁହୁଃ ପରିବର୍ତ୍ତିତ ହେଉଥିବା ମନୋଭାବରୁ ଆଦୌ କିଛି ତାଙ୍କ ସଂପର୍କରେ ଠଉର କରିପାରୁ ନ ଥିଲା ଆନନ୍ଦ, ଉତ୍ସୁକ ହୋଇ ଅପେକ୍ଷା କରୁଥିଲା ତାଙ୍କର ନିର୍ଦ୍ଦେଶକୁ କେତେବେଳେ କେଉଁ ପ୍ରଶ୍ନ ପଚାରି ଦେଇ ପାରନ୍ତି ବିଦେଶିନୀ ।

"ରଥଯାତ୍ରା କେବେ ହେବ ?"- ଆନନ୍ଦର ମୁହଁକୁ ଅନେଇ ପ୍ରଶ୍ନକଲା ଜେନି।

"ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ।"- ହଠାତ୍ କହି ପକେଇଲା ଆନନ୍ଦ, ଯାହା ତା' ଜିଭ ଅଗରେ ଥିଲା।

ବାସ୍ତବରେ ଜେନି କଛି ବୁଝି ପାରିଲା ନାହିଁ ଆନନ୍ଦର ଉତ୍ତରରୁ ଏବଂ ତାଙ୍କୁ ଇଂରାଜୀ ମାସର ତାରିଖ ଅନୁସାରେ କହିଲେ ସେ ଅନ୍ତତଃ ବୁଝିବେ ବୋଲି ଆନନ୍ଦ ସଚେତନ ହେଲାବେଳକୁ "ମୁଁ ଏ ସବୁ କିଛି ବୁଝେନା, କେତେ ତାରିଖରେ ପଡ଼ିବ କୁହ ?"

"ଜୁନ୍ ତିରିଶ ତାରିଖ ।"

ଜେନିର ମୁଖମଣ୍ଡଳର ଭାବ ହଠାତ୍ ବଦଳିଗଲା ଯେମିତି । ଆଜି ମେ ତେଇଶ ତାରିଖ। ଆହୁରି ପାଞ୍ଚ ସପ୍ତାହ। ଅଥଚ ସେ ଯଥେଷ୍ଟ ଆଗରୁ ଚାଲି ଆସିଲା ଭାରତ। ଜୁନ୍ ମାସ ଅଧାଅଧି ବେଳକୁ ଆସିଥିଲେ ବରଂ ଭଲ ହୋଇଥାନ୍ତା ! ପୁଣି ପର ମୁହୂର୍ତ୍ତରେ ନିଜକୁ ବୁଝେଇ ନେଲା, ଇଂଲଣ୍ଡରେ ପ୍ରତି ମୁହୂର୍ତ୍ତ ଯନ୍ତ୍ରଣାରେ ଛଟପଟ ହେବା ଅପେକ୍ଷା ବରଂ ଚାଲି ଆସିବାଟା ଉଚିତ ହୋଇଛି ବୋଲି ବିବେଚନା କରି ଆଶ୍ୱସ୍ତ ହେଲା। ପୁରୀରେ ଏଇ କେତେଦିନ ନିଜକୁ ଭୁଲେଇ ରଖିବାରେ ପ୍ରୟାସ କରିବ ସେ ।

ଆନନ୍ଦ ମନେମନେ ଆଉ କିଛି ପ୍ରଶ୍ନକୁ ପ୍ରତୀକ୍ଷା କରୁଥିଲା। ଜେନି କିଛି ପଚାରିଲେ ସେ ହୁଏତ ତା'ର ଉତ୍ତର କରିବ। ଅଥଚ ଜେନି ବସିଥିଲା ଚୁପଚାପ୍ ଏବଂ ଅନେଇ ଦେଖୁଥିଲା ଆକାଶକୁ। ଧୀରେ ଧୀରେ ଗୋଧୂଳି ଛାଇ ଯାଉଥିଲା ସମଗ୍ର ଅକାଶକୁ। ତା' ନିଜ ଚେତନାର ଦିଗ୍‌ବଳୟରେ ଭିନ୍ନଭିନ୍ନ ରଂଗ ଉଦ୍‌ଭାସିତ ହେଉଥିଲା।

(କ୍ରମଶଃ)

❤ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
ମୋ : ୯୪୩୯୪୪୨୯୪୨

# ରାଜନୀତି ଓ ବାଗ୍ମିତା

**ଶ୍ରୀ କୃଷ୍ଣ ବଳ**

(ପୂର୍ବ ପ୍ରକାଶିତ ଉତ୍ତାରୁ) ପ୍ରତିଷ୍ଠିତ ବିଶ୍ୱ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଜ୍ଞାନକେନ୍ଦ୍ର ମାନଙ୍କରେ ଯେଉଁ ବୈପ୍ଳବିକ ଭାବ ଓ ମନ୍ତବ୍ୟ ତରଙ୍ଗ ସୃଷ୍ଟି ହେଉଛି ସେସବୁ ପ୍ରଭାବଶାଳୀ ବାଗ୍ମୀମାନଙ୍କ କଣ୍ଠରେ ନାଗରିକ ସମାଜ ଓ ବିଭିନ୍ନ ସମଷ୍ଟିପାଖେ ପହଞ୍ଚୁଛି । ମତ- ଶିବିରର ନୈବିଧ୍ୟ, ବୈଚିତ୍ର୍ୟ ଓ ବୈଭିନ୍ନ୍ୟ ଅଯତ୍ନବର୍ଦ୍ଧିତ ଉପବନରେ ପ୍ରସ୍ଫୁଟିତ ପ୍ରସୂନିମାର ସୁଷମା, ନନ୍ଦନ ଓ ସଂହତିକୁ ମନେ ପକେଇ ଦିଏ । ଏସବୁ ଭିତରେ ଦୁଇଟି ମୁଖ୍ୟଧାରଣା ସୁପ୍ରତୀତ । ଗଣତନ୍ତ୍ରର ବୈବିଧ୍ୟ ସ୍ୱୈରାବାଦୀ ସିଷ୍ଟମ୍‌ରେ ମଧ ବାଗ୍ମିତାଛଳରେ ପ୍ରଶସ୍ତ ଅଳିନ୍ଦ ନିର୍ମାଣ କରୁଛି ସଂପୃକ୍ତ ଓ ସଂଶ୍ଳିଷ୍ଟ ମାନବିକତା ପାଖେ ପହଞ୍ଚିବା । କିନ୍ତୁ ଏକବିଂଶ ଶତାବ୍ଦୀର ଘନଘୋର କୋଳାହଳ ଛକରେ ପହଞ୍ଚି ଜାଣି ହେଉନି ଇତିହାସର ଘଟଣାମୟ ନାଟକୀୟତାରେ କେଉଁ ଆଦର୍ଶ ଶେଷରେ ଜିତିବ ଏବଂ କିଏ ହାରିବ । ଏକ ଗଭୀର ଅନିଶ୍ଚିତତା ଜାଗତିକ ଚିନ୍ତନକୁ ପ୍ରତିହତ କରୁଛି । ବସ୍ତୁନିଷ୍ଠ ଚିନ୍ତାଧୀମାନେ ଉଦାରବାଦୀ କଳ୍ପନାର କାଙ୍ଗାଳିଆପଣ ନିକଟ ଓ ଦୂର ଚକ୍ରବାଳରେ ଦେଖି ସାରିଲେଣି । ସେକ୍‌ସପିୟରଙ୍କ ନାଟକର ଉପସଂହାର ପରି ସବୁକିଛି ନିର୍ଣ୍ଣୟ ରହସ୍ୟ କୁହେଳିରେ ସମାବୃତ । ହେଲେ, ରେଟୋରିକ୍‌ର ଶୀର୍ଷତମ ମଧ୍ୟାହ୍ନ ଇଏ । ନାୟକ, ଖଳନାୟକ ଓ ମୁଖ୍ୟ ପାତ୍ରମାନଙ୍କ ହାତରେ ଓ ଶବ୍ଦରେ ବାଗ୍ମିତା ଯୁଗୀୟ ନୈପୁଣ୍ୟ ନେଇ ପ୍ରତିଭାତ ହେଉଛି। କିଏ ଜାଣେ ଶ୍ରୀକୃଷ୍ଣ ଶେଷସ୍ମିତ କେଉଁ ଅବଗୁଣ୍ଠନ ଫେଡ଼ିବ । କାବ୍ୟିକ ଅନଳ ଛଟା ତ ବାଗ୍ମିତାରେ ରହିଛି । ଏବେ ବେଶି ଭୂମିକା ନେଉଛି ତାର୍କିକତା, ଉଇଟ୍, ବ୍ୟଙ୍ଗ, ବ୍ୟଞ୍ଜନା, ତାଡ଼ନା, ରୁଢ଼ି ପ୍ରୟୋଗ, ବିଦ୍ରୂପ, କୁତ୍ସା, କାଦୁଅଫିଙ୍ଗା, ଭର୍ତ୍ସନା ଏବଂ ସୂକ୍ତି । ଏସବୁ ଅନୁକୂଳ ଏବଂ ପ୍ରତିକୂଳ ଲକ୍ଷଣ ଓ ଚରିତ୍ର ବାଗ୍ମିତାର କଳା ଏବଂ ବିଜ୍ଞାନ ଭିତରେ ସଂଗଭିତ।

ଡଃ ରାଧାକ୍ରୀଷ୍ଣନ୍ ସ୍ୱକୀୟ ଏକ୍‌ସଟେମ୍ପୋର୍ ବାଗ୍ମିତାରେ ଏଲିଟ୍ ଏବଂ ହାରାହାରି ଜନତାକୁ ବିସ୍ମିତ ଏବଂ ସମାଚ୍ଛନ୍ନ କରି ରଖୁଥିଲେ । ବିଦ୍ୱତ୍ତା, ରେଫେରେନ୍‌ସ, ତୀବ୍ର- ସାନ୍ଦ୍ରତା, ଭାଷାର ସୌଷମିକ ସନ୍ନିହିତ ଓ କଣ୍ଠର ମୂର୍ଚ୍ଛନାମୟ ଅନୁରଣନରେ ସେ ବିଶ୍ୱରେ ବରେଣ୍ୟ ଓ ବନ୍ଦିତ ହୋଇଉଠି ଥିଲେ । ବହୁ ଯଶସ୍ୱୀ ବକ୍ତବ୍ୟମାଳା ସେ ଜୀବଦ୍ଦଶାରେ ଶୁଣାଇଛନ୍ତି । ହିବର୍ଟ ବକ୍ତୃତାମାଳାର ଉପସଂହାରରେ ସେଣ୍ଟ୍ ବେଲିଓଲ୍‌ସ କଲେଜ୍‌ର ଅଧକ୍ଷ ଧନ୍ୟବାଦ ପ୍ରସ୍ତାବ ଅର୍ପଣ କଲାବେଳେ କହିଲେ- **'Bofessor has a charm in his eyes, magic in his voice & music in his soul. The Final port of his scholan ship is the introspective vision of humar soul'** ସ୍ୱକୀୟ ବିଦ୍ୱତ୍ତା, ଧୀମତା, ଶବ୍ଦ ଓ ଭାଷାର ଅନିର୍ବଚନୀୟ ମଧୁରିମା, ବାକ୍ୟର ଛନ୍ଦ- ଲୟ- ପତନ- ବିରତିର ପୁଲକରେ ଏଲିଟ୍ ସହସ୍ର ଓ ଅୟୁତଙ୍କ ଉପରେ ସେ ଏମନ୍ତ ଉନ୍ମାଦମୟ ଶିହରଣ ଛାଡ଼ିଯାଉଥିଲେ । ତାହା ପୁଣି ବିଜାତୀୟ ଭାଷାରେ । ଗୋଟିଏ ଅଙ୍ଗୁଠିର ଝଲକରେ ଏବଂ ହାତର କୁଞ୍ଚନରେ ସେ ଏହି ସମ୍ମୋହନ ରଚନା କରୁଥିଲେ । ଗାନ୍ଧୀ ଏବଂ ନେହେରୁଙ୍କ ପରି ବିଶ୍ୱ-ବୀକ୍ଷଣକାର ସଂକୋଚଶୀଳ ପ୍ରତିଧ୍ୱନିରୁ ଧୀରେ ଧୀରେ ଐତିହାସିକ ବାଗ୍ମିତାରେ ନିୟୁତ ଜନ-ଅରଣ୍ୟକୁ ପ୍ରବୋଧିତ କରି ପକାଇଲେ । ସେମାନଙ୍କର ବିପ୍ଳବର ମେସେଜ୍ ଓ ମନ୍ତ୍ର ଅଗଣିତ ମାନବିକତାର ମନ ଓ ହୃଦୟରେ ଉପଲବ୍ଧିର ଝଙ୍କାର ତୋଳିପାରିଲା। ନେହେରୁଙ୍କ 'ଟ୍ରଷ୍ଟି ଉଇଥ୍ ଡେଷ୍ଟିନି' ବାଗ୍ମିତା- ସ୍ତବକ ଅଦ୍ୟାବଧି ଶୀତ୍କାର ତୋଳୁଛି ଜନମାନସରେ ତଥା ଚେତନା- ପ୍ରାଜ୍ଞ ବୌଦ୍ଧିକ ଗହଳିରେ । ମାର୍କସୀୟ ବାଗ୍ମିତା ତାଙ୍କ ଲେଖା ଓ ଅଭିବ୍ୟକ୍ତିରେ ନୂଆ ଗୋଲାର୍ଦ୍ଧର ସରହଦ ସୃଷ୍ଟି କଲା । ହିଟ୍‌ଲରଙ୍କ ମନୋମୁଖୀ, ପ୍ରମତ୍ତ, ବିଦ୍ରୋହର ଆହ୍ୱାନ ଅନ୍ତିମରେ ବିଶ୍ୱଯୁଦ୍ଧର ବିଭୀଷିକାମୟ ତମିସ୍ରାରେ ରସାତଳର ସମଗ୍ର ସଭ୍ୟତାକୁ ଆତଙ୍କରେ ଛାଇ ଦେଇଥିଲା ଦିନେ । କିଏ ଜଣେ କହିଥିଲେ ବୁଦ୍ଧ, ଗାନ୍ଧୀ ଏବଂ ମାର୍କ୍ସ- ଏଇ ତିନିଜଣ ବର୍ତ୍ତମାନ ମାନବତାକୁ ଚିନ୍ତା ଦେଇଛନ୍ତି ଏବଂ ସେଇ ଚିନ୍ତାକୁ ଚିନ୍ତା କରିବାକୁ ଆହ୍ୱାନ ଏବଂ ସମର୍ଥନ ଅର୍ପଣ କରିଛନ୍ତି । ସେଠି ବି ବାଗ୍ମିତାର ପର୍ଯ୍ୟାପ୍ତ ଅଭିକ୍ଷେପ ।

ଅକ୍ସଫୋର୍ଡର ତର୍କସଭାରେ ହାରଲ୍‌ଡ ଉଇଲିସନ୍ ବାଗ୍ମିତାର ସନ୍ଦର୍ଭ ଅବଲୋକନ କଲାବେଳେ ଇତିହାସ ବୋଧ ଏବଂ ବ୍ୟଙ୍ଗବୋଧକୁ ପ୍ରମୁଖତା ବାଢ଼ିଥିଲେ । ଇତିହାସର ନାଟୀକାରେ ବ୍ୟକ୍ତି ନିଜକୁ ସ୍ଥାନୀତ କରିବ ଏବଂ ବ୍ୟଙ୍ଗ ସଂଜାତରେ ସେ ନିଜର ନମ୍ରତା ନିଜେ ହିଁ ମାପିବସିବ । ବ୍ଲୁସବରୀ ମୂଲ୍ୟବୋଧରେ ବିଶଦତା ଓ ସାଧୁତା ଏବଂ ସତ୍ୟର ଅଭିବ୍ୟକ୍ତି ପାଇଁ ବିଦ୍ରୂପ ଓ ସାଟାୟାରର ସହାୟତା ନିଆଯାଇଥିଲା । ବାଗ୍ମିତାର ଅସରନ୍ତି ପର୍ବରେ ଏଇ ନିର୍ମଳତା ଓ ହସରସ ପ୍ରତିଷ୍ଠାବନ୍ତଙ୍କୁ ଜମି ଉପରକୁ ଟାଣି ଆଣେ । ସେକ୍‌ସପିୟରଙ୍କ ସଂଳାପରେ ଯେବେ କଥିତ ହୁଏ ସେଇ ଯୋଷା- **'Brutus was an honourable man'** ତେତେବେଳେ ଶବ୍ଦର ଓ ବକ୍ତାର ଉଚ୍ଛ୍ୱସିତ, ମୌନ ଅଥଚ ରୁଦ୍ର ସ୍ୱର ଆମେ ଶୁଣିପାରୁ । ସତ୍ୟ- ସନ୍ଧାନୀ ଆତ୍ମା- ପ୍ରବର ମହାନ୍ ସକ୍ରେଟିସ୍‌ଙ୍କ ଅନ୍ତିମ ଲଗ୍ନର ଯେଉଁ ମଦମତ୍ତା- ଚଞ୍ଚଳ ନ୍ୟାରେଟିଭ୍ ପ୍ଲାଟୋ ଛାଡ଼ି ଯାଇଛନ୍ତି ତହିଁରୁ ଗଦ୍ୟର ସଲୀଳତା ଭିତରେ କାବ୍ୟର ମଞ୍ଜୁଳିମା ଏବେ ବି ଆମକୁ ବେପଥୁରେ ମଜ୍ଜିଦିଏ। ସେ ମୁକ୍ତ ଚିନ୍ତାର ଅଧିକାର ଏବଂ ପ୍ରୟୋଜନକୁ ସିଂହାସନ ଆଡ଼େ ଫେରାଇ ଆଣିବାକୁ ଚାହୁଁଥିଲେ। ସକ୍ରେଟିସ ମୃଷ୍ଟିମେୟ ସତୀର୍ଥଙ୍କୁ ଅନେଇ କହି ପକାଇଲେ ପ୍ରେରଣାର ନିଷାରେ- ତମେ ହର୍ଷାନ୍ୱିତ ହୁଅ ଏବଂ ସମସ୍ତେ କହିଉଠ ଯେ- ତମେ କେବଳ ମୋ' ଦେହକୁ ସଅଁପିଦେବ ସମାଧିରେ । ହାର୍ଭାଡ଼୍‌ର ପ୍ରସିଦ୍ଧ ଶ୍ରେଣୀ ପ୍ରକୋଷ୍ଠରୁ ଯଶସ୍ୱୀ ମତିମାନ୍ ସାନ୍ତାୟନ ନିଜ ବାଗ୍ମିତାରେ ସ୍ମୃତି ସୃଷ୍ଟି କରିଛନ୍ତି- କେମିତି ସ୍ତବ୍ଧ ଓ ମୁଗ୍ଧ ଓ ମଞ୍ଜୁଳ ଏବଂ ଅପସୃୟମାଣ ଚେତନାରେ ସେ ରେନାଁସା ପେଣ୍ଟରଙ୍କ ଆଲେଖ୍ୟର ବିତାନକୁ ମନେ ପକେଇ ଦିଅନ୍ତି । ଅନିର୍ଦ୍ଦିଷ୍ଟ, ମଥିତ ଆକ୍ଷିରେ ଏବଂ ଅର୍ଦ୍ଧସ୍ମିତ ଦୁଷ୍ଟାମି ଓ ତୃପ୍ତିର ମୁଦ୍ରାରେ ତାଙ୍କର ବିଭବଶାଳୀ ସ୍ୱର ନିମ୍ନଗାର ଫେନିଳ ଉଚ୍ଛ୍ୱାସ ପରି ଢେଉ ସୃଷ୍ଟି କରି ଚାଲିଛି ଯେମିତି ସ୍ତୋତ୍ର ପାଠର ସ୍ନିଗ୍ଧ, ସୁକାନ୍ତ, ସନ୍ତୁଳିତ ମହ୍ଲାର ଇଏ। ସତେ ଯେମିତି ଏହା ଏକ ସୂକ୍ଷ୍ମ, ଉତ୍କୀର୍ଣ୍ଣ କବିତା ଏବଂ ଭବିଷ୍ୟବାଣୀର ସିଏ ବୈତାଳିକ ଓ ମାଗଧୀ । ବାଗ୍ମିତାର ଏମନ୍ତ ପ୍ରତ୍ୟାଗମନ ଆମ ଆହ୍ନିକରେ ଗୁରୁ ଓ ଲଘୁ ସଂହିତା ବାଢ଼ି ଦେଇଛି ରାଜନୀତି, ସମାଜ ଧର୍ମୀୟ ଏବଂ ବିଶ୍ୱବିଦ୍ୟାଳୟ ଜୀବନରେ । ହେଲେ ଏହାର ଅନ୍ତିମ କଣ ହେବ କିଏ ଜାଣେ । (ସମାପ୍ତ)

❤ ମୋ: ୭୬୦୯୦୧୦୫୮୧

# ସାମାଜିକ ପରୀକ୍ଷଣ

**ଓଟେରି ସେଲଭା କୁମାର**



ପ୍ରସିଦ୍ଧ ସମାଜବିଜ୍ଞାନୀ ଡକ୍ଟର ଏମା ଟେଲରଙ୍କର ଏକ ବୈପ୍ଳବିକ ଧାରଣା ଥିଲା: ଏକ ସାମାଜିକ ପରୀକ୍ଷଣ ସୃଷ୍ଟି କରିବା ଯାହା ପ୍ରମାଣ କରେ ଯେ ଡିଜିଟାଲ ଯୁଗରେ ମଧ ପ୍ରେମ ସମସ୍ତଙ୍କୁ ଜିତିପାରିବ । ସେ ବିଭିନ୍ନ ବର୍ଗର ୨୦ ଜଣ ଅଜଣା ବ୍ୟକ୍ତିଙ୍କୁ ନିଯୁକ୍ତି ଦେଇ ସେମାନଙ୍କୁ ଅଚାନକ ଯୋଡ଼ିଥିଲେ।

ଶିକାର ବ୍ୟକ୍ତିଗତ ଭାବେ ସାକ୍ଷାତ ନକରି ସେମାନେ କେବଳ ସୋସିଆଲ ମିଡିଆ ମାଧ୍ୟମରେ ଯୋଗାଯୋଗ କରିଥିଲେ। ଏହି ପରୀକ୍ଷଣ ଛଅ ମାସ ଧରି ଚାଲିବ ଏବଂ ଦମ୍ପତିମାନେ ଏକ ଘରୋଇ ଫୋରମରେ ସେମାନଙ୍କଯାତ୍ରାକୁ ଦସ୍ତାବିଜ କରିବେ ।

ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ ଥିଲେ ଜଣେ ଅନ୍ତର୍ମୁଖୀ ଲେଖକ ଜ୍ୟାକ୍ ଏବଂ ଜଣେ ମୁକ୍ତ ମନୋଭାବର କଳାକାର ସୋଫିଆ। ସେମାନଙ୍କର ପ୍ରାରମ୍ଭିକ କଥାବାର୍ତ୍ତା ଅଜବ ଥିଲା, କିନ୍ତୁ ଧୀରେ ଧୀରେ ସେମାନେ ପରସ୍ପର ପାଇଁ ଖୋଲିବାକୁ ଲାଗିଲେ ।

ସପ୍ତାହ ବିତିବା ସହିତ, ଜ୍ୟାକ୍ ଏବଂ ସୋଫିଆ ପରସ୍ପରର ନିକଟତର ହେଲେ ଏବଂ ସେମାନଙ୍କର ଆଶା, ଭୟ ଏବଂ ସ୍ୱପ୍ନ ବାଣ୍ଟିବା ଜାରି ରଖିଲେ । ସେମାନେ ପ୍ରତ୍ୟେକ ସୁଖ ଦୁଃଖରେ ପରସ୍ପରକୁ ସହଯୋଗ କରିଥିଲେ ଏବଂ ସେମାନଙ୍କ ର ସମ୍ପର୍କ ଗଭୀର ହୋଇଥିଲା।

ଏହି ସମୟରେ ଅନ୍ୟ ଦମ୍ପତିମାନେ ବିଭିନ୍ନ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। କେହି ବିଶ୍ୱାସ ପ୍ରସଙ୍ଗରେ ସଂଘର୍ଷ କରୁଥିଲେ ତ ଆଉ କିଏ ପରସ୍ପର ବିରୋଧୀ ମୂଲ୍ୟବୋଧ ସହ ସଂଘର୍ଷ କରୁଥିଲେ। ଗତିଶୀଳତାରେ ଆକର୍ଷିତ ହୋଇ ଏମା ସେମାନଙ୍କୁ ଅନୁଧ୍ୟାନ ଓ ମାର୍ଗଦର୍ଶନ କରିଥିଲେ। ପରୀକ୍ଷଣ ଶେଷ ହେବାକୁ ଯାଉଥିବା ବେଳେ, ଏମା ଏକ ଟ୍ୱିଷ୍ଟ ପ୍ରକାଶ କଲେ: ଶେଷରେ ଦମ୍ପତି ବ୍ୟକ୍ତିଗତ ଭାବରେ ସାକ୍ଷାତ କରିବେ। ଜ୍ୟାକ୍ ଏବଂ ସୋଫିଆ ନର୍ଭସ ଥିଲେ କିନ୍ତୁ ଉତ୍ସାହିତ ମଧ ଥିଲେ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ରାମ ରସାମୃତ ସିନ୍ଧୁ



**ଡାକ୍ତର ଦିଲ୍ଲୀପ କୁମାର ମହାରଣା**

ରାମାୟଣ କେବଳ ଭାରତୀୟ ଧର୍ମ ଦର୍ଶନର ମୂଳ ଉତ୍ସ ନୁହେଁ ବରଂ ଏହା ସମଗ୍ର ଭାରତୀୟ ସମସ୍ତ ଧର୍ମ ଦର୍ଶନ ଶାସ୍ତ୍ରର ପ୍ରଥମ ଉତ୍ସ। ଏହା ଆମର ରାଷ୍ଟ୍ରୀୟ ଗର୍ବ ଓ ରାଷ୍ଟ୍ରୀୟ ଚେତନା ପ୍ରଦାନକାରୀ। ଏହା ହିନ୍ଦୁ ସଂସ୍କୃତିର ସ୍ମାରକ ତଥା ବିସ୍ତୃତ ଆଦର୍ଶର ପରିଚାୟକ। ଭାରତୀୟ ଜନତାଙ୍କ ପାଇଁ ଏହା ସତେ ଯେପରି ଏକ ପ୍ରକାଶସ୍ତମ୍ଭ। ଅନ୍ଧାରିତ ଓ ଅଭୂତ ଅବସ୍ଥାରେ ହିନ୍ଦୁ ଜାତି ପ୍ରତି ଏହା ଉତ୍ସାହର ସ୍ରୋତ। ଏହା ଭ୍ରାତୃ ପ୍ରେମର ଅଲୌକିକ ଆଦର୍ଶ ଉପସ୍ଥାପନକାରୀ। ଏହି ରାମାୟଣର ମହତ୍ତ୍ୱକୁ ଉତ୍ତମ ରୂପେ ହୃଦୟଙ୍ଗମ କରିପାରିଲେ ଆମ ସମାଜରେ ପିତାଙ୍କ ଆଜ୍ଞା ପାଳନ ଏକ ପତ୍ନୀବ୍ରତ, ଭ୍ରାତୃପ୍ରେମ, ସହଚର ମାନଙ୍କ ପାଇଁ ସମଭାବ, ପ୍ରଜାମାନଙ୍କ ମଙ୍ଗଳ କାମନା, ମାତୃଭୂମି ପ୍ରତି ପ୍ରେମ ଭକ୍ତମାନଙ୍କର ରକ୍ଷା ଓ ଦୁଷ୍ଟ ମାନଙ୍କ ଦମନ ଆଦି ଗୁଣମାନଙ୍କର କିଛି ଶିକ୍ଷା କରିପାରିବ। ଏ ଜାତି ହେବ ମହାନ ଏ ଦେଶର ସଂସ୍କୃତି ହେବ ଦିଗନ୍ତପ୍ରସାରୀ।

ଗଞ୍ଜାମବାସୀ କବି କାହ୍ନୁ ଦାସ ରାମରସାମୃତ ସିନ୍ଧୁ ନାମକ ଏକ ରାମ କାବ୍ୟ ରଚନା କରିଥିବା ଜଣାଯାଏ। ରାମାୟଣର କଥାବସ୍ତୁକୁ କବି ତାଙ୍କ କାବ୍ୟ ମଧ୍ୟରେ ବର୍ଣ୍ଣନା କରିଥିଲେ ମଧ ରାମନାମର ମାହାତ୍ମ୍ୟକୁ ଅତି ସୁନ୍ଦର ଭାବରେ ଚିତ୍ରଣ କରିଛନ୍ତି। ରାମ ଯେ କେବଳ ଏକ ଅବତାର ତାହା ନୁହେଁ ବରଂ କବିଙ୍କ ଦୃଷ୍ଟିରେ ସେ ସ୍ୱୟଂ ସମ୍ପୂର୍ଣ୍ଣ ବିଷ୍ଣୁ। ସେ ରାମ ନାମ ମଧ୍ୟରେ କବି ଭରି ନେଇଛନ୍ତି ମୁକ୍ତି ବା ମୋକ୍ଷର ଅମୃତ ବାରିଧାରା।

ପରବର୍ତ୍ତୀ କାଳରେ କାହ୍ନୁ କବି ଓ ଅନୁବାଦଗଣ ରାମକଥା ବିଷୟକ ଗ୍ରନ୍ଥାମନ ଅନୁବାଦ କରି ଓଡ଼ିଆ ରାମ ସାହିତ୍ୟକୁ ସମୃଦ୍ଧ କରିଯାଇଛନ୍ତି। ସେମାନଙ୍କ ମଧ୍ୟରୁ ଜଗନ୍ନାଥ ଦାସଙ୍କ 'ଟୀକା ରାମାୟଣ', ବାରାନିଧି ଦାଶଙ୍କ 'ବିଲଙ୍କା ରାମାୟଣ', ହଳଧର ଦାଶଙ୍କ 'ଅଧ୍ୟାତ୍ମ ରାମାୟଣ' ମହାଦେବ ଦାଶଙ୍କ 'ରାମାୟଣ', ଗୋପାଳ ଦାଶଙ୍କଙ୍କ 'ଆଧ୍ୟାତ୍ମ ରାମାୟଣ', କୃଷ୍ଣଚନ୍ଦ୍ର ରାଜେନ୍ଦ୍ରଙ୍କର 'ଆର୍ଷ ରାମାୟଣ', ସୂର୍ଯ୍ୟମଣିଚ୍ୟାଉ ପଟ୍ଟନାୟକଙ୍କର 'ଅଧ୍ୟାତ୍ମ ରାମାୟଣ', କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କ 'ବାଲ୍ମିକୀ ରାମାୟଣ', କେଶବ ତ୍ରିପାଠୀଙ୍କ 'ପୂର୍ଣ୍ଣ୍ୟ ରାମାୟଣ', ସୀତା ଚରଣଙ୍କ 'ଭକ୍ତିରସାମୃତ ରାମାୟଣ', ଗୁଣ ସାଗରଙ୍କର 'ରାମ ରସାମୃତ ରାମାୟଣ', କପିଳେଶ୍ୱର ବିଦ୍ୟା ଭୂଷଣଙ୍କର 'ବାଲ୍ମୀକି ରାମାୟଣ' ପ୍ରଭୃତି ବିଶେଷ ଉଲ୍ଲେକଯୋଗ୍ୟ।

ଏତଦବ୍ୟତୀତ କବି ନିଧି ଦାଶ, ରାଧା ଚରଣ ନାୟକ, ସେବା ଦାସ, ଈଶ୍ୱର ଦାସ, ଗୋପୀନାଥ ପାତ୍ର, ରଘୁନାଥ ଦାସ, ରାମ ଦାସ, ବୈଶ୍ୟ ସଦାଶିବ ପ୍ରଭୃତି ବହୁ ସ୍ରଷ୍ଟା ରାମଚରିତ ରଚନା କରିଯାଇଛନ୍ତି। ଏହି ସବୁ ରାମକଥା ସମୂହକୁ ତୁଳନା କଲେ ଜଣାପଡ଼େ ଯେ ଏହିସବୁ ରାମାୟଣର ରାମକାବ୍ୟର ମୂଳ ରାମକଥା ଗୁଡ଼ିକ ସଂସ୍କୃତ ବାଲ୍ମିକୀ ରାମାୟଣ ସହିତ ଭିନ୍ନତ୍ୱ ପ୍ରତିପାଦନ ହୋଇଛି। ସେହି ବିଭିନ୍ନ ସମସାମୟିକ ସାମାଜିକ ସ୍ଥିତି ହିଁ ଏଥିପାଇଁ ମୂଳତଃ ଦାୟୀ। ଏହି ଭିନ୍ନତା ସତ୍ତ୍ୱେ ରାମସାହିତ୍ୟ ଯେ ଦେଶର ଜାତୀୟ ସଂହତିର ମୂଳମନ୍ତ୍ର ସନ୍ଦେହ ନାହିଁ।



❤ ଶିଖରପୁର ଉପରସାହି, କଟକ,
(ମୋ) ୮୨୮୦୯୬୩୨୮୩/
୯୪୩୮୫୮୩୨୮୯

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

ସୃଜନର ସୁରମ୍ୟ ସମ୍ଭାର


email : rabibarachayan2015@gmail.com




# ମଧୁରୋକ୍ତି...( ୧୧ )


♥ ମଧୁମିତା ମିଶ୍ର


(ପୂର୍ବ ପ୍ରକାଶିତ ଉତ୍ତାରୁ) ଦୈବୀ ବିଡମ୍ବନା ସଦୃଶ କିଛି ସମୟ ଉପରାନ୍ତେ ବାଳୀ ଦିନେ ହଠାତ୍ ଆସି ସୁଗ୍ରୀବଙ୍କୁ ନିଜ ରାଜ୍ୟ ତଥା ପରିବାର ଛଡେଇ ନେଇଥିବା ଅଭିଯୋଗ କରି ଏବଂ ତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଗୁମ୍ଫା ବନ୍ଦ କରିଥିବାର ଆରୋପ ଲଗେଇ ମାରିବାକୁ ଗୋଡେଇଲେ। ସୁଗ୍ରୀବ ଯେତେ ଅନୁନୟ ବିନୟ ହେଲେ ମଧ୍ୟ ସେ ଶୁଣିଲେନି। ଲହୁ ଲୁହାଣ ହୋଇ ସୁଗ୍ରୀବ ଦୌଡୁଥାନ୍ତି ଏବଂ ବାଳୀ ତାଙ୍କୁ ପ୍ରହାର କରି ମାରିଦେବାକୁ ଚେଷ୍ଟା କରୁଥାନ୍ତି। ଏପରି ଏକ ଅଭାବନୀୟ ପରିସ୍ଥିତିରେ ସୁଗ୍ରୀବ ହଠାତ୍ ଆସି ଋଷ୍ୟମୂଖ ପର୍ବତ ପାଦଦେଶରେ ପହଞ୍ଚି ଯାଇଥିଲେ ଯେଉଁଠାରେ ବାଳୀ ପ୍ରବେଶ କରି ନପାରି କେବଳ ଧମକ ଦେଇଥିଲେ ଆଉ କହିଥିଲେ ଯେ ଯେଉଁ ମୁହୂର୍ତ୍ତରେ ସୁଗ୍ରୀବ ସେହି ପାହାଡ ତଳକୁ ଆସିବେ ସଙ୍ଗେ ସଙ୍ଗେ ବାଳୀ ତାଙ୍କୁ ମାରି ପକେଇବେ। ସେଇଥିପାଇଁ ସେହି ଦିନଠାରୁ ସୁଗ୍ରୀବ ସେହି ପର୍ବତ ଉପରେ ବାସ କରୁଥିଲେ। ବାଳୀଙ୍କୁ ଅଜର ଅମର ଭାବୁଥିବା ବେଳେ ତାଙ୍କୁ ଏହି ଆଶ୍ୱାସନା ମଧ୍ୟ ମିଳିଥିଲା ଯେ ଯେତେବେଳେ କେହି ଜଣେ ସାତୋଟି ତାଳ ଗଛକୁ ଗୋଟିଏ ତୀରରେ ଭେଦ କରିଦେବେ ସେତେବେଳେ ସେ ଜାଣି ପାରିବେ ଯେ ସେ ହିଁ ବାଳୀର ଅନ୍ତ କରି ପାରିବେ।ନିଜେ ପବନପୁତ୍ର ତାଙ୍କ ସହିତ ରହି ତାଙ୍କର ଯତ୍ନ ନେଉଥିଲେ। ସୁଗ୍ରୀବ,ହନୁମାନ, ଜାମ୍ବବାନ୍ ସମସ୍ତେ କେବଳ ତୁମ ଆସିବା ବାଟକୁ ଚାହିଁ ବସିଥିଲେ।

ପବନପୂତ୍ର ତୁମକୁ ଦେଖି ଯେତେବେଳେ ତୁମ ଶ୍ରୀଚରଣରେ ପ୍ରଣାମ କରିଥିଲେ ସେ ସ୍ପଷ୍ଟ ଦେଖି ପାରିଥିଲେ କିପରି ପ୍ରଭୁ କେବଳ ଧର୍ମର ଉଦ୍ଧାର କରିବା ପାଇଁ କେତେ କଷ୍ଟ ସହିଥିଲେ...!! କୋମଳ ପାଦ ତୁମର ବଣ ଜଙ୍ଗଲ ଭିତରେ ପଥର, କଣ୍ଟା ଆଘାତ ସହି କ୍ଷତ ବିକ୍ଷତ ହୋଇ ଯାଇଥିଲା। ସୀତା ମାତାଙ୍କୁ ଖୋଜି ଖୋଜି ତୁମେ ପାହାଡ, ପର୍ବତ, ନଦୀ ନାଳକୁ ପଚାରି ଚାଲୁଥିଲ କାଳେ କେହି ତୁମକୁ ସାହାଯ୍ୟ କରି ପାରିବେ ବୋଲି। ଦୁନିଆର କେଉଁ କଥା ତୁମେ ଜାଣିନ ପ୍ରଭୁ... ତୁମ ନିର୍ଦ୍ଦେଶରେ ସୂର୍ଯ୍ୟ ଚନ୍ଦ୍ର ତାରା ଆତଯାତ ହୁଅନ୍ତି। ଆଉ ତୁମେ ଫେରେ ଖୋଜି ପାଉ ନଥିଲ ନିଜ ଧର୍ମପତ୍ନୀଙ୍କ ଠିକଣା...!! ଏହା ମଧ୍ୟ କେବଳ ମାନବ ଧର୍ମ ପାଳନର ଏକ ଅନନ୍ୟ ଉଦାହରଣ ନା ପ୍ରଭୁ...!!

ନିଜ ଭକ୍ତ ନାରଦଙ୍କ ଅଭିଶାପ ପାଳନ ପାଇଁ କରିଥିବା ତୁମର ଏହି ପଦକ୍ଷେପ ସମସ୍ତଙ୍କୁ ଶୋକ ସାଗରରେ ବୁଡେଇ ଦେଉଥିଲା ଯେତେବେଳେ ସେମାନେ ଦେଖୁଥିଲେ ତୁମେ କିପରି ନିଜ ଅଶ୍ରୁ ରୋକିବାରେ ସମର୍ଥ ହେଉ ନଥିଲ...!! ବୀର ଲକ୍ଷ୍ମଣ ମଧ୍ୟ ସବୁବେଳେ ନିଜକୁ ଦୋଷୀ ମନେ କରୁଥିଲେ। ଯଦି ସେ ସେଦିନ ମାତାଙ୍କ କଥା ଶୁଣି ତୁମକୁ ଖୋଜିବା ପାଇଁ କୁଟୀର ବାହାରକୁ ଯାଇ ନଥାନ୍ତେ ତେବେ ଆଜି ହୁଏତ ଏପରି ଦିନ ଆସି ନଥାନ୍ତା...!! ତୁମେ ବିଳାପ କରି କହୁଥିଲ ଯେ ମହାରାଜ ଜନକଙ୍କୁ ତୁମେ କିପରି ନିଜ ମୁଖ ଦେଖେଇ ପାରିବ...!! କେତେ ବିଶ୍ୱାସରେ ସେ ନିଜ ଅଲିଅଳି ଝିଅର ହାତ ଟେକି ଦେଇଥିଲେ ତୁମ ହାତକୁ...!! ରାଜା ହେବାର ସବୁ ସମ୍ଭାବନାକୁ ଏଡେଇ ଦେଇ ବନବାସୀ ହେବାକୁ ଚୟନ କରିଥିବା ତୁମ ପରି ଜମାତାଙ୍କ ସହିତ ସେ ନିଜ କନ୍ୟାକୁ ବଣକୁ ପଠେଇ ଦେଇଥିଲେ। ହେଲେ ତୁମେ ତାଙ୍କର ସୁରକ୍ଷା ଟିକକ ମଧ୍ୟ କରି ପାରି ନଥିଲ ବୋଲି ନିଜକୁ ଦୋଷ ଦେଇ ଚାଲିଥିଲ। ତୁମର ଏପରି ଅବସ୍ଥା ଦେଖି ହନୁମାନ ବହୁତ୍ ଦୁଃଖୀ ହୋଇଯାଇଥିଲେ। ନିଜ ଆରାଧ୍ୟ ଠାକୁରଙ୍କ ସହିତ ଏତେ ପ୍ରତୀକ୍ଷା ପରେ ଭେଟ ହେବାର ପରମସୁଖ ତୁମର ମଳୀନ ମୁଖ ମଣ୍ଡଳ ଅବଲୋକନ କରି ଶୋକରେ ପରିଣତ ହୋଇଯାଇଥିଲା। ସୁଗ୍ରୀବଙ୍କ ସହିତ ଭେଟ କରେଇ ଦେବାକୁ ସେ ତୁମ ଦୁଇଭାଇଙ୍କ ପାଇଁ ବିରାଟ ରୂପ ଧାରଣ କରି ତୁମକୁ ନିଜ ହାତ ପାପୁଲିରେ ଉଠେଇ କାନ୍ଧରେ ବସେଇ ନେଇ ଯାଇଥିଲେ।

ସୁଗ୍ରୀବ ତୁମ ପାଦତଳେ ମୁଣ୍ଡିଆ ମାରି ତୁମର ଶରଣାଗତ ହୋଇଥିଲେ। ତୁମେ କିନ୍ତୁ ତାଙ୍କୁ ହୃଦୟରେ ଲଗେଇ ମିତ୍ରତାର ହାତ ବଢ଼େଇ ଥିଲ। କେବଳ ସେତିକି ନୁହେଁ ବରଂ ଅଗ୍ନି ପ୍ରଜ୍ୱଳିତ କରି ତା ସମ୍ମୁଖରେ ପରସ୍ପରକୁ ବଚନ ଦେଇ ମିତ୍ରତାର ବନ୍ଧନୀରେ ବାନ୍ଧି ହୋଇ ଯାଇଥିଲ। ତୁମେ ନିଜ ମିତ୍ରଙ୍କୁ କିଷ୍କିନ୍ଧ୍ୟାର ରାଜା କରିବାକୁ ଏବଂ ବାଳୀ ବଧ କରିବାକୁ ବଚନ ଦେଲ ଏବଂ ସୁଗ୍ରୀବ ମାତା ସୀତାଙ୍କୁ ଖୋଜି ଆଣିବା ପାଇଁ ସହାୟତା କରିବା ପାଇଁ ବଚନ ଦେଲେ।

ମାତାଙ୍କୁ ରାବଣ ଆକାଶ ମାର୍ଗରେ ନେଇ ଯାଉଥିବା ବେଳେ ସେ ବିକଳ ହୋଇ ନିଜ ଆଭୂଷଣ ସବୁ ତଳକୁ ପକେଇ ଚାଲିଥିଲେ। ସେ ଭିତରୁ କିଛି ବାନରମାନେ ସେସବୁ ପାଇ ଆଣି ରାଜା ସୁଗ୍ରୀବଙ୍କୁ ଦେଇଥିଲେ। ସୁଗ୍ରୀବ ସେହି ଅଳଙ୍କାର ସବୁ ଦେଖେଇବା ପରେ ତୁମେ ଭାବ ବିହ୍ୱଳ ହୋଇ ବାଷ୍ପରୁଦ୍ଧ ହୋଇ ଯାଇଥିଲ। ପ୍ରତ୍ୟେକଟି ଅଳଙ୍କାର ଛୁଇଁ ତୁମେ ମାତାଙ୍କ ଦିବ୍ୟ ସ୍ପର୍ଶର ଅନୁଭବ କରୁଥିଲ। ପରେ ଲକ୍ଷ୍ମଣଙ୍କୁ ଦେଖେଇବାରୁ ସେ ମାତାଙ୍କ ପାଦର ପାଉଁଜି ଦେଖି ଚିହ୍ନିଲେ। ମାତା ସମାନ ଭାଉଜଙ୍କ ପାଦ ଛଡା ସେ ଆଉ କେଉଁଆଡେ ନଜର ଉଠେଇ ଚାହିଁ ନଥିଲେ। ତେଣୁ ସେ କେବଳ ପାଦର ଅଳଙ୍କାର ହିଁ ଚିହ୍ନି ପାରିଲେ। ଦେଇଥିବା ବଚନ ଅନୁସାରେ ପ୍ରଥମେ ତୁମେ ବାଳୀ ବଧ କରିବାକୁ ଆଗେଇ ଆସିଥିଲ।

ସାତତାଳ ଗଛ ଗୋଟିଏ ମାତ୍ର ତୀରରେ ଭେଦ କରି ସାରି ତୁମେ ପ୍ରମାଣ କରି ଦେଇଥିଲ ଯେ ତୁମେ ହିଁ କେବଳ ବାଳୀ ବଧ କରି ପାରିବ। ଏପରିକି ଦୁନ୍ଦୁଭିର ଅସ୍ଥି କଙ୍କାଳକୁ ମଧ୍ୟ ଦୂରକୁ ନେଇ ଯାଇଥିଲା ତୁମର ତୀର । ତୁମ ଭରସାରେ ଆଗେଇ ଯାଇ ସୁଗ୍ରୀବ ବାଳୀଙ୍କୁ ସମ୍ମୁଖ ଯୁଦ୍ଧର ଆହ୍ୱାନ ଦେଲେ। ସେ ଜାଣିଥିଲେ ଯେ ବାଳୀ ପରି ଜଣେ ମହାନ୍ ବୀର କେବେ ମଧ୍ୟ ଏପରି ଯୁଦ୍ଧ ଡାକରାକୁ ମନା କରନ୍ତି ନାହିଁ। କଥା ଥିଲା ଯେ ତୁମେ ଏହି ଯୁଦ୍ଧ ଚାଲିଥିବା ସମୟରେ ହିଁ ବାଳୀବଧ କରିବ। ହେଲେ...ସୁଗ୍ରୀବ ଓ ବାଳୀ ଦେଖିବାକୁ ଏତେ ସମଦର୍ଶୀ ଥିଲେ ଯେ ତୁମେ ଚିହ୍ନିବାକୁ ଅସମର୍ଥ ହୋଇ ଯାଇଥିଲ ଦୁହିଁଙ୍କ ମଧ୍ୟରେ ତୁମ ବନ୍ଧୁ ସୁଗ୍ରୀବ କିଏ ଥିଲେ।ଆଉ ସେଇଥିପାଇଁ ଶର ସନ୍ଧାନ କରି ପାରି ନଥିଲ। ଯେନ ତେନ ପ୍ରକାରେଣ ଜୀବନ ରକ୍ଷା କରି ସୁଗ୍ରୀବ ଫେରି ଆସିଥିଲେ ସେଦିନ...!!

ସୁଗ୍ରୀବ ଫେରି ଆସିବା ପରେ ବହୁତ ମନଦୁଃଖ କଲେ। ପ୍ରଭୁ କିପରି ନିଜର ବଚନ ରକ୍ଷା କଲେନି ବୋଲି ପଚାରିଲେ। ହେଲେ ତୁମେ ତ କୃପାନିଧାନ। ତୁମେ ସମସ୍ତଙ୍କ ପ୍ରତ୍ୟେକ କଥାକୁ ସାଦରେ ଗ୍ରହଣ କରିଥାଅ। ଆଉ ନିଜ ଶାନ୍ତ ବଚନରେ ବୁଝେଇ ଦେଇଥାଅ। ଠିକ୍ ସେହିପରି ତୁମେ ସୁଗ୍ରୀବଙ୍କୁ ମଧ୍ୟ ବୁଝେଇ ଦେଇଥିଲ। ସାକ୍ଷାତ ନିଜ ଛୋଟ ଭାଇଟେ ପରି। ଆଉ ହନୁମାନଙ୍କୁ ନିର୍ଦ୍ଦେଶ ଦେଇଥିଲ ଯେ ସେ ଏକ ବନଫୁଲର ମାଳ ଆଣିଦେବେ। ସେହି ମାଳକୁ ତୁମେ ଲମ୍ବେଇ ଦେଇଥିଲ ସୁଗ୍ରୀବଙ୍କ ଗଳାରେ। ଏଥର ବାଳୀ ଆଉ ସୁଗ୍ରୀବ ଭିତରେ ଫରକ କରିବା ଆଉ କଷ୍ଟକର ନଥିଲା। ମନ ଦୃଢ଼ କରି ପୁନଃ ବାଳୀକୁ ଯୁଦ୍ଧ ପାଇଁ ଡାକରା ଦେବାକୁ କହିଥିଲ।

ସୁଗ୍ରୀବ ପୁଣି ଯାଇ ବାଳୀଙ୍କୁ ଆହ୍ୱାନ ଦେଇଥିଲେ। କେବଳ ତୁମ ଉପରେ ତାଙ୍କର ସଂପୂର୍ଣ୍ଣ ବିଶ୍ୱାସ ଥିଲା ବୋଲି ସେ ଏତେ ବଡ ନିଷ୍ପତ୍ତି ନେବା ଆଗରୁ ଜମାରୁ ଥରେ ବି ଭାବି ନଥିଲେ। ଯାହାର ରକ୍ଷକ ତୁମେ ତାକୁ ଭଲା ଆଉ କି ଚିନ୍ତା ଥାଇପାରେ...!!

ବାଳୀ ଓ ସୁଗ୍ରୀବଙ୍କ ମଧ୍ୟରେ ଭୀଷଣ ଯୁଦ୍ଧ ହେଲା। କେହି କାହାରିକୁ କମ୍ ନଥିଲେ।ଆଉ ତୁମେ ଗଛ ପଛରେ ଲୁଚି ଦେଖି ପାରୁଥିଲ ସେ ଦୁହିଁଙ୍କୁ। ବିଜୟ ମାଳ ପିନ୍ଧିଥିବା ଯୋଗୁଁ ଆଉ କିଛି ଅସୁବିଧା ହେଲାନି। ବାଳୀର ଅତ୍ୟାଚାର ସୀମା ଟପି ଯାଇଥିଲା। ଅନ୍ୟାୟର ଅନ୍ତ କରିବା ପାଇଁ ତୁମକୁ ହିଁ ପଦକ୍ଷେପ ନେବାକୁ ହୋଇଥିଲା। ଯୁଦ୍ଧ ଚାଲିଥିବା ସମୟରେ ତୁମର ତୀର ବାଳୀର ବକ୍ଷ ବିଦାରଣ କରି ଦେଇଥିଲା।

ମୃତ୍ୟୁ ସମୟରେ ବାଳୀ ଦେଖିବାକୁ ଚାହିଁଥିଲେ ସେହି ବୀରଙ୍କୁ ଯାହା ଶରରେ ତାଙ୍କର ଅନ୍ତ ସମ୍ଭବ ହୋଇଥିଲା। ତୁମକୁ ପାଖରୁ ଦେଖି ସେ ଜାଣି ଯାଇଥିଲେ ଯେ ତାଙ୍କ ଜୀବଦଶା ଭିତରେ ସେ ଯେତେ ପାପ କରିଛନ୍ତି ତାହା ସମାପ୍ତ ହୋଇ ଯାଇଥିଲା। କାରଣ ସେ ସ୍ୱୟଂ ଶ୍ରୀବିଷ୍ଣୁଙ୍କ ହାତରେ ମୃତ୍ୟୁବରଣ କରିଥିଲେ...!!ହେ କରୁଣା ସାଗର...!!

ବାଳୀର ବଧ ସିନା ଦୈବୀ ବିଧାନ ଅନୁସାରେ ହୋଇଥିଲା ହେଲେ ତୁମ ନ୍ୟାୟ ବ୍ୟବସ୍ଥା ତୁମକୁ ସେହି ବରଦାନ ଦେବାକୁ ପ୍ରେରଣା ଦେଇଥିଲା ଯାହା ଦ୍ୱାପର ଅନ୍ତକୁ ନିଜ ସାଙ୍ଗରେ ନେଇ ଆସିଥିଲା...!!

(ଆରଥରକୁ)


♥ ଭୁବନେଶ୍ୱର
ମୋ: ୯୪୩୮୪୭୦୮୦୭


ଚିନ୍ତା ଓ ଚେତନା



# ଦରମା, କ୍ଷମତା ଓ ସମାନତା: ସ୍ୱ-ଅନୁମୋଦିତ ବେତନର ବିପଦ


ଡକ୍ଟର୍ ଗୋଲକ ବିହାରୀ ଆଚାର୍ଯ୍ୟ


ଆଧୁନିକ ଶାସନ ଏବଂ କର୍ପୋରେଟ୍ ପ୍ରଶାସନରେ, କର୍ମଚାରୀଙ୍କ ବେତନ କିଏ ଏବଂ କେଉଁ ଆଧାରରେ ନିର୍ଣ୍ଣୟ କରେ, ତାହାର ଦୂରଗାମୀ ପରିଣାମ ରହିଛି। ଭାରତରେ, ଅନେକ ଅନୁଷ୍ଠାନ ସେମାନଙ୍କ କର୍ମଚାରୀଙ୍କ ପାରିଶ୍ରମିକ, ଭତ୍ତା ଏବଂ ପ୍ରୋତ୍ସାହନ ନିର୍ଣ୍ଣୟ କରିବାରେ ବିଭିନ୍ନ ସ୍ତରର ସ୍ୱାୟତ୍ତତା ଉପଭୋଗ କରନ୍ତି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ), ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ୍ ବୋର୍ଡ ଅଫ୍ ଇଣ୍ଡିଆ (ସେବି), ଏବଂ ଇନ୍ସ୍ୟୁରାନ୍ସ ରେଗୁଲେଟୋରୀ ଆଣ୍ଡ ଡେଭଲପମେଣ୍ଟ ଅଥରିଟି ଅଫ୍ ଇଣ୍ଡିଆ (ଆଇଆରଡିଏଆଇ) ଭଳି ସଂସ୍ଥାମାନେ ସରକାରୀ ନିୟମ ଏବଂ ବଜାର ମାନଦଣ୍ଡ ଦ୍ୱାରା ବ୍ୟାପକ ଭାବରେ ପରିଚାଳିତ ହୋଇ, ଆଭ୍ୟନ୍ତରୀଣ ବୋର୍ଡ ଏବଂ କମିଟି ମାଧ୍ୟମରେ ନିଜସ୍ୱ କ୍ଷତିପୂରଣ ଢାଞ୍ଚା ପ୍ରସ୍ତୁତ କରିବାକୁ କ୍ଷମତାପ୍ରାପ୍ତ। ଏପରିକି ନ୍ୟାୟପାଳିକା, ଯଦିଓ ସାମ୍ବିଧାନିକ ଭାବରେ ସ୍ୱାଧୀନ, ତଥାପି ସରକାରୀ ନିଷ୍ପତ୍ତି ଏବଂ ବେତନ କମିଶନଙ୍କ ସୁପାରିଶ ଦ୍ୱାରା ପ୍ରଭାବିତ ଏକ ସଂରଚିତ ପ୍ରଣାଳୀ ଅନୁସରଣ କରେ। ତେବେ, ବ୍ୟକ୍ତିଗତ ଲାଭ ପାଇଁ, ଦରମା ବୃଦ୍ଧି କିମ୍ବା ଅତିରିକ୍ତ ଭତ୍ତାର ପ୍ରସ୍ତାବ ଆସିଲେ ବିଧାନସଭା କିମ୍ବା ସଂସଦରେ ସହଜରେ ସର୍ବସମ୍ମତି ପ୍ରକାଶ ପାଏ।

ମୂଳ ବେତନ ବ୍ୟତୀତ, ଅନେକ ସଂସ୍ଥା—ଉଭୟ ସରକାରୀ ଓ ବେସରକାରୀ—ଅତିରିକ୍ତ ପ୍ରୋତ୍ସାହନମାନ ଆରମ୍ଭ କରନ୍ତି: ଭତ୍ତା, ସ୍ୱାସ୍ଥ୍ୟ ସୁବିଧା, ପେନ୍‌ସନ୍, କାର୍ଯ୍ୟଦକ୍ଷତା ବୋନସ୍, ତାଲିମ ସୁବିଧା, ଏବଂ ଅନ୍ୟାନ୍ୟ ଅନୁଷ୍ଠାନିକ ସୁବିଧା। ଏହି ପଦକ୍ଷେପଗୁଡ଼ିକ ପ୍ରାୟତଃ ଦକ୍ଷତା ବୃଦ୍ଧି, ପ୍ରତିଭା ଆକର୍ଷଣ ଏବଂ ମନୋବଳରେ ଉନ୍ନତି ପାଇଁ ଉପକରଣ ଭାବରେ ଯଥାର୍ଥ ପ୍ରମାଣିତ ହୁଏ। ନୀତିଗତ ଭାବରେ, ଏହିପରି ନମନୀୟତା ଅନୁଷ୍ଠାନଗୁଡ଼ିକୁ ସେମାନଙ୍କର ନିର୍ଦ୍ଦିଷ୍ଟ କାର୍ଯ୍ୟଗତ ଆବଶ୍ୟକତାକୁ ପୂରଣ କରିବାକୁ ଅନୁମତି ଦିଏ।

ତେବେ, ସମସ୍ୟା ସେତେବେଳେ ଉପୁଜେ, ଯେତେବେଳେ କ୍ଷତିପୂରଣ ନିର୍ଣ୍ଣୟ କରିବାର କ୍ଷମତା ଯଥେଷ୍ଟ ବାହ୍ୟ ତଦାରଖ, ସ୍ୱଚ୍ଛତା, କିମ୍ବା ବ୍ୟାପକ ଅର୍ଥନୈତିକ ତଥା ସାମାଜିକ ପ୍ରସଙ୍ଗ ପ୍ରତି ସମ୍ବେଦନଶୀଳତା ବିନା ପ୍ରୟୋଗ କରାଯାଏ। ଯେତେବେଳେ ନିଷ୍ପତ୍ତି ନେଉଥିବା ବ୍ୟକ୍ତିବିଶେଷ ନିଜେ ଦରମା ବୃଦ୍ଧି ଏବଂ ପ୍ରୋତ୍ସାହନର ପ୍ରାଥମିକ ହିତାଧିକାରୀ ହୁଅନ୍ତି, ଏହା ଅନିବାର୍ଯ୍ୟ ଭାବରେ ସ୍ୱାର୍ଥର ଦ୍ୱନ୍ଦ୍ୱକୁ ନେଇ ଚିନ୍ତା ସୃଷ୍ଟି କରେ। ଯେତେବେଳେ ଉତ୍ତର ଦାୟିତ୍ୱ ଅବା ଦାୟିତ୍ୱବୋଧ ବଳି ପଡ଼ିଥିବା ପରି ମନେହୁଏ ଏବଂ ଆତ୍ମ-ସ୍ୱାର୍ଥର ବେଦୀରେ ରାଜକୋଷର ସତର୍କତା ବଳି ଦିଆଯାଏ, ସେତେବେଳେ ଜନସାଧାରଣଙ୍କ ବିଶ୍ୱାସ ହ୍ରାସ ପାଏ। କିଛି ଲୋକଙ୍କ ପାଇଁ ବର୍ଦ୍ଧିତ ପାରିଶ୍ରମିକ ବଜେଟ୍ ଉପରେ ଚାପ, ଜନକଲ୍ୟାଣ ପାଇଁ ଆବଣ୍ଟନ ହ୍ରାସ, ଏବଂ ବଢୁଥିବା ଜନ ଅସନ୍ତୋଷରେ ପରିଣତ ହୋଇପାରେ।

ଏହିପରି ନିଷ୍ପତ୍ତିଗୁଡ଼ିକ ବ୍ୟାପକ କର୍ମଜୀବୀଙ୍କ ଉପରେ ସୃଷ୍ଟି କରୁଥିବା ତରଙ୍ଗ ପ୍ରଭାବ ଅଧିକ ଚିନ୍ତାଜନକ। ଯେତେବେଳେ ଶୀର୍ଷ କାର୍ଯ୍ୟକର୍ତ୍ତାମାନେ ନିଜର ଲାଭକୁ ପ୍ରାଥମିକତା ଦିଅନ୍ତି, ଅଥଚ କର୍ମଚାରୀଙ୍କ ଏକ ବିଶାଳ ଭାଗ—ଶିକ୍ଷକ, ସ୍ୱାସ୍ଥ୍ୟସେବା କର୍ମୀ, ଚୁକ୍ତିଭିତ୍ତିକ କର୍ମଚାରୀ, ଏବଂ ଅଣ-ସଂଗଠିତ ଶ୍ରମିକ—ସ୍ଥାଣୁ ବେତନ ଏବଂ ବଢୁଥିବା ବ୍ୟୟ ସହିତ ସଂଘର୍ଷ କରନ୍ତି, ସେତେବେଳେ ଏକ ଅସନ୍ତୁଳନ ସୃଷ୍ଟି ହୁଏ। ଏହା କ୍ଷେତ୍ରଗୁଡ଼ିକ ମଧ୍ୟରେ ବେତନ ଅସମାନତାକୁ ବଢାଏ, ମନୋବଳ ହ୍ରାସ କରେ ଏବଂ ଅନୁଷ୍ଠାନିକ ସମନ୍ୱୟକୁ ଦୁର୍ବଳ କରେ। ସମୟ କ୍ରମେ, ଏହିପରି ବୈଷମ୍ୟ ଉତ୍ପାଦନ କ୍ଷମତାକୁ କ୍ଷତି ପହଞ୍ଚାଏ, ସାମାଜିକ ବିଭାଜନକୁ ଗଭୀର କରେ, ଏବଂ ଅର୍ଥନୈତିକ ସ୍ଥିରତାକୁ ବିପଦରେ ପକାଏ।

୧୯୯୦ ଦଶକର ଉଦାରୀକରଣ ପରଠାରୁ ଭାରତର ଅଭିଜ୍ଞତା ଏହି ଦ୍ୱନ୍ଦ୍ୱକୁ ତୀବ୍ର ଭାବରେ ଚିତ୍ରଣ କରେ। ବିଶ୍ୱାୟନ ବିଦେଶୀ ପୁଞ୍ଜି ବିନିଯୋଗ, ବହୁରାଷ୍ଟ୍ରୀୟ କର୍ପୋରେସନ୍ ଏବଂ ବିଶ୍ୱସ୍ତରୀୟ ପ୍ରତିଭା ଆଣିଲା, କିନ୍ତୁ ଏହା ସହିତ ତୀବ୍ର ଆୟ ବୈଷମ୍ୟ ମଧ୍ୟ ସୃଷ୍ଟି କଲା। ବରିଷ୍ଠ କାର୍ଯ୍ୟନିର୍ବାହୀମାନେ—ପ୍ରାୟତଃ ପ୍ରବାସୀ—ଶୀର୍ଷ ସାମ୍ବିଧାନିକ କର୍ତ୍ତୃପକ୍ଷଙ୍କ ତୁଳନାରେ ଅନେକ ଗୁଣ ଅଧିକ ଦରମା ପାଉଥିବା ଘଟଣାଗୁଡ଼ିକ ଭାରତୀୟ ବେତନ ଢାଞ୍ଚାର ଭଗ୍ନ ସନ୍ତୁଳନକୁ ପ୍ରକାଶ କଲା। କ୍ଷେତ୍ରଗୁଡ଼ିକ ମଧ୍ୟରେ ତୁଳନା ଅସନ୍ତୋଷକୁ ତୀବ୍ର କଲା, ଯାହା ଏକ ପ୍ରକାର ଅନୁଭବରେ ପରିଣତ ହେଲା ଯେ ପୁରସ୍କାରଗୁଡ଼ିକ ସାମାଜିକ ଦାୟିତ୍ୱ କିମ୍ବା ଜାତୀୟ ପ୍ରାଥମିକତାଠାରୁ ବିଚ୍ଛିନ୍ନ।

ଏହାର ପ୍ରତିକ୍ରିୟାରେ, କ୍ରମାଗତ ସରକାରମାନେ ସରକାରୀ କ୍ଷେତ୍ରରେ ବେତନକୁ ଯୁକ୍ତିଯୁକ୍ତ କରିବା ଏବଂ ସମାନତା ଫେରାଇ ଆଣିବା ପାଇଁ ବେତନ କମିଶନମାନ ଗଠନ କଲେ। ଯଦିଓ ଏହି ପଦକ୍ଷେପଗୁଡ଼ିକ ଆୟ ବଢାଇଲା ଏବଂ ମୁଣ୍ଡପିଛା ଆକଳନକୁ ଉତ୍ସାହିତ କଲା, ସେଗୁଡ଼ିକର କିଛି ଅବାଞ୍ଛିତ ପରିଣାମ ମଧ୍ୟ ରହିଲା। ମୁଦ୍ରାସ୍ଫୀତି ଚାପ ବଢିଲା, ଜୀବନଧାରଣର ମାନ ବଢିଲା ଏବଂ ମୁଦ୍ରାର ମୂଲ୍ୟ କ୍ଷୟ ହେଲା। ସାଧାରଣ ନାଗରିକଙ୍କ ପାଇଁ, ଉଚ୍ଚ ନାମମାତ୍ର ଆୟ ପ୍ରକୃତ ଅର୍ଥନୈତିକ ନିରାପତ୍ତାରେ ପରିଣତ ହେବାରେ ବିଫଳ ହେଲା। ଅଭିବୃଦ୍ଧି ଆକଳନରେ ଉନ୍ନତି ହେଲା, କିନ୍ତୁ ସମାନତାପୂର୍ଣ୍ଣ ସମୃଦ୍ଧି ଦୁର୍ଲଭ ରହିଲା।

ଏସବୁ ଏକ ବ୍ୟାପକ, ଅଧିକ ସାମଗ୍ରିକ ଦୃଷ୍ଟିକୋଣର ଜରୁରୀ ଆବଶ୍ୟକତାକୁ ଗୁରୁତ୍ୱ ଦିଏ। ଭାରତକୁ ଏକ ସ୍ୱାଧୀନ, ବିଶ୍ୱାସଯୋଗ୍ୟ ତଦାରଖ ବ୍ୟବସ୍ଥା ଆବଶ୍ୟକ, ଯାହା ସରକାରୀ ସଂସ୍ଥା, ସ୍ୱାୟତ୍ତ ଅନୁଷ୍ଠାନ, ଏବଂ ଏପରିକି ବୃହତ ବେସରକାରୀ ଉଦ୍ୟୋଗଗୁଡ଼ିକରେ କ୍ଷତିପୂରଣ ଢାଞ୍ଚାଗୁଡ଼ିକୁ ଯାଞ୍ଚ କରିପାରିବ। ଏହିପରି ଏକ କର୍ତ୍ତୃପକ୍ଷ ବେତନକୁ ସୂକ୍ଷ୍ମ ଭାବରେ ପରିଚାଳନା କରିବ ନାହିଁ, ବରଂ ଯୁକ୍ତିଯୁକ୍ତ ମାନଦଣ୍ଡ ସ୍ଥିର କରିବ, ସ୍ୱଚ୍ଛତା ସୁନିଶ୍ଚିତ କରିବ, ଅତ୍ୟଧିକ ସ୍ୱ-ପୁରସ୍କୃତ ଲାଭକୁ ନିରୁତ୍ସାହିତ କରିବ, ଏବଂ ବେତନ ଅଭିବୃଦ୍ଧିକୁ ଉତ୍ପାଦନ କ୍ଷମତା, ଅର୍ଥନୈତିକ ସାମର୍ଥ୍ୟ, ଏବଂ ସାମାଜିକ ସମାନତା ସହିତ ସମନ୍ୱିତ କରିବ।

ଶେଷରେ, ଏକ ରାଷ୍ଟ୍ରର ଅର୍ଥନୈତିକ ସ୍ୱାସ୍ଥ୍ୟ କେବଳ ଏହା କେତେ ସମ୍ପଦ ସୃଷ୍ଟି କରେ, ତାହା ଉପରେ ନିର୍ଭର କରେ ନାହିଁ, ବରଂ ସେହି ସମ୍ପଦ କେତେ ଯୁକ୍ତିଯୁକ୍ତ ଭାବରେ ବଣ୍ଟନ କରାଯାଏ, ତାହା ଉପରେ ନିର୍ଭର କରେ। ସାମାଜିକ ସନ୍ତୁଳନକୁ ବିଚାରକୁ ନନେଇ, ଏକାକୀ ନିଆଯାଇଥିବା ଦରମା ନିଷ୍ପତ୍ତିଗୁଡ଼ିକ ସେହି ପ୍ରଣାଳୀକୁ ଅସ୍ଥିର କରିବାର ବିପଦ ସୃଷ୍ଟି କରେ, ଯାହାକୁ ସେମାନେ ପୁରସ୍କୃତ କରିବାକୁ ଚାହାଁନ୍ତି। ତେଣୁ, ସମାନତା, ଜବାବଦେହିତା ଏବଂ ସଂଯମତା କ୍ଷତିପୂରଣ ନୀତିଗୁଡ଼ିକୁ ମାର୍ଗଦର୍ଶନ କରିବା ଉଚିତ—ଯାହାଫଳରେ ପ୍ରଗତି କେବଳ କିଛି ସୁବିଧାପ୍ରାପ୍ତ ବ୍ୟକ୍ତିଙ୍କୁ ନୁହେଁ, ବରଂ ଅର୍ଥନୀତିର ମେରୁଦଣ୍ଡ ଗଠନ କରୁଥିବା ଅନେକ ଲୋକଙ୍କୁ ଲାଭ ଦେବ।


♥ କେଶଦୁରାପାଳ, କୁଶଳେଶ୍ୱର,
କେଉଁଝର
ମୋ: ୯୯୩୮୧୭୫୧୦୦,
୯୪୩୯୩୯୧୨୦୦


# ନିଜେ ବଦଳିଲେ ସମାଜ ବଦଳିବ




ବିଜୟ କୁମାର ପୃଷ୍ଟି


ପ୍ରତ୍ୟେକ ବର୍ଷ ଡିସେମ୍ବର ୨୧ ତାରିଖ ଦିନ ପାଳନ କରାଯାଏ 'ବିଶ୍ୱ ଧ୍ୟାନ ଦିବସ'। ଚଳିତ ବର୍ଷର ଘୋଷଣା ହେଲା 'ନିଜେ ବଦଳିଲେ - ସମାଜ ବଦଳିବ', ବ୍ରହ୍ମକୁମାର ବା ବ୍ରହ୍ମକୁମାରୀମାନେ ସାକ୍ଷାତ ହେଲେ ସମ୍ବୋଧନ କରି କୁହନ୍ତି 'ଓମ୍ ଶାନ୍ତି'। ଅର୍ଥାତ୍ ସମସ୍ତେ ଶାନ୍ତିରେ ରୁହନ୍ତୁ। କେମିତି ରହିବେ କେବଳ କହିଦେଲେ ତ ଶାନ୍ତି ମିଳିବନି।

ଆଜି ସାରା ବିଶ୍ୱରେ ଖାଲି ବିଶୃଙ୍ଖଳା, ଅଶାନ୍ତି, ଅରାଜକତା ବଢ଼ି ଚାଲିଛି। ଘରେ ସ୍ୱାମୀ-ସ୍ତ୍ରୀର ସୁସଂପର୍କ ରହୁନାହିଁ, ଭାଇ ଭାଇର ମନ ମିଶୁ ନାହିଁ, ବାପପୁଅ ମଧ୍ୟରେ ଅଶାନ୍ତି, ବନ୍ଧୁ ପରିଜନ ମଧ୍ୟରେ ଆନନ୍ଦ ଉଲ୍ଲାସ ନାହିଁ, ଗାଁ ଗଣ୍ଡାରେ ମାଲି ମକଦ୍ଦମା ଏବଂ ଦେଶ ଦେଶ ମଧ୍ୟରେ ଶତ୍ରୁତା ବଢ଼ି ଯୁଦ୍ଧର ବିକଟାଳ ଦୃଶ୍ୟ ବଢ଼ି ଚାଲିଛି। ଏହା ଫଳରେ ଦୁଃଖ, ଯନ୍ତ୍ରଣା ଏବଂ ଅବସାଦ ବ୍ୟତୀତ ଆଉ କିଛି ନାହିଁ। ଆପଣ ଭାବୁଥିବେ ଆଇନ କଡ଼ାକଡ଼ି ହୋଇଗଲେ ସମସ୍ତେ ଶୃଙ୍ଖଳିତ ହୋଇଯିବେ ନା ପୁଲିସର କଡ଼ା ପହରାରେ ଚୋରି ବନ୍ଦ ହୋଇଯିବ। ନାଁ, ଏହା ଅସମ୍ଭବ। କେବଳ ମନୁଷ୍ୟ ଭିତରେ ଥିବା ମନ ବା ମାନସିକତା ପରିବର୍ତ୍ତନ ହେଲେ ସବୁ ସମ୍ଭବ ହୋଇ ପାରିବ। ଏହି ସୁନ୍ଦର, ବିଚିତ୍ର ମନ ହିଁ ସମଗ୍ର ବିଶ୍ୱର ପ୍ରତ୍ୟେକ ସମସ୍ୟାର ସମାଧାନ କରିପାରିବ। ବିଶ୍ୱରେ ଶାନ୍ତି ଫେରି ଆସିବ। ମନୁଷ୍ୟର ମନ ଯଦି ନିଜର ଅଧିନରେ ରହିବ ତା'ର ସମସ୍ତ ଚିନ୍ତା ଓ କର୍ମ, ବୁଦ୍ଧି ଏବଂ ପବିତ୍ର ହୋଇଥାଏ। ସେଥିପାଇଁ ବୁଦ୍ଧଦେବ ବିପଶ୍ୟନ ଯୋଗ ମାଧ୍ୟମରେ ମନକୁ ନିୟନ୍ତ୍ରଣ କରିବାର ସରଳ ମାର୍ଗ ପ୍ରଦର୍ଶନ କରିଛନ୍ତି।

ଗୋଟିଏ ଉଦାହରଣ ନିଆଯାଇପାରେ। ଆନ୍ଧ୍ରର ପୂର୍ବ ନାଇଡୁ ସରକାରଙ୍କ ସମୟର ପ୍ରତ୍ୟେକ ସଚିବାଳୟର କର୍ମଚାରୀ ଗୋଟିଏ ଗୋଟିଏ ଗ୍ରୁପରେ ୧୪ ଦିନର ବିପଶ୍ୟନ ଯୋଗ ପ୍ରଶିକ୍ଷଣରେ ଯୋଗ ଦେଇଥିଲେ। ଫଳାଫଳରୁ ଯାହା ଜଣା ପଡ଼ିଲା, କର୍ମଚାରୀମାନେ କର୍ମ କ୍ଷେତ୍ରରେ ୫ରୁ ୬ଘଣ୍ଟା ପର୍ଯ୍ୟନ୍ତ ନିଜର କର୍ତ୍ତବ୍ୟ ସମ୍ପାଦନା କରୁଛନ୍ତି। ଯାହାକି ପୂର୍ବରୁ ମାତ୍ର ୩ରୁ ୪ଘଣ୍ଟା କାର୍ଯ୍ୟ କରୁଥିଲେ। ଏହି ବିପଶ୍ୟନ ଧ୍ୟାନ ହିଁ କରୁଛି କାମ। ଗୀତାରେ କୁହାଯାଇଛି 'ଚିତ୍ତବୃତ୍ତିନରୋଧଃ' - ଚିତ୍ତ ଅର୍ଥାତ୍ ମନକୁ ଆୟତ କରାଯାଏ ଧ୍ୟାନ ଦ୍ୱାରା। ମନ ଏକ ବିଚିତ୍ର - ରହସ୍ୟମୟ ଦୁନିଆ। ମାଙ୍କଡ଼ପରି ଘୁରି ବୁଲେ। କୂଳ କିନାରା କିଛି ନଥାଏ। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଧ୍ୟାନ ସାଧନାର ଆବଶ୍ୟକତା ରହିଛି। ଧ୍ୟାନ କରିବାକୁ ହେଲେ ଚିତ୍ତ, ପ୍ରଶାନ୍ତି, ନିର୍ମଳ, ବିଶୁଦ୍ଧ, ଅନ୍ତର୍ମୁଖୀ, ଦୃଢ଼ ଓ ଏକାଗ୍ର ହେବା ଏକାନ୍ତ ଆବଶ୍ୟକ କାରଣ ବ୍ରହ୍ମ ହେଉଛନ୍ତି ବିଶୁଦ୍ଧି ଓ ନିଗୂଢ଼। ତେଣୁ ବ୍ରହ୍ମ ସନ୍ଧାନକୁ ଯିବାକୁ ହେଲେ ଆମ୍ଭମାନଙ୍କ ଚିତ୍ତ ମଧ୍ୟ ବିଶୁଦ୍ଧ ଓ ଏକାଗ୍ର ହେବା ଆବଶ୍ୟକ। ମନ ଯେତିକି ଯେତିକି ଭଗବତମୁଖୀ ହେଉଥିବ ମାନସିକ ବଳ ସେତିକି ସେତିକି ବଢୁଥିବ। ଧ୍ୟାନ ବଳରେ ହୃଦୟ ମଧ୍ୟରେ ଥିବା ଗୁପ୍ତ ଦ୍ୱାରଟି ଖୋଲିଯାଏ। ଫଳରେ ସଂସାରର ଯାବତୀୟ ଆବେଗ ଠାରୁ ଦୂରେଇ ଯାଇ ମନ ସଦାସର୍ବଦା ଭଗବତ ପଦାରବିନ୍ଦ ଆଡ଼କୁ ଅଗ୍ରସର ହୁଏ। ତେଣୁ ଧ୍ୟାନକୁ ଆଧ୍ୟାତ୍ମିକ ମାର୍ଗର ସର୍ବଶ୍ରେଷ୍ଠ ସୋପାନ ବୋଲି ଗ୍ରହଣ କରାଯାଇଛି।

ମହର୍ଷି ପତଞ୍ଜଳୀଙ୍କ ଅଷ୍ଟାଙ୍ଗ ଯୋଗ ଏକ ଅନ୍ତର୍ମୁଖୀ ସାଧନ। ଈଶ୍ୱରାନୁଭୂତିର ସ୍ରୋତକୁ ପ୍ରବାହମାନ କରି ରଖିବାର ଅନ୍ୟ ନାମ ଧ୍ୟାନ। ଧ୍ୟାନ ପାଇଁ ମନରୁ ସମସ୍ତ ପ୍ରକାର ସାଂସାରିକ ଚିନ୍ତା ଦୂର କରିଦିଆଯାଏ। କେବଳ ଦିବ୍ୟ ଚିନ୍ତା, ଦିବ୍ୟ ଜ୍ୟୋତି, ଦିବ୍ୟ ମହିମାରେ ମନକୁ ପରିପୂର୍ଣ୍ଣ କରିଦିଆଯାଏ। କେବଳ ଯମ, ନିୟମ, ଆସନ, ପ୍ରାଣାୟାମ ଓ ପ୍ରତ୍ୟାହାର ଏହାର ବହିଃଅଙ୍ଗ, ଧାରଣା ଧ୍ୟାନ ଓ ସମାଧି ଏହାର ଅନ୍ତଃ ଅଙ୍ଗ। ଧ୍ୟାନସ୍ଥ ନ ହେଲେ ସମାଧି ପ୍ରାପ୍ତ ଅସମ୍ଭବ। ଆଜି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ଅନୁଧ୍ୟାନ କରି ଘୋଷଣା କଲାଣି ପ୍ରତ୍ୟେକ ରୋଗର ୬୦ ପ୍ରତିଶତ କାରଣ ହେଉଛି 'ସାଇକୋ ସୋମାଟିକ୍' ଅର୍ଥାତ୍ ଅବସାଦଗ୍ରସ୍ତ ଜୀବନ ଯାହାକୁ କୁହାଯାଏ ଷ୍ଟ୍ରେସ୍‌ଫୁଲ ଲାଇଫ।

ଏବେ ବି ସମୟ ଅଛି - ଆମର ଜୀବନ ଧ୍ୟାନକୈନ୍ଦ୍ରିକ ହେଉ। ନିଜେ ନିଜର ଡାକ୍ତର ହୋଇ ସବୁ ସମସ୍ୟାର ସମାଧାନ କରିପାରିବା। ନିଜର ଧୈର୍ଯ୍ୟ, ଅଧ୍ୟବସାୟ, ଦୟା, ପ୍ରେମ, କ୍ଷମା, ପବିତ୍ରତା ପ୍ରଭୃତି ସାତ୍ତ୍ୱିକ ଗୁଣ ତଥା ବୈରାଗ୍ୟର ମାତ୍ରା ପ୍ରତ୍ୟେକ କିଛି କିଛି ପରିମାଣରେ ବଢ଼ାଇବାକୁ ପଡ଼ିବ। ଧ୍ୟାନ ସାତ୍ତ୍ୱିକ ଗୁଣର ଅଭିବୃଦ୍ଧି ଘଟାଇଥାଏ। ଧ୍ୟାନାଗ୍ନି ଅଧର୍ମଜନିତ ସକଳ କଳୁଷ ନାଶ କରିଦିଏ। ଧ୍ୟାନ ଏକ ଶକ୍ତିଶାଳୀ ବଳକାରକ ଔଷଧ ରୂପରେ କାର୍ଯ୍ୟ କରେ। ଶରୀରର ପ୍ରତ୍ୟେକ କୋଷରେ ପବିତ୍ର ପ୍ରକମ୍ପନ ପ୍ରବେଶ କରି ସାଧକର ସମସ୍ତ ରୋଗର ବିନାଶ କରେ। ଧ୍ୟାନଯୋଗୀଙ୍କୁ ଔଷଧ ପାଇଁ ଅର୍ଥ ବ୍ୟୟ କରିବାକୁ ପଡ଼େ ନାହିଁ। ଧ୍ୟାନ ହିଁ ଜୀବନର ସକଳ ଦୁଃଖ ଦୂର କରିବା ସହ ଏହା ମୁକ୍ତିମାର୍ଗ ଅଭିମୁଖୀ କରାଇ ଦିବ୍ୟଜ୍ଞାନ ଅଚିରେ ଜାତ କରିପାରିବ। ଧ୍ୟାନ ହିଁ ଏକମାତ୍ର ପନ୍ଥା। ଧ୍ୟାନ ଦ୍ୱାରା ସାତ୍ତ୍ୱିକ ଗୁଣ ଗୁଡ଼ିକର ଅଭିବୃଦ୍ଧି ହୋଇଥାଏ ଏବଂ ମନ ଭିତରେ ଗୋଟିଏ ଆଧ୍ୟାତ୍ମିକ ପଥ ନିର୍ମାଣ ହୋଇଯାଏ। ସକଳ ପ୍ରକାର ବ୍ୟସ୍ତତା ଠାରୁ ଦୂରକୁ ଚାଲିଗଲେ ହିଁ ଆପଣ ଧ୍ୟାନ କରିପାରିବେ। ଆସନ୍ତୁ 'ବିଶ୍ୱ ଧ୍ୟାନ ଦିବସ'ର ମହତ୍ୱକୁ ଉପଲବ୍ଧି କରି ମନକୁ ଶାନ୍ତ କରି ଶାନ୍ତିକୁ ଆପଣେଇ ନେବା। ନିଜେ ନିଜକୁ ପରିବର୍ତ୍ତନ କରି ଏ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବାରେ ସାହଯ୍ୟ କରିବା।

ଓଁ ଶାନ୍ତି।


♥ ସଂପାଦକ 'ନିରାମୟ',
ମୋ : ୯୮୬୧୪୬୪୯୩୨


# ସମ୍ବାଦର ପ୍ରଥମ ସଂପାଦକ : ସୁରେନ୍ଦ୍ର ମହାନ୍ତି




ଡ଼ଃ.ଅରୁନ୍ଧତୀ ଦେବୀ




ସାମ୍ବାଦିକତା ଠାରୁ ରାଜନୀତି ସାରସ୍ୱତ ସାହିତ୍ୟ ଠାରୁ ସମାଜ ସେବା ସବୁକ୍ଷେତ୍ରକୁ ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱ କାଳ ଧରି ନିଜ ବ୍ୟକ୍ତିତ୍ୱ ଓ ପ୍ରତିଭାରେ କେବଳ ଓଡ଼ିଆ ଗଦ୍ୟ ସାହିତ୍ୟ ନୁହେଁ ସର୍ବକାଳୀନ ସାହିତ୍ୟ ସାମ୍ବାଦିକତାକୁ ଋଦ୍ଧିମନ୍ତ କରିଥିବା କାଳଜୟୀ ସ୍ରଷ୍ଟା ହେଉଛନ୍ତି ସୁରେନ୍ଦ୍ର ମହାନ୍ତି। ଯେଉଁ କତିପୟ ସାରସ୍ୱତ ସାଧକ ଗଦ୍ୟ ସାହିତ୍ୟର ସମସ୍ତ ବିଭାଗରେ ପାରଦର୍ଶିତାର କୃତୀ ହାସଲ କରିଛନ୍ତି ତାଙ୍କ ଭିତରୁ ଶ୍ରୀ ମହାନ୍ତି ଅନ୍ୟତମ। ବର୍ଣ୍ଣାଢ଼୍ୟ ଓ ବହୁମୁଖୀ ସାରସ୍ୱତ ଜୀବନ ଥିଲା ତାଙ୍କ ଜୀବନର ସ୍ୱତନ୍ତ୍ରତା। ସେ ତାଙ୍କ ଜୀବନ କାହାଣୀରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି ରାଜନୀତି ଓ ସାହିତ୍ୟ ତାଙ୍କ ପାଇଁ ପୃଥିବୀ ଥିବାବେଳେ ତାଙ୍କ ପଥ ଥିଲା ସାମ୍ବାଦିକତା। ଯାହାପାଇଁ ତାଙ୍କ କାଳଜୟୀ କୃତି ଆତ୍ମ ଚରିତର ନାମ ସେ ରଖିଥିଲେ 'ପଥ ଓ ପୃଥିବୀ'। ତାଙ୍କ ସମସାମୟିକ ସାହିତ୍ୟ ଅନୁରାଗୀମାନେ ସ୍ୱୀକାର କରିଛନ୍ତି ଯେ ସୁରେନ୍ଦ୍ର ମହାନ୍ତିଙ୍କ ଜୀବନ ଓ ସମୁଜ୍ଜଳ କୃତିର ଏକ ମହାକାବ୍ୟ ହେଉଛି ପଥ ଓ ପୃଥିବୀ। ଏପରି ଜଣେ ସାରସ୍ୱତ ସାଧକଙ୍କ ସାର୍ଥକ ଜୀବନସ୍ମୃତି ଆମ ସମ ସାମୟିକ ଓଡ଼ିଶା ଭାଷା ଓ ସାହିତ୍ୟ ଭଣ୍ଡାରର ଏକ ଦୁର୍ଲ୍ଲଭ ରତ୍ନ ସଦୃଶ।

ଆଧୁନିକ ଓଡ଼ିଆ ଗଳ୍ପର ଏହି ଅପ୍ରତିଦ୍ୱନ୍ଦ୍ୱୀ ଲେଖକଙ୍କର ସାରସ୍ୱତ ଜୀବନ କୈଶୋରରେ ସାଲେପୁର ହାଇ ସ୍କୁଲରେ ଏକାଦଶ ଶ୍ରେଣୀରେ ପଢୁଥିବା ବେଳେ ଆରମ୍ଭ ହୋଇଥିଲା। ଉକ୍ତ ପ୍ରଥମ ଗଳ୍ପଟି ଥିଲା ବନ୍ଦୀ ପ୍ରକାଶ ପାଇଥିଲା ଉତ୍କଳ ସାହିତ୍ୟରେ। ଦ୍ୱିତୀୟ ଗଳ୍ପ ମଣିଷ ଓ ଅର୍ଥନୀତି କବି ସଚ୍ଚି ରାଉତରାୟ ସଂପାଦିତ ଆରତି ପତ୍ରିକାରେ ପ୍ରକାଶ ପାଇଥିଲା। ତାଙ୍କ ଜୀବନନାମାରେ ସେ ବେଶ୍ ଖୋଲା ଭାବରେ ଲେଖିଛନ୍ତି ଯେ ସେ ଏକ ପ୍ରକାର ପାଠ ଠାରୁ ଯେପରି ଦୂରେଇ ଯାଉଥିଲେ। କହିବାକୁଗଲେ ବିଭିନ୍ନ ବାହାନାର ସାହାରାରେ ସେ ତାଙ୍କ ସେ ସମୟର ଚାଟଶାଳୀର ନିୟମିତ ଛାଟ ନଥିଲେ। ନାଲିକସ୍ତା ପିନ୍ଧି, ଅଣ୍ଟାରେ ରୂପା ସୂତା ଗୁଡ଼ାଇ, ହାତରେ ଖଡ଼ୁନାଇ, ବେକରେ ମାଦୁଳି ପକାଇ, ଆଖିରେ କଳା ଲାଞ୍ଜିକରି, ଗାଁ ଦାଣ୍ଡରେ ବୁଲୁଥିଲେ। ପରେ ଅବଶ୍ୟ ପାଠ ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା। ତେବେ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ ଏବଂ ରାଜନୀତି ପ୍ରତି ଆଗ୍ରହ ଉଚ୍ଚଶିକ୍ଷାରୁ ତାଙ୍କୁ ଦୂରେଇ ନେଇଥିଲା। ଏହାସତ୍ତ୍ୱେ ନିଜ ପ୍ରଚେଷ୍ଟାରେ ସେ ଏକାଧିକ ଭାଷା ଆୟତ୍ତ କରିଥିଲେ। ସୁରେନ୍ଦ୍ରଙ୍କ ସାମ୍ବାଦିକ ଜୀବନ ଅତ୍ୟନ୍ତ ଆକସ୍ମିକ ଭାବେ ଆରମ୍ଭ ହୋଇଥିଲା। ଦିନେ ଓଡ଼ିଶା ଥିଏଟରରେ କାଳୀଚରଣ ପଟ୍ଟନାୟକଙ୍କ ଅତିବଡ଼ୀ ଜଗନ୍ନାଥ ଦାସ ନାଟକ ମଞ୍ଚସ୍ଥ ହେଉଥିଲା। ଦର୍ଶକଙ୍କ ମଧ୍ୟରେ ଥିଲେ ଯୁବକ ସୁରେନ୍ଦ୍ର। ନାଟକର ଗୋଟିଏ ଦୃଶ୍ୟରେ ପୁରୀ ଯାଉଥିବା ବଙ୍ଗୀୟ ଯାତ୍ରୀଙ୍କୁ ବିଦ୍ରୁପ କରାଯାଉଥିବା ଦେଖି ସେ ବିସ୍ମିତ ହୋଇଥିଲେ। ଏହାର ପ୍ରତିବାଦ କରି ସମାଲୋଚନାମୂଳକ ପ୍ରବନ୍ଧ ଇଂରେଜୀରେ ଲେଖି କେଏନ୍ ଆଚାରୀ ସଂପାଦିତ ନିୟୁ ଓଡ଼ିଶାକୁ ପଠାଇଥିଲେ। ଉକ୍ତ ପ୍ରବନ୍ଧ ସେତେ ବେଳେ ବୁଦ୍ଧିଜୀବୀ ମହଲରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା ଏବଂ ସାମ୍ବାଦିକତା କରିବା ପାଇଁ ସୁରେନ୍ଦ୍ର ଆଗ୍ରହୀ ହୋଇଥିଲେ। ନିୟୁ ଓଡ଼ିଶାର ପ୍ରୁଫ୍ ରିଡର ଭାବେ ହିଁ ତାଙ୍କର ସାମ୍ବାଦିକ ଜୀବନ ଆରମ୍ଭ ହୋଇଥିଲା। ଏହାପରେ ସେ ଜନତା, ଗଣତନ୍ତ୍ର, କଳିଙ୍ଗ ଆଦି ସହ ସଂପୃକ୍ତ ହୋଇଥିଲେ। ଆଜି କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତରେ ଓଡ଼ିଆଙ୍କ ଲୋକପ୍ରିୟ ସର୍ବାଦୃତ ଦୈନିକ ଖବରକାଗଜ 'ସମ୍ବାଦ' ଥିଲା ତାଙ୍କ ସମ୍ପାଦିତ ଶେଷ ଖବର କାଗଜ। ଏହାର ପ୍ରଥମ ସଂପାଦକ ଭାବେ ସେ ୧୯୮୪ ଅଗଷ୍ଟରେ ଯୋଗଦେଇଥିଲେ। ଆଜି ସମ୍ବାଦର ପ୍ରଚୁର ପାଠକୀୟ ଆଦୃତି ପଛରେ ଏହି ସାରସ୍ୱତ ସାଧକଙ୍କ ସାଧନାର ତ୍ୟାଗପୂତ ଚିହ୍ନ ନିଶ୍ଚୟ ରହିଛି। ଯାହାପାଇଁ ଆଜି ସମ୍ବାଦ ଅନ୍ୟ ସବୁ ଖବରକାଗଜ ପାଇଁ ଆକର୍ଷଣ, ଉତ୍ସାହ ଓ ପ୍ରେରଣାର ପଥ ଦେଖାଇ ପାରିଛି। ରାଜ୍ୟସଭା ସଦସ୍ୟ ଭାବେ ସୁରେନ୍ଦ୍ରଙ୍କ ରାଜନୈତିକ ଜୀବନ ଆରମ୍ଭ ହୋଇଥିଲା। ତାହାପରେ ସେ କଟକରୁ ଦ୍ୱିତୀୟ ଲୋକସଭା ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ସେ ତୃତୀୟ ଓ ଚତୁର୍ଥ ସାଧାରଣ ନିର୍ବାଚନ କେନ୍ଦ୍ରାପଡ଼ାରୁ ଲଢ଼ି ପରାଜିତ ହୋଇଥିଲେ ଏବଂ ଏହି ଆସନରୁ ପଞ୍ଚମ ସାଧାରଣ ନିର୍ବାଚନ ଜିତିଥିଲେ। ତାଙ୍କର ସକ୍ରିୟ ରାଜନୈତିକ ଜୀବନ ରାଜ୍ୟ ସଭା ସାଂସଦ ଭାବେ ହିଁ ଶେଷ ହୋଇଥିଲା। ୧୯୭୮ରେ ଶେଷ ଥର ପାଇଁ ରାଜ୍ୟସଭାକୁ ନିର୍ବାଚିତ ହେବାପରେ ସେ ଆଉ ଲଢ଼ି ନଥିଲେ। ଏହି ମହାନ ସାରସ୍ୱତ ସାଧକଙ୍କ ୧୯୯୦ ମସିହା ଡିସେମ୍ବର ୨୧ ତାରିଖରେ ପରଲୋକ ଘଟିଥିଲା।


♥ ସମ୍ପାଦିକା-ନିର୍ଦ୍ଦେଶିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ,
କଟକ,
ମୋ : ୯୯୩୭୧୭୨୮୧୦

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସମାଜସେବା ବିଭାଗର ଜାତୀୟ କର୍ମଶାଳା



ବାରିପଦା ୨୦/୧୨: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସମାଜସେବା ବିଭାଗ ଦ୍ୱାରା ଆୟୋଜିତ ଏକ ଦ୍ୱିଦିବସୀୟ କର୍ମଶାଳା ସମାପନ ହୋଇଯାଇଛି । ଭାରତ ସରକାରଙ୍କ ପି.ଏମ୍ ଉଷା କାର୍ଯ୍ୟକ୍ରମ ପ୍ରାୟୋଜିତ 'ନିଶାମୁକ୍ତ ପରିବାର ଓ ସମାଜ ଗଠନରେ ଯୁବସମାଜର ଭୂମିକା' ଶୀର୍ଷକ ଏହି କର୍ମଶାଳାରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦାନ କରି ନିଶାମୁକ୍ତ ସମଜ ସମ୍ବନ୍ଧରେ ବକ୍ତବ୍ୟମାନ ଉପସ୍ଥାପନ କରିଥିଲେ। ପ୍ରଥମ ଦିବସର ଉଦଘାଟନୀ ପର୍ବରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ନିମ୍ହାନ୍ସ୍ ବେଙ୍ଗାଲୁରୁର ପ୍ରଫେସର ଶ୍ରୀଦେବୀ ଏୟୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ଭାରତର ରାଜ୍ୟଗୁଡ଼ିକରେ ନିଶାର ପ୍ରଭାବ ଓ ପରିଣତି ସମ୍ବନ୍ଧରେ ତଥ୍ୟଭିତ୍ତିକ ବିବରଣୀ ପ୍ରଦାନ କରିବା ସହିତ ଏକ ନିଶାମୁକ୍ତ ଭାରତ ଗଠନର କୌଶଳ ସମ୍ବନ୍ଧରେ ଏକ ସାରଗର୍ଭକ ଅଭିଭାଷଣ ପଦାନ କରିଥିଲେ । ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର କମଳ ଲୋଚନ ବାରିକ ନିଜ ବକ୍ତବ୍ୟରେ ସାମ୍ପ୍ରତିକ ସମାଜରେ ନିଶାର କୁପରିଣତି ସମ୍ବନ୍ଧରେ ଆଲୋଚନା କରିଥିଲେ । ବିଶ୍ୱବିଦ୍ୟାଳୟ ପି.ଏମ୍ ଉଷା କାର୍ଯ୍ୟକ୍ରମର ନୋଡାଲ୍ ଅଧିକାରୀ ପ୍ରଫେସର ଇନ୍ଦ୍ରଜିତ ନାଏକ ବିଶ୍ୱବିଦ୍ୟାଳୟରେ ଏଭଳି କାର୍ଯ୍ୟକ୍ରମ ପି.ଏମ୍ ଉଷା ଯୋଜନାର ସଫଳ ରୂପାୟନରେ ସହାୟକ ହେବ ବୋଲି କହିଥିଲେ। କର୍ମଶାଳାର ଆବାହକ ଡ. ଶୁଭେନ୍ଦୁ କୁମାର ଶତପଥୀ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ ଓ ବିଭାଗୀୟ ଅଧାପିକା ପାଏଲ୍ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ କୁଳପତି ପ୍ରଫେସର ଶତପଥୀ ନିଶା ନିବାରଣ ସମ୍ବନ୍ଧରେ ପ୍ରତ୍ୟେକ ବ୍ୟକ୍ତିର ଭୂମିକା ଉପରେ ଆଲୋଚନା କରିବା ନିଶାରୁ ଦୂରେଇ ରହିବାକୁ ସେ ଯୁବସମାଜକୁ ଆହ୍ୱାନ କରିଥିଲେ। ନିମ୍ହାନ୍ସ୍ ବେଙ୍ଗାଲୁରୁର ପ୍ରଫେସର ଗୋବିନ୍ଦ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଏହି କାର୍ଯ୍ୟକ୍ରମ ସମାଜରେ ଜନସଚେତନତା ସୃଷ୍ଟି କରିପାରିବ ବୋଲି କହିଥିଲେ । ଆବାହକ ଡ. ଶୁଭେନ୍ଦୁ କୁମାର ଶତପଥି ଅଧକ୍ଷତା କରିଥିଲେ ଓ ଅଧାପକ ଡ. ସୁଜୟ କୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଦ୍ୱିଦିବସୀୟ କର୍ମଶାଳାରେ ଓଡ଼ିଶା ଉଚ୍ଚ ମଧମିକ ଶିକ୍ଷା ପରିଷଦର ଏନ୍‌ଏସ୍‌ଏସ୍ ସଂଯୋଜକ ଡ. ବିଶ୍ୱମୋହନ ଜେନା, ନାର୍କୋଟିକ୍ କଣ୍ଟ୍ରୋଲ୍ ବ୍ୟୁରୋର ଇନ୍‌ସ୍ପେକ୍ଟର ବିନୋଦ ବିହାରୀ ସାମନ୍ତରା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଭାର ପ୍ରତିଷ୍ଠାତା ସୁଧୀରଚନ୍ଦ୍ର ଦାସ, ସଲାମ୍ ଜୀବନ ଫାଉଣ୍ଡେସନର ପ୍ରତିଷ୍ଠାତା ଡ. ଇମ୍ରାନ ଅଲି, ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆକାଶଚନ୍ଦ୍ର ସାହୁ, ବିହାର ରାଜ୍ୟ ମାନସିକ ସ୍ୱାସ୍ଥ୍ୟ ଓ ସମ୍ବନ୍ଧ ବିଜ୍ଞାନ ସଂସ୍ଥାନର ଜୟପାଲ ମାଝୀ, ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଭାଗର ସହଯୋଗୀ ପ୍ରଫେସର ଡ. ବସନ୍ତ କୁମାର ମହାନ୍ତ, ଫକୀର ମୋହନ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ରଶ୍ମିରେଖା ରାଉତ ପ୍ରମୁଖ ଆଲୋଚକ ଭାବେ ଯୋଗଦେଇଥିଲେ । ଏହି କର୍ମଶାଳାରେ ଏସ୍‌ସିବି ମେଡିକାଲ କଲେଜ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ଏମ୍‌ପିସି ଅଟୋନମସ୍ କଲେଜ, ଏମ୍‌ସିଏମ୍ କଲେଜ ସମେତ ବିଭିନ୍ନ ମହାବିଦ୍ୟାଳୟରୁ ମୋଟ ୧୧୫ ଜଣ ଅଂଶଗ୍ରହଣ କରିଥିଲେ । ବିଶ୍ୱବିଦ୍ୟାଳୟର ଅଧାପକ, ଅଧାପିକା ଓ ଛାତ୍ରଛାତ୍ରୀ ମାନେ ମଧ ଯୋଗଦାନ କରିଥିଲେ ।

## ସାମାଜିକ...

(ପୃଷ୍ଠା ୫ର ଅବଶିଷ୍ଟାଂଶ)

ପୁନର୍ମିଳନର ଦିନ ଆସିଲା ଏବଂ ଦମ୍ପତି ଏକ ସୁନ୍ଦର ଭିଲାରେ ଏକାଠି ହେଲେ । ଜ୍ୟାକ୍ ଏବଂ ସୋଫିଆଙ୍କ ଆଖି ବନ୍ଦ ହୋଇଗଲା ଏବଂ ସେମାନଙ୍କର ଭର୍ଚୁଆଲ୍ ସମ୍ପର୍କ ବାସ୍ତବ ଜୀବନର ଚମକରେ ପରିଣତ ହେଲା । ଅନ୍ୟ ଦମ୍ପତିମାନେ ମଧ ସେମାନଙ୍କ ପ୍ରଥମ ସାକ୍ଷାତରେ ଯାଦୁ ପାଇଥିଲେ। କିଏ ଆନନ୍ଦର ଲୁହ କାନ୍ଦିଲା ତ ଆଉ କିଏ ନୂଆ ସାଙ୍ଗମାନଙ୍କ ସହ ହସିଲା ।

ଏମାଙ୍କ ପରୀକ୍ଷଣରୁ ପ୍ରମାଣିତ ହୋଇଥିଲା ଯେ ଡିଜିଟାଲ ଯୁଗରେ ପ୍ରେମ ଅକ୍ଷରରେ ବିକଶିତ ହୋଇପାରିବ । ଜ୍ୟାକ୍ ଏବଂ ସୋଫିଆଙ୍କ ପ୍ରେମ କାହାଣୀ ଆଶାର କିରଣ ପାଲଟିଥିଲା, ଅନ୍ୟମାନଙ୍କୁ ସାମାଜିକ ସମ୍ପର୍କର ଶକ୍ତିକୁ ଗ୍ରହଣ କରିବାକୁ ପ୍ରେରଣା ଦେଇଥିଲା ।

ପ୍ରେମର କୌଣସି ସୀମା ନାହିଁ, ଭର୍ଚୁଆଲ ଦୁନିଆରେ ମଧ ନାହିଁ । ବେଳେବେଳେ, କେବଳ ସାମାନ୍ୟ ସାହସ ଏବଂ ସଂଯୋଗ କରିବାର ଇଚ୍ଛା ଆବଶ୍ୟକ କରେ ।

୨୫/୧୩, ସାନ୍ଥିଆପ୍ପା ସାହି,
ଓଟେରି, ଚେନ୍ନାଇ ୬୦୦୦୧୨
ମୋ : ୯୮୪୦୩ ୨୬୮୪୮

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଭିଜିଲାନ୍ସ ଜାଲରେ...

ନଗଦ ୩.୫ ଲକ୍ଷ ଟଙ୍କା, ପ୍ରାୟ ୨୦୦ ଗ୍ରାମ ସୁନା ଓ ୬୭ ଲକ୍ଷ ଟଙ୍କାର ବ୍ୟାଙ୍କ୍ ଓ ଡାକ ଇତ୍ୟାଦି ଜମା ଠାବ କରାଯାଇଛି । ଏପର୍ଯ୍ୟନ୍ତ ଚଢ଼ାଉ ସମୟରେ, ଶ୍ରୀ ସାମନ୍ତରାୟ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ନିମ୍ନଲିଖିତ ସମ୍ପତ୍ତି ଠାବ କରାଯାଇଛି। ୧. ଜଗତସିଂହପୁରର ଚତରାଠାରେ ପ୍ରାୟ ୫୫୦୦ ବର୍ଗଫୁଟ କ୍ଷେତ୍ରଫଳ ସହିତ ଏକ ଭବ୍ୟ ତିନି ମହଲା କୋଠା। ୨. ଜଗତସିଂହପୁର ଜିଲ୍ଲାର ସାମନ୍ତରାୟପୁରରେ ଥିବା ପୈତୃକ ଗ୍ରାମରେ ୨୫୦୦ ବର୍ଗଫୁଟ କ୍ଷେତ୍ରଫଳ ସହିତ ଏକ ଦୁଇ ମହଲା କୋଠା। ୩. ଜଗତସିଂହପୁର ସହରରେ ୨ଟି ଏବଂ କଟକ ସହର ଉପକଣ୍ଠରେ ଗୋଟିଏ ପ୍ଲଟ୍ ସମେତ ୩ ଟି ମୂଲ୍ୟବାନ ପ୍ଲଟ୍। ଉପରୋକ୍ତ କୋଠା/ପ୍ଲଟର ମାପ ଏବଂ ମୂଲ୍ୟାଙ୍କନ/ମୂଲ୍ୟାୟନ ଭିଜିଲାନ୍ସ ଟେକ୍ନିକାଲ୍ ୱିଙ୍ଗ ଦ୍ୱାରା କରାଯାଉଛି। ୪. ୩.୫ ଲକ୍ଷ ଟଙ୍କା ନଗଦ। ୫. ବ୍ୟାଙ୍କ ଏବଂ ପୋଷ୍ଟାଲ୍ ଜମା ୬୭ ଲକ୍ଷ ଟଙ୍କା ଏବଂ ଅନ୍ୟାନ୍ୟ ନିବେଶ ନିର୍ଦ୍ଧୟ କରାଯାଉଛି। ୬. ସୁନା ଅଳଙ୍କାର ପ୍ରାୟ ୨୦୦ ଗ୍ରାମ। ୭. ୧ ଚାରି ଚକିଆ (ବୋଲେରୋ) ଏବଂ ୨ ଟି ଦୁଇ ଚକିଆ ଯାନ।

### ବାଂଲାଦେଶ ସ୍ଥିତି ଅଣାୟତ୍ତ...

ଏହା ଅନୁସାରେ ଯଦି ହାଦିଙ୍କ ସମସ୍ତ ହତ୍ୟାକାରୀଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରା ନ ଯାଏ, ତେବେ ଏକ ବଡ଼ ଆନ୍ଦୋଳନ ହେବ। ଶନିବାର ହାଦିଙ୍କୁ ଢାକାରେ କବର ଦିଆଯାଇଥିଲା। ସେଠାରେ ଲକ୍ଷ ଲକ୍ଷ ସମର୍ଥକଙ୍କ ଭିଡ଼ ଜମା ହୋଇଥିଲା। ଏହା ପରେ ବାଂଲାଦେଶରେ ପୁଣି ହିଂସା ଦେଖାଦେଇଥିଲା। ବାଂଲାଦେଶୀ ଛାତ୍ର ନେତା ଏବଂ ଇନକିଲାବ ମଞ୍ଚର ମୁଖପାତ୍ର ସରିଫ ଓସମାନ ହାଦିଙ୍କୁ ଡିସେମ୍ବର ୧୨ ତାରିଖରେ ଗୁଳି କରାଯାଇଥିଲା। ପରବର୍ତ୍ତୀ ସମୟରେ ସେ ସିଙ୍ଗାପୁରରେ ଚିକିତ୍ସାଧୀନ ଅବସ୍ଥାରେ ଡିସେମ୍ବର ୧୮ ତାରିଖରେ ମୃତ୍ୟୁବରଣ କରିଥିଲେ । ଏହାପରେ ବାଂଲାଦେଶରେ ପୁଣି ହିଂସା ଦେଖାଦେଇଛି। ହାଦିଙ୍କ ହତ୍ୟା ପରେ ବାଂଲାଦେଶରେ ରାଜନୈତିକ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ହାଦିଙ୍କୁ ଶନିବାର ଢାକା ବିଶ୍ୱବିଦ୍ୟାଳୟ ପରିସରରେ ଶେଷକୃତ୍ୟ ଦିଆଯାଇଥିଲା, ଯେଉଁଠାରେ ଲକ୍ଷ ଲକ୍ଷ ଲୋକ ଏକତ୍ରିତ ହୋଇଥିଲେ। ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ୍ ମଧ ଅନ୍ତିମ ସଂସ୍କାରରେ ଯୋଗ ଦେଇଥିଲେ ଏବଂ ଭାବପ୍ରବଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତଥାପି, ଅନ୍ତିମ ସଂସ୍କାର ସମୟରେ, ଇନକିଲାବ ମଞ୍ଚର ନେତାମାନେ ୟୁନୁସ୍ ସରକାରଙ୍କୁ ୨୪ ଘଣ୍ଟାର ଅଲଟିମେଟମ୍ ଦେଇଥିଲେ। ହାଦିଙ୍କ ଘନିଷ୍ଠ ସହଯୋଗୀ ଏବଂ ଇନକିଲାବ ମଞ୍ଚ ସହିତ ଜଡିତ ଅବଦୁଲ ଅଲ-ଜାବର ମଞ୍ଚରୁ ଘୋଷଣା କରିଥିଲେ ଯେ ହାଦିଙ୍କ ହତ୍ୟା ପାଇଁ କିଏ ଦାୟୀ, କ'ଣ ତଦନ୍ତ କରାଯାଇଛି ଏବଂ ଗିରଫଦାରୀ ପାଇଁ କ'ଣ ପଦକ୍ଷେପ ନିଆଯାଇଛି ତାହା ସରକାର ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସାର୍ବଜନୀନ ଭାବରେ ସ୍ପଷ୍ଟ କରିବା ଉଚିତ।

### ନୂଆବର୍ଷରେ ନୂଆ...

ମନ୍ତ୍ରିମଣ୍ଡଳ, ନିଗମ ପଦ ଖାଲି ନେଇ ଝାଡ଼ିଥିଲେ ଅସନ୍ତୋଷ । ପଚାରିଥିଲେ କାହିଁକି ପୂରଣ ହୋଇନି ଏସବୁ ପଦ । ଏହା ପରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ବିଜେପି ସଭାପତି ଦିଲ୍ଲୀ ଗସ୍ତରେ ଯାଇ ଶୀର୍ଷ ନେତୃତ୍ୱଙ୍କୁ ଭେଟି ଆଲୋଚନା କରିଥିଲେ । ନିଜ ଟିମ ସହଯୋଗୀଙ୍କ ବର୍ଷକର ପ୍ରଦର୍ଶନ କାର୍ଡ ଧରିଛନ୍ତି ମୁଖ୍ୟମନ୍ତ୍ରୀ । ଏବେ ଅଦଳବଦଳ ଚର୍ଚ୍ଚା ପରେ ଅନେକ ମନ୍ତ୍ରୀଙ୍କ ଛାତିରେ ଛନକା ପଶିଛି । ନୂଆ ସରକାରରେ କଳଙ୍କ ବୋଲିଥିବା ମନ୍ତ୍ରୀ ପଦ ବଞ୍ଚାଇବାକୁ ଆରମ୍ଭ କରିଛନ୍ତି ଲବି ହେଲେ ନବାଗତ କିନ୍ତୁ ଖୁସି ।

# ଶାଳଗାଁର ରୌପ୍ୟ ଜୟନ୍ତୀ ସମାରୋହ



ବଡସାହି, ୨୦/୧୨ (ନି.ପ୍ର): ବଡସାହି ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଶାଳଗାଁରେ ରୌପ୍ୟ ଜୟନ୍ତୀ ସମାରୋହକୁ ମୁଖ୍ୟ ଅତିଥି ନେତ୍ରାନନ୍ଦ ମଲ୍ଲିକ , ଅତିରିକ୍ତ ଜିଲ୍ଲାପାଳ ମୟୂରଭଞ୍ଜ ଆନୁଷ୍ଠାନିକ ଭାବରେ ଜଗନ୍ନାଥଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଉଦ୍ଘାଟନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବେହେରା ସଭାପତିତ୍ୱ କରିଥିଲେ । ସହ ଶିକ୍ଷକ ପ୍ରଭାସ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍ୱତନ୍ତ୍ର ଅତିଥି ଶଶିଧର ସିଂ, ଅତିରିକ୍ତ ଶିକ୍ଷା ଅଧିକାରୀ , ମୁଖ୍ୟବକ୍ତା ଡ଼. ଗୋପାଲ କୁମାର , ଅଧକ୍ଷ ଫକୀରମୋହନ ସାହିତ୍ୟ ସଂସଦ ସ୍ୱତନ୍ତ୍ରବକ୍ତା ଡ଼. ଭାଗବତ ଦାସ, ଓଡ଼ିଆ ସାହିତ୍ୟ ଏକାଡେମୀ ସଦସ୍ୟ ତଥା ସାହିତ୍ୟିକ ଗବେଷକ , ସମ୍ମାନୀୟ ଅତିଥି ମୀନତି ସିଂ , ଅଧକ୍ଷା ବଡସାହି ବ୍ଲକ , ପର୍ଶୁରାମ ସାହୁ , କଇଁଫୁଲର ସଂପାଦକ, ପ୍ରଫୁଲ୍ଲ କୁମାର ମହାଳିକ, ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ, ଉମାକାନ୍ତ ଦ୍ୱିବେଦୀ, ସମାଜସେବୀ ତଥା ଜଗନ୍ନାଥ ପ୍ରେମୀ , ଯୋଗ ଦେଇଥିଲେ । ଛାତ୍ରଛାତ୍ରୀମାନେ ଭଲ ମଣିଷ ହୋଇ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ବିଦ୍ୟାଳୟର ଅବଦାନ ଅବିସ୍ମରଣୀୟ ହୋଇରହୁ ବୋଲି ମତବ୍ୟକ୍ତ କରିଥିଲେ । ମଞ୍ଚକୁ ଶିକ୍ଷକ ଜଗନ୍ନାଥ ମିଶ୍ର ମଞ୍ଚ ପରିଚାଳନା କରୁଥିଲେ ଅତିଥି ବୃନ୍ଦ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିବା ସହିତ ଗ୍ରାମର କେତେକ ମହାନ ବ୍ୟକ୍ତି ମାନଙ୍କୁ ମାନ ପତ୍ର ସହ ଉପ ଢ଼କନ ପ୍ରଦନ କରିଥିଲେ । ଆଗାମୀ ୨୦ ଓ ୨୧ ତାରିଖ ଦୁଇଦିନ ରୋପ୍ୟ ଜୟନ୍ତୀ ପାଳନ ହେବ । ଆଜି ସନ୍ଧ୍ୟାରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଙ୍ଗୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ୨୧ ତାରିଖ ଦିନ ସକାଳ ୮ଘଟିକା ସମୟରେ ରକ୍ତ ଦାନ ଶିବିର ଓ ଦାତବ୍ୟ ହୋମିୟପ୍ୟାଥିକ ଚିକିତ୍ସା ଶିବିର କରାଯିବ । ଏଥି ସହିତ ପ୍ରତ୍ୟେକ ଦିନ ସକାଳ ଯୋଗ ଶିବିର କରାଯାଉଛି । ବିଦ୍ୟାଳୟର ଛାତ୍ର ଛାତ୍ରୀ, ପୁରାତନ ଛାତ୍ର ଛାତ୍ରୀ ଶିକ୍ଷକ, ଅଣ ଶିକ୍ଷକ ଓ ଗ୍ରାମ ବାସୀ ସହଯୋଗ କରିଥିଲେ। ସର୍ବଶେଷରେ ବିଦ୍ୟାଳୟର ଶିକ୍ଷକ ସନ୍ତୋଷ କୁମାର ଖଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମାଲାୟଲମ ସିନେମାର ପ୍ରସିଦ୍ଧ ଅଭିନେତା ଶ୍ରୀନିବାସନଙ୍କ ବିୟୋଗ

ମୁମ୍ବାଇ, ୨୦/୧୨ : ମାଲୟଲମ ସିନେମାର ଦିଗ୍ଗଜ ଅଭିନେତା, ପଟକଥା ଲେଖକ ଓ ନିର୍ଦ୍ଦେଶକ ଶ୍ରୀନିବାସନ ୬୯ ବର୍ଷ ବୟସରେ ଶନିବାର ପରଲୋକ ପ୍ରାପ୍ତ କରିଛନ୍ତି। ତାଙ୍କ ଦୀର୍ଘ ଓ ଗୌରବମୟ କ୍ୟାରିୟରରେ ସେ ପ୍ରାୟ ୨୨୫ଟି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ, କିନ୍ତୁ ସାମାଜିକ ଓ ରାଜନୈତିକ ବ୍ୟଙ୍ଗରେ ପୂର୍ଣ୍ଣ ତାଙ୍କର ଲେଖନୀ ପାଇଁ ସେ ସବୁଠାରୁ ବେଶି ପରିଚିତ ଥିଲେ। ତାଙ୍କର କାହାଣୀ ଓ ସଂଳାପ ସାଧାରଣ ମଣିଷଙ୍କ ଜୀବନ ସହ ଗଭୀର ଭାବରେ ଜଡିତ ଥିଲା, ଯାହା ଦର୍ଶକଙ୍କ ଉପରେ ଗଭୀର ପ୍ରଭାବ ଛାଡ଼ିଥିଲା। ବିଶେଷକରି ସୁପରଷ୍ଟାର ମୋହନଲାଲଙ୍କ ସହ ତାଙ୍କ ଯୋଡି ମାଲୟାଲମ ସିନେମାକୁ ଅନେକ ସ୍ମରଣୀୟ ଚଳଚ୍ଚିତ୍ର ଦେଇଥିଲା। ଶ୍ରୀନିବାସନ ଗତ କିଛି ବର୍ଷ ଧରି ଅସୁସ୍ଥ ଥିଲେ। ୨୦ ଡିସେମ୍ବର ୨୦୨୫ ରେ କେରଳର ଏର୍ଣ୍ଣାକୁଲମ ଜିଲ୍ଲାର ତ୍ରିପୁନିଥୁରା ତାଲୁକ ହସ୍ପିଟାଲରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କର ସ୍ତ୍ରୀ ବିମଳା ଏବଂ ଦୁଇ ପୁଅ—ଅଭିନେତା-ନିର୍ଦ୍ଦେଶକ ବିନୀତ ଶ୍ରୀନିବାସନ ଓ ଧ୍ୟାନ ଶ୍ରୀନିବାସନ ଅଛନ୍ତି ।

# ଲୟର୍ସ କ୍ଲବ, ବାଲେଶ୍ୱର ଓ ଆଇନସେବା ପ୍ରାଧିକରଣର ବିଶାଳ ରକ୍ତଦାନ ଶିବିର

ବାଲେଶ୍ୱର, ୨୦/୧୨ (ନି.ପ୍ର): ଜୁଡିସିଆଲ ସେବା ଅନ୍ତର୍ଗତ ଆଇନ ସେବା ପ୍ରାଧିକରଣ ଓ ବାଲେଶ୍ୱର ଲୟର୍ସ କ୍ଲବର ମିଳିତ ପ୍ରୟାସରେ ଏକ ବର୍ଣ୍ଣାଢ଼୍ୟ ଓ ବିଶାଳ ରକ୍ତଦାନ ଶିବିର ଜିଲ୍ଲା ଅଦାଲତ ପରିସରରେ ୫ ନମ୍ବର କୋଠରୀରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ହରେକୃଷ୍ଣ ଦାସ, କାର୍ଯ୍ୟକାରୀ ସଭାପତି ବରିଷ୍ଠ ଓକିଲ ରଘୁନାଥ ପ୍ରଧାନ, ସଂଗଠନ ସଂପାଦକ (ଅରଗାନାଇଜେସନ୍) ସ୍ପେସଲ ପି.ପି. ସୁଲଳିତ କର, ଏଡଭକେଟ ଶାନ୍ତନୁ ରାଉତ, ସଂପାଦକ: ସାହିରୁଲ ହକ, ବାଦଲ ବେହେରା, ସୌରିଶଙ୍କର ପରିଡ଼ା, ଗୁରୁ ପ୍ରସାଦ ବେହେରା, ବରିଷ୍ଠ ପୋଲିସ ଅଫିସର ବିରଞ୍ଚି ସାହୁ, ସଂଘର ସଦସ୍ୟ ଯଶୋଦା ନନ୍ଦନ ଆଶ୍, କିରଣ ମହାରଣା, ଗୌରି ବାରିକ, ଅଜିତ ଭଦ୍ର, ସଂଘ ସଭାପତି କେଶବ ଆଚାର୍ଯ୍ୟ, ଭାନୁ ବିଶ୍ୱାଳ, ଗୋପାଳ ଆଡ୍ୟ, ବନ୍ଦନା ବିଶ୍ୱାଳ, ଆଇନଜ୍ଞ ପର୍ଶୁରାମ ପ୍ରଧାନ, କ୍ରିମିନାଲ ଲଏର ଦେବୀ ମହାପାତ୍ର, ଜିଲ୍ଲା ରକ୍ତଦାନ ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ସମାଜସେବୀ ତଥା ସାମ୍ବାଦିକ ଲକ୍ଷ୍ମୀଧର ବାରିକ, ଅଦାଲତର ଅଧିକାଂଶ ବିଚାରପତିଙ୍କ ସହ ହସପିଟାଲ ରକ୍ତ ଭଣ୍ଡାର ଡାକ୍ତରଙ୍କ ସମେତ ପାରାମେଡିକାଲ କର୍ମଚାରୀଙ୍କ ଉପସ୍ଥିତିରେ ୨୦୦ରୁ ଉର୍ଦ୍ଧ୍ୱ ରକ୍ତ ସଂଗ୍ରହ କରାଯାଇଛି। ସଂଗଠନ ତଥା ଲୟର୍ସ କ୍ଲବ ବାଲେଶ୍ୱରର ଗଠନ ଓ ସେବା ମୂଳକ କାର୍ଯ୍ୟ ଆଗକୁ ଜାରି ରହିବ ବୋଲି ଆଇନଜ୍ଞ ହରେକୃଷ୍ଣ ଦାସ ପ୍ରକାଶ କରିଥିଲେ ।

# ସୁବର୍ଣ୍ଣ ଜୟନ୍ତୀ ମହାସମାରୋହରେ ଉଦ୍‌ଯାପିତ



ବାସୁଦେବପୁର, ୨୦/୧୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆରୁହା ପଞ୍ଚାୟତର ନଇଛଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ମହା ସମାରୋହରେ ଉଦଯାପିତ ହୋଇଯାଇଛି। ଏହି ଉତ୍ସବରେ ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ଗଗନ କୁମାର ଓଝା ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ। ବାସୁଦେବପୁର ର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଆରୁହା ପଞ୍ଚାୟତ ସରପଞ୍ଚ ରାଜେନ୍ଦ୍ର କୁମାର ସାହୁ,ବିଜେଡିର ବ୍ଲକ୍ ସଭାପତି ଦୀନବନ୍ଧୁ ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ତଅପୋଇ ମାଝି, ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ପରିଡା, କବି ସୁଧାଂଶୁ ଶେଖର ମିଶ୍ର, ସମାଜସେବୀ ରଜତ ପାଣିଗ୍ରାହୀ, ନାରାୟଣ ବେହେରା, ସମାଜସେବୀ ହେମନ୍ତ କୁମାର ପାଣିଗ୍ରାହୀ, ରମାକାନ୍ତ ପଣ୍ଡା, ଗୋବିନ୍ଦ ଚନ୍ଦ୍ର ଓଝା, ସୁବର୍ଣ୍ଣ ଜୟନ୍ତୀ କମିଟିର ସମ୍ପାଦକ ହରିଶ୍ ଚନ୍ଦ୍ର ଦାଶ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ଓଝା, ସି ଆର ସି ସି ରାଜେନ୍ଦ୍ର କୁମାର ପାଣିଗ୍ରାହୀ ପ୍ରମୁଖ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଜୟ କୁମାର ସାହୁ ଖୁବ୍ ସୁନ୍ଦର ଭାବେ ସାହିତ୍ୟର ମଧୁର ଭାଷା ଓ ଶବ୍ଦ ମାଧମରେ ମଞ୍ଚ ସଂଯୋଜନା କରିଥିଲେ। ଏହି ଉତ୍ସବରେ ନୃତ୍ୟ, ସଙ୍ଗୀତ, ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ବ୍ୟକ୍ତି ମାନଙ୍କୁ ଏହି ଉତ୍ସବରେ ମାନପତ୍ର ଓ ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ସଂସଦ ଓ ସୁବର୍ଣ୍ଣ ଜୟନ୍ତୀ କମିଟି ପକ୍ଷରୁ ଏହି କାର୍ଯ୍ୟକ୍ରମ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ହୋଇଥିଲା ଏବଂ ଏଥିରେ ସମସ୍ତେ ମନ୍ତ୍ର ମୁଗ୍ଧ ହୋଇଥିଲେ। ଏହି ଉତ୍ସବରେ ସୁବର୍ଣ୍ଣ ଜୟନ୍ତୀ କମିଟିର ଉପଦେଷ୍ଟା ରଘୁନାଥ ପଣ୍ଡା, ସମାଜସେବୀ ପ୍ରଦୀପ୍ତ କୁମାର ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ଗୌରାଙ୍ଗ ଦାସ ଓ ବହୁ ଜ୍ଞାନୀ ଗୁଣୀ ବୁଦ୍ଧିଜୀବୀ , ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ। କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଏହି ଅବସରରେ ସୁବର୍ଣ୍ଣ ଜୟନ୍ତୀ କମିଟିର ସ୍ମରଣିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇ ଥିଲା।

# ବେତନଟୀ ପ୍ରିମିୟର ଲିଗ୍ ଚତୁର୍ଥ ଦିନ : ୧୧ ଷ୍ଟାର ମୋରଡା ଓ ବାହାନଡା ଟାଇଗର ବିଜୟ




ବେତନଟୀ, ୨୦/୧୨ (ନି.ପ୍ର): ବେତନଟୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗ ସିଜିନ -୧୨ର ଚତୁର୍ଥ ଦିନରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଟି ୧୧ ଷ୍ଟାର ମୋରଡା ଓ ଆରିୟନ ଫାଇଟର ମଧ୍ୟରେ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ବାହାନଡା ଟାଇଗର ଓ କାଲ ଭୈରବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚରେ ୧୧ ଷ୍ଟାର ମୋରଡା ୨୦ ଓଭରରେ ୯ ୱିକେଟ ହରାଇ ୧୪୮ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଜବାବରେ ଆରିୟନ ଫାଇଟର ୨୦ ଓଭରରେ ୭ ୱିକେଟ ହରାଇ ୧୩୩ ରନ କରି ପରାଜୟବରଣ କରିଥିଲା। ୧୨ ଷ୍ଟାର ମୋରଡା ର ଖେଳାଳି ଆଦିତ୍ୟ ବସା ୪ ଓଭରରେ ୨୦ ରନ୍ ଦେଇ ୩ ୱିକେଟ୍ ନେଇ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ସେହିଭଳି ଦ୍ୱିତୀୟ ମ୍ୟାଚରେ ବାହାନଡା ଟାଇଗର ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୦୯ ରନ ସଂଗ୍ରହ କରଥିଲା। କାଲ ଭୈରବ ୯.୫ ଓଭରରେ ସମସ୍ତ ୱିକେଟ ହରାଇ ୫୪ ରନ ସଂଗ୍ରହ କରି ପରାଜୟବରଣ କରିଥିଲା। ଏଥିରେ ବାହାନଡା ଟାଇଗର ଖେଳାଳି ପ୍ରତୋମ କୁମାର ବେହେରା ଅଲୋରାଉଣ୍ଡର ପ୍ରଦର୍ଶନ କରି ୮ ଟି ବୋଲ ରେ ୧୯ ରନ୍ ଓ ୨ ଓଭରେ ୧୦ ରନ୍ ଦେଇ ୩ ୱିକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଉଭୟ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ୍‌ଙ୍କୁ ଶିକ୍ଷକ ହୃଷିକେଶ ମହାନ୍ତ ଓ ସାମ୍ବାଦିକ ଅନୁପ କୁମାର ଦଣ୍ଡପାଟ ପୁରସ୍କୃତ କରିଥିଲେ। ଏହି ଖେଳକୁ ସୁଧାକର ପଣ୍ଡା ଓ ଅଭିନାଶ ନାୟକ ପରିଚାଳନା କରିଥିଲେ। ସ୍କୋର ଦାୟିତ୍ୱରେ ରବିନ୍ଦ୍ର ସାହୁ ଓ ଅନଲାଇନ ସ୍କୋର ଭାବରେ ଗୌରବ ନାଥ, ସୋରଜ ନାଥ ପରିଚାଳନା କରିଥିଲେ ।

# ୪୨ ତମ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବର ଉଦ୍ଘାଟନୀ ଉତ୍ସବ ଅନୁଷ୍ଠିତ

ଜଳେଶ୍ୱର, ୨୦/୧୨ (ନି.ପ୍ର): ଆସନ୍ତାକାଲିର ନବ ସମ୍ଭାବନାମାନଙ୍କର ଖିଲି ଖିଲି ହସ "ଶିଶୁ ହସିଲେ ଦୁନିଆ ହସେ" ଏହି ଉକ୍ତିକୁ ଉଜ୍ଜୀବିତ ରଖି ଶିଶୁର ଅନ୍ତରରୁ ଅଜ୍ଞାନର ଅମା ଅନ୍ଧକାରକୁ ଦୂରୀଭୂତ କରି ଆତ୍ମପ୍ରତ୍ୟୟ ସୃଷ୍ଟି କରିବା ସହ ତା' ଭିତରେ ଥିବା ପ୍ରତିଭାକୁ ସମାଜ ବିକାଶରେ ଉପଯୋଗ କରିବା ନିମନ୍ତେ ବାଲେଶ୍ୱର ଓଷ୍ଟା ତରଫରୁ ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳୀକୋଠା ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୪୨ ତମ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ଓ ସମ୍ବଦ୍ଧନା ପର୍ବ ଅପରାହ୍ନ ୪ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା ଓଷ୍ଟା ସଭାପତି ମନୋରଂଜନ ଦାସଙ୍କ ଅଧକ୍ଷାତରେ ଜଳେଶ୍ୱର ର ବିଧାୟକ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର ଉଦ୍ଘାଟକ ତଥା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶାଳୀକୋଠା ବାଗିଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟ ର ଅଧକ୍ଷ ଶ୍ରୀଯୁକ୍ତ ବିବେକାନନ୍ଦ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଶିଶୁ ଉତ୍ସବ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।ବ୍ଲକ ଅଧକ୍ଷ ମାନସ କୁମାର ଜେନା,ପୌରପରିଷଦ ଅଧକ୍ଷ ପ୍ରତାପ କୁମାର ପ୍ରଧାନ,ପୁରାତନ ବିଦ୍ୟାର୍ଥୀ ପରିଷଦ ତଥା ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ତାରାପଦ ମାହାନ୍ତି,ରାଜ୍ୟ ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ର,ବାଲେଶ୍ୱର ଜିଲ୍ଲା ବିଜ୍ଞାନ ପରିଦର୍ଶକ ହରେନ୍ଦ୍ର ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ବାଲେଶ୍ୱର ଓଷ୍ଟା ସଂପାଦକ ବିଜୟ କୁମାର ପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ।ଜଳେଶ୍ୱର ଓଷ୍ଟା ଉପ ସଭାପତି ସରୋଜ କୁମାର ପାଣିଗ୍ରାହୀ ମଞ୍ଚ ଆହ୍ୱାନ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସଂସ୍କୃତ ଶିକ୍ଷକ ଆଶୁତୋଷ ରଥ ବେଦପାଠ କରିଥିଲେ ।ସଙ୍ଗୀତ ଗୁରୁ ସରୋଜ କୁମାର ଦାସ ମହାପାତ୍ର ସ୍ୱର ସଂଯୋଜନା ରେ ସ୍କୁଲର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଓ ନୃତ୍ୟ ଗୁରୁ ଝାନସି ରାଣୀ ଦାସ ଙ୍କ ନିର୍ଦ୍ଦେଶନାରେ ଛାତ୍ରୀ ମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ ହୋଇଥିଲା ।ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶଶିକାନ୍ତ ପ୍ରଧାନଙ୍କୁ ଆଦର୍ଶ ଶିକ୍ଷକ,ପଦ୍ମଲାଭ ପ୍ରଧାନଙ୍କୁ ନାଟ୍ୟକାର ସମ୍ମାନ ଓ ୨୦୨୫ ମସିହା ରେ ମ୍ୟାଟ୍ରିକ ପରୀକ୍ଷାରେ ସୋର ବାଗୁଡ଼ି ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ଲିପ୍ସିତା ସାହୁ ଜିଲ୍ଲା ଟପର ସହ ରାଜ୍ୟ ଟପର ହୋଇ ଥିବାରୁ ତାଙ୍କୁ ମଧ ଜିଲ୍ଲା ଓଷ୍ଟା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇ ଥିଲା ।ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।ତା ପୂର୍ବରୁ ଦିନ ୧୧ ଘଟିକା ରେ ନାମ ପଞ୍ଜିକରଣ ,୧୧.୩୦ ମିନିଟ ସମୟରେ କାର୍ଯ୍ୟକାରି ବୈଠକ,ଦିନ ଗୋଟାଏ ରେ ଓଷ୍ଟା ପତାକା ଉତୋଳନ କରାଯାଇ ଥିଲା ।ସନ୍ଧ୍ୟା ୭ ଘଟିକା ସମୟରେ ତର୍କ,ଆବୃତ୍ତି,ଗଳ୍ପ ଲିଖନ,କବିତା ରଚନା,ଏକକ ଅଭିନୟ,ଏକକ ନୃତ୍ୟ,ସଧାରଣ ଜ୍ଞାନ,ବୁଦ୍ଧି ପରୀକ୍ଷା (ଲିଖିତ) ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା

# ଷ୍ଟେଟ୍ ବ୍ୟାଙ୍କ ପ୍ରାକ୍ତନ ଅଧିକାରୀଙ୍କ ପରଲୋକ

ବାଲେଶ୍ୱର, ୨୦/୧୨ (ନି.ପ୍ର): ଷ୍ଟେଟ ବ୍ୟାଙ୍କ ପ୍ରାକ୍ତନ ଅଧିକାରୀ ସ୍ୱର୍ଗତ ରତନ କିଶୋରା ଦେ (୭୧)ଙ୍କ ଶୁକ୍ରବାର ରାତି ୨.୩୦ ସମୟରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସପିଟାଲରେ ବାର୍ଦ୍ଧକ୍ୟ ଜନିତ ତଥା ହଠାତ୍ ଶରୀର ଅସୁସ୍ଥ ହୋଇ ପରଲୋକ ଗମନ କରିଛନ୍ତି। ମୃତ୍ୟୁ ଶର୍ଯ୍ୟା ନିକଟରେ ତାଙ୍କର ବଡ଼ପୁଅ ମୃଣୟକାନ୍ତି ଦେ, ମଝିଆ ପୁଅ ପ୍ରଣୟ ଦେ ଓ ସାନ ପୁଅ ଶୁଭମୟ ଦେ ଓ ସହଧର୍ମଣୀ ସ୍ୱପ୍ନାଶ୍ରୀ ଦେ'ଙ୍କୁ ନେଇ ତାଙ୍କ ପରିବାର ଗଠିତ । ସେ ଦୀର୍ଘ ୩୬ ବର୍ଷରୁ ଉର୍ଦ୍ଧ୍ୱ ଓଡ଼ିଶାର ବିଭିନ୍ନ ବ୍ରାଞ୍ଚରେ କାର୍ଯ୍ୟରତ ଥାଇ ଜଣେ ପରୋପକାରୀ, ଦରଦୀ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ସାଧାରଣରେ ପରିଚିତ ଥିଲେ । ଟାଉନ୍ ଥାନା ଅଞ୍ଚଳର ମୂଳ ବାସିନ୍ଦା ସେ ଦର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ଗଡ଼ଗଡ଼ିଆ ଅଞ୍ଚଳରେ ନିଜସ୍ୱ ଘରଦ୍ୱାର କରି ବସବାସ କରୁଥିଲେ । ସାମାଜିକ କ୍ଷେତ୍ରରେ ସେ ଓତପ୍ରୋତ ଭାବେ ଜଡ଼ିତ ଥିବାରୁ ମର ଶରୀରକୁ ରାଜନୈତିକ ଲୋକ, ବ୍ୟବସାୟୀ, ଚାକିରିଆ ଗୋଷ୍ଠୀ ଓ ଅନ୍ୟାନ୍ୟ ବହୁ ସାଧାରଣ ଲୋକ ସମେତ ତାଙ୍କର ଆଇନ ଉପଦେଷ୍ଟା ପର୍ଶୁରାମ ପ୍ରଧାନ, ରୋଟାରିଆନ ଜେ.ଏନ୍ ଆଶ୍, ଷ୍ଟେଟବ୍ୟାଙ୍କର ବହୁ ଅଫିସର, କର୍ମଚାରୀ, ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶବଧାରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସଂଧ୍ୟା ସୁଦ୍ଧା ବାଲିଘାଟ ସଶ୍ୟାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । ସ୍ୱାଗତିକା ଦେ (ବଡ଼ବୋହୂ) ଓ ଅଭିଭସା ଦାସ (ମଝିଆ ବୋହୂ) ତାଙ୍କର ଅଟନ୍ତି ।

ରବିବାର, ଡିସେମ୍ବର ୨୧, ୨୦୨୫

ଧ୍ୱନି ପ୍ରତିଧ୍ୱନି

# କୁପାରୀ ହାଇସ୍କୁଲର ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ଉତ୍ସବ




ଖଇରା, ୨୦/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ସରକାରୀ ଉଚ୍ଚ ବିଦ୍ୟାପୀଠର ବାର୍ଷୀକ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପିଲାଙ୍କ ନୃତ୍ୟଗୀତର ତାଳେ ତାଳେ ଶନିବାର ଉଦ୍‌ଯାପିତ ହୋଇ ଯାଇଛି । ପ୍ରଧାନଶିକ୍ଷକ ଜଗବନ୍ଧୁ ବେଶ୍ରାଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମୁଖ୍ୟ ଅତିଥି, ଡ ହରେକୃଷ୍ଣ ମହତାବ ମହାବିଦ୍ୟାଳୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଯୁଧିଷ୍ଠିର କୁଅଁର ମୁଖ୍ୟବକ୍ତା, ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ,ପୂର୍ବତନ ଶିକ୍ଷକ ଅକ୍ଷୟ କୁମାର ବାରିକ, ପୂର୍ବତନ ପ୍ରଧାନଶିକ୍ଷୟତ୍ରୀ ଆଶାଲତା ଦାସ,ପରିଚାଳନା କମିଟି ସଭାପତି ଦେବେନ୍ଦ୍ର କୁମାର ଜେନା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ପିଲାମାନଙ୍କୁ ଶିକ୍ଷା ସହ ସଂସ୍କାରିତ କରାଗଲେ ସେମାନଙ୍କ ଚଲାପଥ ସୁଗମ ହୋଇଥାଏ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ । ଏହି ଅବସରରେ ଚଳିତ ବର୍ଷ ବାଳିକା ବାଳକ ବିଭାଗ କ୍ରୀଡା ପ୍ରତିଯୋଗିତାରେ ତଥା ଜୁନିଅର, ସବଜୁନିଅର ଓ ସିନିଅର ସ୍ତରରେ ଚାମ୍ପିୟନ ହୋଇଥିବା ଦିପକ କୁମାର ନାଏକ, ଇତିଶ୍ରୀ ଦେଉରୀ, ପ୍ରଜ୍ଞା ସାହୁ, ପ୍ରିୟଙ୍କା ଜେନା, ସମର୍ଥ ସନ୍ଦିପ ସାହୁ ଓ ଶୁଭଦ୍ରା ସାହୁଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ସହକାରୀ ଶୀକ୍ଷକ ସଞ୍ଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।ଶେଷରେ ପିଲାମାନଙ୍କ ଦ୍ୱାରା ନୃତ୍ୟଗୀତ ପରିବେଷଣ କରାଯାଇଥିଲା ।

# ଘୋଷଣା ହେଲା ସମ୍ମାନଜନକ 'ମହୁରି' ସମ୍ମାନ

## ୨୦୨୪ ବର୍ଷ ପାଇଁ କବି ଡ. ପ୍ରୀତିଧାରା ସାମଲ ଓ ୨୦୨୫ ବର୍ଷ ପାଇଁ କଥାକାର ଡ. ନୃପରାଜ ସାହୁ ପାଇବେ ଏହି ସମ୍ମାନ

ଭବାନୀପାଟଣା, ୨୦/୧୨ (ନି.ପ୍ର): ଓଡ଼ିଆ ସାହିତ୍ୟର ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକା "ମହୁରି" ପକ୍ଷରୁ ଦୁଇ ବର୍ଷର ସମ୍ମାନଜନକ "ମହୁରି ସମ୍ମାନ" ଘୋଷଣା କରାଯାଇଛି । ୨୦୨୪ ବର୍ଷ ପାଇଁ ଏହି ସମ୍ମାନ ପାଇବେ କବି ଡ.ପ୍ରୀତିଧାରା ସାମଲ ଓ ୨୦୨୫ ବର୍ଷ ପାଇଁ ଏହି ସମ୍ମାନ ପାଇବେ କଥାକାର ଡ. ନୃପରାଜ ସାହୁ । ପ୍ରତିବର୍ଷ ମହୁରିରେ ଲେଖାଲେଖି କରୁଥିବା ଜଣେ ସାହିତ୍ୟିକଙ୍କୁ ଏହି ସମ୍ମାନ ପାଇଁ ମନୋନୀତ କରାଯାଉଥିବାବେଳେ ଡ. ପ୍ରୀତିଧାରା ସାମଲ ଓ ଡ. ନୃପରାଜ ସାହୁଙ୍କ ନାମକୁ ଚୟନ କମିଟି ସୁପାରିଶ କରିଛି । ଏନେଇ ଘୋଷଣା କରିବା ସହିତ ଆସନ୍ତା ଜାନୁଆରୀ-୨୦୨୬ରେ ଅନୁଷ୍ଠିତ ହେବାକୁ ଥିବା ମହୁରି ମହୋତ୍ସବରେ ଉଭୟଙ୍କୁ ସମ୍ମାନିତ କରାଯିବ ବୋଲି ମୁଖ୍ୟ ସଂପାଦକ ଡ. ଭବାନୀଶଙ୍କର ନିଆଲ ସୂଚନା ଦେଇଛନ୍ତି । ଗତ ୨୦୦୮ରୁ ନିୟମିତ ପ୍ରକାଶ ପାଇଆସୁଥିବା ଷାଣ୍ମାସିକ ସାହିତ୍ୟ ପତ୍ରିକା "ମହୁରି" ପକ୍ଷରୁ ବିଗତ ବର୍ଷମାନଙ୍କରେ ଲେଖକ ବିଷ୍ଣୁପଦ ସେଠୀ, ଗାଳ୍ପିକ ଓ ଔପନ୍ୟାସିକ ସତ୍ୟପ୍ରିୟ ମହାଳିକ, କବି ସୁଚେତା ମିଶ୍ର, ଗଦ୍ୟ ସାହିତ୍ୟର ବିଶିଷ୍ଟ ବିନ୍ଧାଣୀ ପ୍ରଫେସର ଆଦିକନ୍ଦ ସାହୁ, ପ୍ରାବନ୍ଧିକ ଚନ୍ଦ୍ରଶେଖର ହୋତା, କବି ଡ. ସୁରେଶ ନାୟକ, କବି ଲକ୍ଷ୍ମୀନାରାୟଣ ହୋତା, କବି ଗାୟତ୍ରୀବାଳା ପଣ୍ଡା ଓ କବି ରଂଜନ କୁମାର ଦାସ ଏହି ସମ୍ମାନରେ ସମ୍ମାନିତ ହୋଇସାରିଛନ୍ତି । ୧୯୭୩ ମସିହାରେ ଜନ୍ମିତ କବି ଡ. ପ୍ରୀତିଧାରା ସାମଲ ଛାତ୍ରୀ ଜୀବନରୁ ସାହିତ୍ୟ ସାଧନାରେ ରତ ଅଛନ୍ତି । କବିତା, ପ୍ରବନ୍ଧ, ଅନୁବାଦ ସହିତ ସାଂପ୍ରତିକ ପ୍ରସଙ୍ଗଭିତ୍ତିକ ଫିଚର ରଚନାରେ ସେ ସିଦ୍ଧହସ୍ତ ଅଟନ୍ତି । ସଂପ୍ରତି ସେ ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ସରକାରୀ ଡି.ଏ.ଭି. ମହାବିଦ୍ୟାଳୟ କୋରାପୁଟରେ ସହକାରୀ ପ୍ରଫେସର ଭାବେ କାର୍ଯ୍ୟରତ । ଏଯାବତ୍ ତାଙ୍କର ୫ଟି କବିତା ସଂକଳନ, ୧ଟି ଅନୁଦିତ ଶିଶୁ ଗଳ୍ପ ସଂକଳନ, ପ୍ରବନ୍ଧ ପୁସ୍ତକ: ରମାକାନ୍ତ ରଥଙ୍କ କବିତାର ଭାଷା ଓ ରଚନା ଶୈଳୀ ପ୍ରକାଶିତ ହୋଇଛି । ଓଡ଼ିଆ କାବ୍ୟ ସାହିତ୍ୟର ମୁଖ୍ୟସ୍ରୋତରେ ଜଣେ ସ୍ରୋତସ୍ୱିନୀ କବି ଭାବରେ ଡ. ସାମଲ ବେଶ୍ ଚର୍ଚ୍ଚିତ । କବିତାରେ ବିମ୍ବ ପ୍ରୟୋଗର ଅସାମାନ୍ୟ ଦକ୍ଷତା ଅନ୍ୟ ମାନଙ୍କୁ ଅଲଗା କରି ଠିଆ କରାଏ । କେତେବେଳେ ପ୍ରେମ ତ କେତେବେଳେ ପ୍ରତିବାଦ ତଥା ବିଦ୍ରୋହ ତାଙ୍କ କବିତାରେ ତୀକ୍ଷ୍ଣ ଭାବେ ପ୍ରତିଭାତ ହୁଏ । ନାରୀ ମନର ସୂକ୍ଷ୍ମ ଅନୁଶୀଳନ ଓ ଅନୁଭବ କବିତାରେ ସୁନ୍ଦର ଭାବରେ ଉପସ୍ଥାପନା କରିବା ନିମନ୍ତେ ୨୦୨୪ ବର୍ଷ ପାଇଁ ତାଙ୍କୁ ସମ୍ମାନଜନକ 'ମହୁରି ସମ୍ମାନ' ପ୍ରଦାନ କରାଯିବ । ସେହିପରି ୧୯୬୬ ମସିହାରେ ଜନ୍ମିତ କଥାକାର ଡ. ନୃପରାଜ ସାହୁ ଜଣେ ନୀରବ ସାହିତ୍ୟ ସାଧକ ଭାବରେ ଗୁଣଗ୍ରାହୀ ପାଠକଙ୍କ ନିକଟରେ ପରିଚିତ । ଗଳ୍ପ, କବିତା, ପ୍ରବନ୍ଧ, ଅନୁବାଦ ସାହିତ୍ୟରେ ସେ ବେଶ୍ ପରିଚିତ । ସଂପ୍ରତି ସେ ସୁବର୍ଣ୍ଣପୁର ଜିଲ୍ଲାପାଳ ଭାବେ କାର୍ଯ୍ୟରତ । ଏଯାବତ୍ ତାଙ୍କର ୨ଟି ଗଳ୍ପ ପୁସ୍ତକ, ଖଣ୍ଡିଏ କବିତା ସଂକଳନ ଓ ଗୋଟିଏ ଅନୁବାଦ ପୁସ୍ତକ ପ୍ରକାଶ ପାଇଛି । ଓଡ଼ିଆ କଥା ସାହିତ୍ୟରେ ଡ. ସାହୁ ବେଶ୍ ଚର୍ଚ୍ଚିତ । ତାଙ୍କ ଗଳ୍ପରେ ମଣିଷକୁ ସେ ନିଆରା ତଥା ଦରଦୀ ଭାବରେ ଉପସ୍ଥାପନ କରୁଥିବା ବେଳେ ପ୍ରକୃତି ଅତ୍ୟନ୍ତ ଚିତ୍ତାକର୍ଷକ ଭାବେ ଚିତ୍ରିତ ହୋଇ ପ୍ରକଟିତ ହୁଏ । ତାଙ୍କ ଗଳ୍ପରେ ଉପଯୁକ୍ତ ଚରିତ୍ର ଚିତ୍ରଣ ତଥା ଅସହାୟଙ୍କୁ ଯଥାଯଥ ନ୍ୟାୟ ପ୍ରଦାନ ନିମନ୍ତେ ୨୦୨୫ ବର୍ଷ ପାଇଁ ତାଙ୍କୁ ସମ୍ମାନଜନକ 'ମହୁରି ସମ୍ମାନ' ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି ।

# ଭଦ୍ରକ ଡିଜେ ମାଲିକଙ୍କ ଘରେ ଇଓଡବ୍ଲ୍ୟୁ

ଭଦ୍ରକ , ୨୦/୧୨ (ନି.ପ୍ର): ଭଦ୍ରକର ଯୁବ ବ୍ୟବସାୟ ତଥା ଭଦ୍ରାୟିଣୀ ଡିଜେ, ଭଦ୍ରାୟିଣୀ ଫୋଟଗ୍ରାଫି, ଭଦ୍ରାୟିଣୀ ମୋବାଇଲ ସୋରୁମ ସଂସ୍ଥାର ମାଲିକ ରାମ ନାରାୟଣ ବଳଙ୍କ ବାଇପାସ ସ୍ଥିତ ଘର, ସାବରଙ୍ଗ ଏରଡ଼ା ଓ ରମ୍ଭିଳା ଫାର୍ମ ହାଉସରେ ଇଓଡବ୍ଲ୍ୟୁର ୩ ଟିମର ଚଢ଼ାଉ । ସୂଚନା ଅନୁଯାୟୀ ଗତ ୩ ମାସ ପୂର୍ବେ ଆୟବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ଇଓଡବ୍ଲ୍ୟୁର ଏକ ଟିମ ଭଦ୍ରକ ବାସଭବନରୁ ଉଠାଇ ନେଇଥିଲା । ବର୍ତମାନ ରାମନାରାୟଣ ବଳ ଚୌଦ୍ୱାର ଜେଲରେ ଥିବାବେଳେ, କିଭଳି କେଉଁ ପରିସ୍ଥିତିରେ ରାମନାରାୟଣ ବଳ ହଠାତ ଏତେ ସଂସ୍ଥାର ମାଲିକ ହେବା ସହ ନାମିଦାମୀ ଗାଡି ସହ କୋଟି ପତି ହୋଇ ଅୟସ କରୁଥିଲେ ତାର ଖୋଲ ତାଡ଼ କରୁଛି ଇଓଡବ୍ଲ୍ୟୁ ଟିମ । ସେହିପରି ରାମନାରାୟଣ ବଳ ଯାଜପୁରରେ ରହି ବବି ଦାସଙ୍କ ଲିଙ୍କରେ ରହି ବିଭିନ୍ନ କାର୍ଯ୍ୟରେ ଲିପ୍ତ ରହି ଅର୍ଥ ଉପାର୍ଜନ କରୁଥିବାର ଚର୍ଚ୍ଚା ହେଉଛି । ତେବେ ରାମ ନାରାୟଣ ସହ କାହାର ଲିଙ୍କ ଅଛି ଇଓଡବ୍ଲ୍ୟୁର ତଦନ୍ତ ପରେ ଜଣା ପଡିବ ବୋଲି କୁହାଯାଉଛି ।

# ଜିଲ୍ଲାସ୍ତରୀୟ ୨ଦିନିଆ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ



ଭଦ୍ରକ, ୨୦/୧୨ (ନି.ପ୍ର): ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୫ ଆଜି ଉଦଯାପିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ମାନ୍ୟବର କ୍ୟାବିନେଟ୍ ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ, ଓଡିଶା ସରକାର, ଡଃ. କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ମାନ୍ୟବର ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ, ବାରିପଦା ବିଧାୟକ ଶ୍ରୀଯୁକ୍ତ ପ୍ରକାଶ ସୋରେନ, ବାଙ୍ଗିରିପୋଷି ବିଧାୟିକା ସୁଶ୍ରୀ ସଞ୍ଜଳି ମୁର୍ମୁ, ସାରସକଣା ବିଧାୟକ ଭାଦବ ହଂସଦା, ଆଦିବାସୀ ମୋର୍ଚା ରାଜ୍ୟ ସଭାପତି ବିଧାୟକ ଶ୍ରୀଯୁକ୍ତ କାନ୍ଦ୍ରା ସୋରେନ ଯୋଗଦାଦାନ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ରମଣି ରଞ୍ଜନ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ମୁଖ୍ୟମନ୍ତ୍ର ମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା, ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ । ରାଜ୍ୟରେ ଦୁଗ୍ଧ, ମାଂସ ଓ ଅଣ୍ଡା ଅଧିକ ଉତ୍ପାଦନ ହୋଇପାରିଲେ ଓଡିଶାର ଚାଷୀଟିଏ ସ୍ୱାବଲମ୍ବି ହୋଇ ଆତ୍ମନିର୍ଭରଶୀଳ ଭାରତର ଭାଗୀଦାର ହୋଇପାରିବ ବୋଲି ବୁଝାଇଥିଲେ । ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଭାଗର ବିଭିନ୍ନ ଯୋଜନା ଯଥା ମତ୍ସ୍ୟ ଚାଷ, ବାୟୋଫ୍ଲୋକ, ଗ୍ରାମ୍ୟ ପଞ୍ଚାୟତ ପୁଷ୍କରିଣୀରେ ମାଛ ଚାଷ ସମ୍ବନ୍ଧରେ ଉଲ୍ଲେଖ କରିଥିଲେ । ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ଅତିଥି ବୃନ୍ଦ ଏହି ମେଳାର ଉପାଦେୟତା ଉପରେ ଉପସ୍ଥିତ ଚାଷୀ ମାନଙ୍କୁ ବୁଝାଇଥିଲେ ଏବଂ ମେଳାରେ ସରକାରଙ୍କ ତରଫରୁ ଯେଉଁ ସବୁ ସୁବିଧା ସୁଯୋଗ ଉପଲବ୍ଧ ହେଉଛି ତାହାର ସୁଯୋଗ ନେବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ନିମନ୍ତ୍ରିତ ଅତିଥି ବୃନ୍ଦ ଜିଲ୍ଲାର ସଫଳ ପ୍ରାଣୀ ପାଳକଭାବେ ଗୋପବନ୍ଧୁ ନଗରର ଦେବାଶିଷ ନାୟକ ଓ ବେତନଟୀର ସଫଳ କୁକୁଡା ଚାଷୀ ସାଗରିକା ସେନାପତିଙ୍କୁ ମାନପତ୍ର ଓ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରିଥିଲେ ।

**AFFIDAVIT**

By virtue of an affidavit before the executive Magistrate Basudevpur, I Janmejaya Panda Son of Umakanta Panda permanent resident of At- Baikunthapur, P.O.- Brahamangan, P.s.- Basudevpur, Dist- Bhadrak, pin- 756165 state that I have changed my name from Janmejay Panda to my new name of Janmejaya Panda. Henceforth I shall known as Janmejaya Panda for all purposes.

**Janmejaya Panda**

# ସାମାଜିକ ସୁରକ୍ଷାରୁ ବଂଚିତ ବଣ୍ଡାବ ଗ୍ରାମର ମାଇନ, ବାବେ ଓ ଟୁନି



ଉଦଲା, ୨୦/୧୨ (ନି.ପ୍ର): ଯେ ହେଉଛି ମୟୂରଭଂଜ ଜିଲ୍ଲା କୁଳିଅଣା ବ୍ଲକ ଚାନ୍ଦୁଆ ପଂଚାୟତ ଅନ୍ତର୍ଗତ ବଣ୍ଡାବ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଦୁଃଖିରାମ କିସ୍କୁଙ୍କର ସହଧର୍ମିଣି 'ମାଇନ'ଙ୍କୁ ବର୍ତମାନ ବୟସ ୮୦ ବର୍ଷ ଛୁଇଁଲାଣି ବୋଲି ପରିବାରର ଲୋକେ ଜଣାଇଛନ୍ତି । ଆଧାରକାର୍ଡ଼ରେ ତୃଟିଥିବା ଯୋଗୁଁ ଏଥିରେ ତାଙ୍କର ବୟସ ୬୧ ବର୍ଷ ଦର୍ଶାଯାଇଛି କହିଛନ୍ତି । ତେବେ ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ଭତା ପାଇବା ପାଇଁ 'ମାଇନ' ବାରମ୍ବାର ଗୁହାରି ଜଣଇଛନ୍ତି କିନ୍ତୁ ବିଭାଗୀୟ କତୃପକ୍ଷ ତାଙ୍କର ଗୁହାରି ଆଦୌ ଶୁଣିନଥିବାର କଥା ଅଭିଯୋଗ କରିଛନ୍ତି । ସେହିପରି ଏହି ଗ୍ରାମର ବାସିନ୍ଦା ଭଗବାନ ହେମ୍ବ୍ରମଙ୍କର ୫୧ ବର୍ଷ ବୟସର ଅବିବାହିତ କନ୍ୟା 'ବାବେ' ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ଭତା ପାଇବାରୁ ବଂଚିତ ଅଛନ୍ତି । ପୁଣି ଏହି ଗ୍ରାମର ବାସିନ୍ଦା ବୁଧିଆ ମୁର୍ମୁଙ୍କର ସହଧର୍ମିଣି 'ଟୁନି'ଙ୍କୁ ବର୍ତମାନ ବୟସ ୬୫ ବର୍ଷ ଛୁଇଁଲାଣି । 'ଟୁନି' ମଧ ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ଭତା ପାଇପାରିନଥିବାର ଜଣାଇଛନ୍ତି । ଆଦିବାସୀ ଭାଇଭଉଣୀ ମାନଙ୍କର ସବୁପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକରୁଛି । ଯାହାର କାର୍ଯ୍ୟାଳୟ ସଦରମହକୁମା ବାରିପଦା ଠାରେ ରହିଛି । ଉକ୍ତ ତିନିଜଣ ଯାକ ମହିଳା ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳେ ଉକ୍ତ ପ୍ରକଳ୍ପ ତାଙ୍କୁ ସହଯୋଗର ହାତ ନବଢ଼ାଇ କାହିଁକି ଚୁପ ମାରି ବସିଛି ବୋଲି ଅନେକ ପ୍ରଶ୍ନ କରିଛନ୍ତି । ଜିଲ୍ଲା ପ୍ରଶାସନ ଏ ବାବଦରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସାଏଧାରଣରେ ଦାବି ହେଉଛି । ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ଏହି ମହିଳା ମାନେ ଖୁବ୍ ଦୁଃଖ ଓ ଯନ୍ତ୍ରଣା ମଧ୍ୟରେ ଦିନ ବିତାଇବାକୁ ବାଧ୍ୟ ହେଉଛନ୍ତି ।

# ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ମାଗଣା ଲ୍ୟାପଟପ୍ ବଣ୍ଟନ



ବାଲେଶ୍ୱର, ୨୦/୧୨ (ନି.ପ୍ର): ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗଜନ ସଶକ୍ତିକରଣ ବିଭାଗ, ଓଡ଼ିଶା, ଭୁବନେଶ୍ୱର ଅଧୀନରେ ଚାଲୁଥିବା "ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ମାଗଣା ଲ୍ୟାପଟପ୍" ଯୋଜନା ଅନ୍ତର୍ଗତ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ ପଢୁଥିବା +୩ ପ୍ରଥମ ବର୍ଷ ଓ ତା'ଠାରୁ ଉପର ସ୍ତରରେ ଅଧ୍ୟୟନରତ ଦୃଷ୍ଟିହୀନ ଛାତ୍ରଛାତ୍ରୀମାନଙ୍କୁ ମାଗଣା ଲ୍ୟାପଟପ୍ ପ୍ରଦାନ କରାଯାଇଛି । ଏହି ଯୋଜନା ଅନ୍ତର୍ଗତ ମୋଟ ୦୮ (ଆଠ) ଜଣ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ମାଗଣା ଲ୍ୟାପଟପ୍ ଯୋଗାଇ ଦିଆଯାଇଛି । ଏହି ଲ୍ୟାପଟପ୍‌ଗୁଡ଼ିକୁ ବାଲେଶ୍ୱର ଜିଲ୍ଲାପାଳ, ସଦର ସବ୍-କଲେକ୍ଟର ଓ ନୀଳଗିରି ସବ୍-କଲେକ୍ଟରଙ୍କ ଦ୍ୱାରା ପ୍ରଦାନ କରାଯାଇଛି । ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଦୃଷ୍ଟିହୀନ ଛାତ୍ରଛାତ୍ରୀମାନଙ୍କୁ ଡିଜିଟାଲ୍ ଶିକ୍ଷା ସୁବିଧା, ସହାୟକ ପ୍ରଯୁକ୍ତି ଓ ଅନଲାଇନ୍ ଶିକ୍ଷା ସାଧନରେ ସହଜ ପ୍ରବେଶ ଦେଇ ସେମାନଙ୍କର ଶିକ୍ଷାଗତ ଅଗ୍ରଗତି ଓ ସ୍ୱାବଲମ୍ବନକୁ ସୁନିଶ୍ଚିତ କରିବା ।

# ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ

ଭଦ୍ରକ, ୨୦/୧୨ (ନି.ପ୍ର): ଦୁଇ ଦିନ ଧରି ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୂଆବଜାର, ଭଦ୍ରକର ଦ୍ୱିଚତ୍ୱାରିଂଶତମ ବାର୍ଷିକୋତ୍ସବ ଛପୁଲିଆସ୍ଥିତ ନୂତନ ଶିଶୁ ବାଟିକା ଭବନରେ ଅନୁଷ୍ଠିତ ହୋଇଯାଇଛି । ବାର୍ଷିକ ଉସବର ଦ୍ୱିତୀୟ ଦିବସର ସଭାରେ ବିଦ୍ୟାଳୟର ପୂର୍ବଛାତ୍ର ତଥା ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡ଼ା, ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ସଭାମଣ୍ଡନ କରି ଆଗାମୀ ସମୟର ଆହ୍ୱାନରେ ଶିଶୁମାନଙ୍କର ଚରିତ୍ରବତାର ବିକାଶ ପାଇଁ ନୈତିକ ଓ ଆଧାତ୍ମିକ ଶିକ୍ଷାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଉପସଭାପତି ଅମ୍ବିକା ବଲ୍ଲଭ ସ୍ୱାଇଁ ଅତିଥି ମାନଙ୍କର ପରିଚୟ କରିଥିଲେ । ବିଦ୍ୟାଳୟର ସଭାପତି ବ୍ରଜ କିଶୋର ବଳ ସଭାରେ ସଭାପତିତ୍ୱ କରିଥିଲା ବେଳେ ସମ୍ପାଦକ ବିଭୁ ଚନ୍ଦନ ଜେନା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ବିଶେଷ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସମ୍ପନ୍ନ କରିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିବା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପ୍ରାନ୍ତ ସହ ପ୍ରଚାରକ ଓଡ଼ିଶା (ପୂର୍ବ) ଅସିତ୍ କୁମାର ସାହୁ ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ମାୟାଧର ଲେଙ୍କା ସଭାର ସମ୍ମୁଖ ଭାଗରେ ଉପସ୍ଥିତ ନିମନ୍ତ୍ରିତ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ଇତ୍ୟବସରରେ ବିଦ୍ୟାଳୟର ମୁଖପତ୍ର "ଭାରତୀ" ର ଉନ୍ମୋଚନ ମୁଖ୍ୟ ଅତିଥିଙ୍କ ଦ୍ୱାରା ହୋଇଥିଲା ଏବଂ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ ମୁଖ୍ୟ ଅତିଥିଙ୍କ ଦ୍ୱାରା କରାଯାଇଥିଲା । ଶେଷରେ କୋଷାଧକ୍ଷ ବସନ୍ତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଉକ୍ତ ଦୁଇ ଦିନର ବିବିଧ କାର୍ଯ୍ୟକ୍ରମକୁ ସଠିକ୍ ପରିଚାଳନା କରିଥିବାରୁ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ । ଅନୁରୂପ ଗତକାଲିର ଉଦ୍ଘାଟନୀ ଉତ୍ସବରେ ଭଦ୍ରକର ବିଧାୟକ ସୀତାଂଶୁ ଶେଖର ମହାପାତ୍ର ମୁଖ୍ୟ ଅତିଥି, ପ୍ରାଧାପକ ଅମୂଲ୍ୟ ପ୍ରସାଦ ନାୟକ, ସମ୍ପାଦକ, ପୂର୍ବୋତର ସମ୍ଭାଗ ଶିକ୍ଷା ବିକାଶ ସମିତି, ଓଡ଼ିଶା, ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ । ଉକ୍ତ ଉଦ୍ଘାଟନୀ ଉତ୍ସବରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ବ୍ରଜକିଶୋର ବଳ, ସମ୍ପାଦକ ବିଭୁ ଚନ୍ଦନ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଯୁଗ୍ମ ସମ୍ପାଦିକା ମିଲି ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । ଉପସଭାପତି ଅମ୍ବିକା ବଲ୍ଲଭ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । କୋଷାଧକ୍ଷ ବସନ୍ତ କୁମାର ମହାନ୍ତି, ସଦସ୍ୟ ସର୍ବେଶ୍ୱର ମହାପାତ୍ର ଓ ସଦସ୍ୟା ରୀନାରାଣୀ ଯେନା ଆସନ ମଣ୍ଡନକରିଥିଲେ । ଏତଦ୍ ବ୍ୟତୀତ ପୂର୍ବୋତର ସମ୍ଭାଗର ସମ୍ଭାଗ ସଂଯୋଜକ ବିଭୂତି ଭୂଷଣ ପାଇକରାୟ, ଭଦ୍ରକ ଜିଲ୍ଲା ପ୍ରମୁଖ ପ୍ରଫୁଲ୍ଲ କୁମାର ମହାପାତ୍ର ଓ ପୂର୍ବୋତର ସମ୍ଭାଗର କୋଷାଧକ୍ଷ ସରୋଜ କୁମାର ଓଝା ପ୍ରଭୃତି ଉପସ୍ଥିତ ଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଅଧିକାରୀବୃନ୍ଦ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ ଏବଂ ସଭାକାର୍ଯ୍ୟ ପରେ ବିଦ୍ୟାଳୟର ଶିଶୁ ଭାଇ ଓ ଭଉଣୀମାନଙ୍କ ଦ୍ୱାରା ରଙ୍ଗମଂଚ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ।

# ଚେକ୍ ବାଉନସ ମାମଲାରେ ମୁଦାଲାଙ୍କୁ ଏକବର୍ଷ ସଶ୍ରମ କାରାଦଣ୍ଡ

ନୀଳଗିରି , ୨୦/୧୨ (ନି.ପ୍ର): ବରହମପୁର ଡିଗ୍ରୀକଲେଜର କର୍ମଚାରୀ ଶ୍ରୀକାନ୍ତ ଦାସଙ୍କୁ ଏକ ଚେକ୍ ବାଉନସ୍ ମାମଲାରେ ମାନ୍ୟବର ଅଦାଲତ ଏକବର୍ଷ ସଶ୍ରମକାରାଦଣ୍ଡ ସହିତ ୪ଲକ୍ଷ ୫୦ହଜାର ଟଙ୍କା ମୁଦେଇଙ୍କୁ ଫେରସ୍ତ ନିମନ୍ତେ ରାୟ ଦେଇଛନ୍ତି । ସୂଚନା ଅନୁଯାୟୀ ବରହମପୁର ଥାନା ଅଧୀନସ୍ଥ ଧରମପୁର ଗ୍ରାମର ଶଙ୍କର୍ଷଣ ଦାସଙ୍କ ପୁଅ ଶ୍ରୀକାନ୍ତ ଦାସ ଯିଏକି ବରହମପୁର ଡିଗ୍ରୀ ମହାବିଦ୍ୟାଳୟରେ ଜଣେ କର୍ମଚାରୀ ଭାବରେ କାର୍ଯ୍ୟରତ ଅଛନ୍ତି ସେ ୨୦୨୩ ମସିହାରେ ଉକ୍ତ ଗ୍ରାମର ଆଦିତ୍ୟ ପ୍ରସାଦ ବେହେରାଙ୍କ ପୁଅ ପ୍ରଫୁଲ୍ଲ ବେହେରାଙ୍କ ଠାରୁ ୪ଲକ୍ଷ ଟଙ୍କା ଧାରସୂତ୍ରରେ ନେଇ ୧.୬.୨୦୨୩ତାରିଖରେ ଷ୍ଟେଟବ୍ୟାଙ୍କ ନୀଳଗିରି ଶାଖାର ୨୬୫୦୯୦ନମ୍ବର ଚେକ୍ ପ୍ରଦାନ କରିଥିଲେ । ମାତ୍ର ଏହା ବାଉନସ ଥିବାର ଜାଣି ଶ୍ରୀକାନ୍ତ ନୀଳଗିରି ଏସଡିଜେଏମଙ୍କ ଅଦାଲତରେ ୭୫/୨୩ଏକ ମାମଲା ରୁଜୁ କରିଥିଲେ । ସମସ୍ତ ଦସ୍ତାବେଜ ଏବଂ ସାକ୍ଷ୍ୟପ୍ରମାଣକୁ ଆଧାରକରି ଆଜି ମାନ୍ୟବର ଏସଡିଜେଏମ ମୋନାଲିସା ପଣ୍ଡା ମୁଦାଲା ଶ୍ରୀକାନ୍ତ ଦାସଙ୍କୁ ୧ବର୍ଷ ସଶ୍ରମ କାରାଦଣ୍ଡ ସହିତ ମୁଦେଇ ପ୍ରଫୁଲ୍ଲଙ୍କୁ ୬ମାସ ମଧ୍ୟରେ ୪ଲକ୍ଷ ୫୦ହଜାର ଟଙ୍କା ଫେରସ୍ତ ନିମନ୍ତେ ରାୟ ଶୁଣାଇଛନ୍ତି । ଉକ୍ତ ମକୋଦ୍ଦମାର ଦରଖାସ୍ତକାରିଙ୍କ ତରଫରୁ ବରିଷ୍ଠଆଇନଜୀବୀ ଦିଗମ୍ବର ସ ପରିଚାଳନା କରିଥିଲେ ।

# ଚତୁର୍ଥ ଦିବସ:ନୀଳଗିରି କ୍ରିକେଟ ଲିଗ୍ ସିଜିନ -୫



ନୀଳଗିରି , ୨୦/୧୨ (ନି.ପ୍ର): କେ.ସି ହାଇସ୍କୁଲ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ସିଜିନ-୫ ନୀଳଗିରି କ୍ରିକେଟ ଲିଗ୍ ର ଚତୁର୍ଥଦିବସର ମ୍ୟାଚକୁ ଯୁବସମାଜସେବୀ ତପନ କୁମାର ରାଉତ ଏବଂ ସୀମାସୁରକ୍ଷାବଳର ଅବସରପ୍ରାପ୍ତ ଇନ୍ସପେକ୍ଟର ଯୋଗେଶ୍ୱର ବେହେରା ଫିତାକାଟି ଆନୁଷ୍ଠାନିକ ଉଦଘାଟନ କରିଥିଲେ । ପ୍ରଥମମ୍ୟାଚ ଓମସାଇ ଷ୍ଟାରପାୱାର ଏବଂ ମହାବୀର ୟୁନାଇଟେଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ବେଳେ ଓମ୍ ସାଇ ପ୍ରଥମେ ବ୍ୟାଟିଂକରି ୧୧.୧ ଓଭରରେ ସମସ୍ତ ୱିକେଟ ହରାଇ ୮୩ରନ ସଂଗ୍ରହ କରିଥିଲା । ଜବାବରେ ମହାବୀର ୟୁନାଇଟେଡ ୨ୱିକେଟ ବିନିମୟରେ ମ୍ୟାଚକୁ ସହଜରେ ଜିତିନେଇଥିଲା । ମହାବୀର ୟୁନାଇଟେଡର ସତ୍ୟନାରାୟଣ ମଲ୍ଲିକ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଏହି ମ୍ୟାଚରେ ନୀଳଗିରି ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ପରବର୍ତ୍ତୀ ଦ୍ୱିତୀୟାର୍ଦ୍ଧ ମ୍ୟାଚ ୫ଏସ ଫାଇଟର ଏବଂ ମୁକ୍ତି -୧୧ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ଫାଇଟର୍ ଦଳ ୧୨ଓଭରରେ ୭ୱିକେଟ ହରାଇ ୯୭ରନ୍ ସଂଗ୍ରହ କରିଥିଲା । ଜବାବରେ ମୁକ୍ତି -୧୧ ଦଳ ୯.୩ଓଭରରେ ୩ୱିକେଟ ହରାଇ ନିର୍ଦ୍ଧାରିତ ରନ୍ ସଂଗ୍ରହକରି ବିଜୟଲାଭ କରିଥିଲା ବେଳେ କାହ୍ନା ସିଂ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ୨ନଂ ଜିଲ୍ଲାପରିଷଦ ସଭ୍ୟା ଉଷାରାଣୀ ରାଉଳ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ ।

**ମିଷ୍ଟାନ୍ନ ଭଣ୍ଡାର ପାଇଁ କୁଶଳୀ କାରିଗର ଓ ଦକ୍ଷତା ଥିବା ବ୍ୟକ୍ତି ଆବଶ୍ୟକ**

ସହରରେ ଥିବା ଏକ ସୁନାମଧନ୍ୟ ମିଷ୍ଟାନ୍ନ ଭଣ୍ଡାର ପାଇଁ ବିଭିନ୍ନ ଯୋଗ୍ୟତା ଥିବା ବ୍ୟକ୍ତିବିଶେଷ ଆବଶ୍ୟକ । ମିଠା ମିସ୍ତ୍ରୀ, ସେଲ୍ସ ମ୍ୟାନ, ତେଲାଇ ମିସ୍ତ୍ରୀ ଆବଶ୍ୟକ । ଯୋଗ୍ୟତା ଓ କୁଶଳତା ଅନୁଯାୟୀ ସେମାନଙ୍କର ପାରିଶ୍ରମିକ ଦିଆଯିବ । ୬ ହଜାର ଟଙ୍କାରୁ ୧୬ ହଜାର ଟଙ୍କା ପର୍ଯ୍ୟନ୍ତ ମାସିକ ବେତନ ପ୍ରଦାନ କରାଯିବ ।

ଯୋଗାଯୋଗ : ୯୬୯୩୬୫୯୪୭୩/ ୮୨୬୦୯୧୯୧୧୭

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida